NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
4 JULY 2025
ଶୁକ୍ରବାର
୪ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 50 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୫୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟିତ

# ଏସ୍‌ସି, ଏସ୍‌ଟିଙ୍କ ପାଇଁ ୬୯ ହଜାର କୋଟିର ପ୍ରାବଧାନ

**ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:**



**ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ ଶବରୀ ଭବନ**

**ଆଦିବାସୀ ସମାଜର ଉନ୍ନତି ପାଇଁ ମୋର ସର୍ବଶକ୍ତି ଲଗାଇବି: ମୁଖ୍ୟମନ୍ତ୍ରୀ**

ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠା କରାଯାଉଛି । ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେକର୍ଡ ୬୮ ହଜାର ୮୮୧ କୋଟିର ବିଶେଷ ପ୍ରାବଧାନ କରାଯାଇଛି । ନିୟମିତ କଲ୍ୟାଣକାରୀ ଯୋଜନା ବ୍ୟତୀତ ଏହି ଟଙ୍କା କେବଳ ତାଙ୍କ ପାଇଁ ଖର୍ଚ୍ଚହେବ । ଏହା ହେଉଛି ଆମ ସରକାରଙ୍କ ଜନଜାତିଙ୍କ ପାଇଁ ପ୍ରତିବଦ୍ଧତା ।

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ 'ଶବରୀ ସାଂସ୍କୃତିକ ଭବନ' ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି । ଶବରୀ ଭବନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ । କାରଣ, ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ - ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ ଏବଂ ଆଦିବାସୀ ଭାଇଭଉଣୀଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହିତ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ସାଂସ୍କୃତିକ ଜୀବନ ପାଇଁ ଅନୁପ୍ରେରଣା ଯୋଗାଇବ । ଆଦିବାସୀ ଭାଇ ଭଉଣୀମାନେ ଯେତେବେଳେ ଏଠାକୁ ଆସିବେ, ନିଜ ଘର ପରି ଅନୁଭବ କରିବେ । ଆପଣଙ୍କ ଶିକ୍ଷା, ଚିକିତ୍ସା, ନିଯୁକ୍ତି, ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ । ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନଶୈଳୀ, ଏକ ଆତ୍ମା । ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ । ଏହାକୁ ଜୀବିତ ରଖି, ପରିସ୍ଫୁଟ କରିବା ଦିଗରେ ଶବରୀ ଭବନ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେଉଁ ସମାଜ ତାଙ୍କର ମୂଳ ଚିହ୍ନକୁ ସମ୍ମାନ କରେ, ସେଇ ସମାଜ ତୀବ୍ର ଗତିରେ ଅଗ୍ରସର ହୁଏ । ଆମ ଆଦିବାସୀ ସମାଜ ଓଡ଼ିଶାର ଗର୍ବ, ଆମ ସଂସ୍କୃତିର ମୂଳ ଆଧାର । ଏହି ସମାଜକୁ ଆଗକୁ ଆଣିବା ପାଇଁ ମୁଁ ଏକ ଆଦିବାସୀ ସନ୍ତାନ ଭାବରେ ମୋ ସର୍ବଶକ୍ତି ଲଗାଇବି । ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ । ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ରାଜ୍ୟର ୨୪ ପ୍ରତିଶତ ଜନଜାତି । ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ । ଏହାକୁ କୁହାଯାଉଛି '୩୬ ପାଇଁ ୩୬' । ରାଜ୍ୟର ଡବଲ୍ ଇଞ୍ଜିନ୍ ସରକାର ଏକ ବର୍ଷର ସଫଳ ଯାତ୍ରା ପୂରଣ କରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ ନୂତନ ଶକ୍ତି ସହିତ ଜାରି ରଖିଛନ୍ତି । ଆଗାମୀ ଦିନରେ ବିକାଶର ଜୟଯାତ୍ରା ଆହୁରି ତ୍ୱରାନ୍ୱିତ ହେବ । ଏହି ବିକାଶ ଯାତ୍ରା ସମ୍ଭବ ହେବ ଯେତେବେଳେ ସରକାର, ଅଧିକାରୀ ଏବଂ ସାଧାରଣ ଜନତାଙ୍କ ଗୋଟିଏ ଲକ୍ଷ୍ୟ ହେବ, 'କେବଳ ରାଜ୍ୟର ବିକାଶ' । ଆମ ସରକାର କେବଳ ଅବିଭକ୍ତ ନୁହେଁ, ସାରା ରାଜ୍ୟକୁ ସମତୁଲ ଭାବେ ବିକାଶ କରିବା ପାଇଁ ବଦ୍ଧପରିକର । ▶▶ ୫

### ନାକଚଣା ଦ୍ୱାର ସମ୍ମୁଖରେ ଲାଗିଲା ତିନି ରଥ

## ଆଜି ନବମୀ ସନ୍ଧ୍ୟା ଦର୍ଶନ



**ପୁରୀ,୩।୭/ଏନ୍ଏନ୍ଏସ୍:**

**ସନ୍ଧ୍ୟା ୬ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ**

ଆସନ୍ତାକାଲି ଶ୍ରୀଜିଉଙ୍କ ନବମୀ ସନ୍ଧ୍ୟା ଦର୍ଶନ । ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ସରିସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା । ଆଉ ଦିନକ ପରେ ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂରତି । ଏଥିପାଇଁ ପ୍ରସ୍ତୁତିର ଅୟମାରମ୍ଭ ପୂର୍ବକ ତିନିରଥଙ୍କ ଦକ୍ଷିଣମୋଡ଼ କରାଯାଇଛି । ମହାପ୍ରଭୁଙ୍କ ପବିତ୍ର ବାହୁଡ଼ା ଯାତ୍ରାର ପୂର୍ବ ପ୍ରସ୍ତୁତି ତଥା ନୀତି ବହୁଳତା ଦୃଷ୍ଟିରୁ ଆସନ୍ତାକାଲି ଶୁକ୍ରବାର 'ସନ୍ଧ୍ୟା ଦର୍ଶନ' ଦିନ, ସନ୍ଧ୍ୟା ୬ଘଟିକା ଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ । ନିର୍ଦ୍ଧାରିତ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ଅନୁଷ୍ଠିତ ହେବା ପରେ ଶ୍ରୀଜିଉଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପାଦନ କରାଯିବ । ଭକ୍ତ ଓ ଶ୍ରଦ୍ଧାଳୁମାନେ ବାହୁଡ଼ା ଯାତ୍ରା ଦିନ ରଥାରୂଢ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ସୌଭାଗ୍ୟ ଲାଭ କରିପାରିବେ । ତେଣୁ ସନ୍ଧ୍ୟା ଦର୍ଶନ ସମ୍ପର୍କିତ ଏହି ବ୍ୟବସ୍ଥାକୁ, ମହାପ୍ରଭୁଙ୍କ ନୀତି ସମ୍ପାଦନରେ ନିଜର ସେବା ସମର୍ପଣ ମନେକରି ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ସହଯୋଗ କରିବେ ତଥା ସମସ୍ତ ସେବକ ନିଯୋଗଙ୍କ ସହଯୋଗ ଓ ସମନ୍ୱୟ କାମନା କରୁଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ତେବେ ନବମୀ ସନ୍ଧ୍ୟା ଦର୍ଶନରେ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡ୍ ସମ୍ପ୍ରସାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଜିକ୍‌ଯାକ୍ ବ୍ୟାରିକେଡ୍‌ରେ ରହି ଭକ୍ତ ତଥା ଶ୍ରଦ୍ଧାଳୁ ଦର୍ଶନ ପାଇଁ ▶▶ ୫

### ବିଏମ୍‌ସି ହିଂସା

## 'ସରେଣ୍ଡର୍' ପରେ ଗିରଫ ହେଲେ ଜଗନ୍ନାଥ ପ୍ରଧାନ



**ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:**

**ଗିରଫ ପୂର୍ବରୁ କହିଥିଲେ, ଆଇନକୁ ସମ୍ମାନ ଜଣାଇ ସରେଣ୍ଡର୍ ହୋଇଛି**

ଭୁବନେଶ୍ୱର ମହାନଗର ନିଗମରେ ଓଏଏସ୍ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଚାପରେ ଚାପି ହୋଇଛନ୍ତି । ଶେଷରେ ଡିସିପି ଅଫିସ ଯାଇ ସେ ନିଜ ସମର୍ଥକଙ୍କ ଗହଣରେ 'ସରେଣ୍ଡର୍' କରିଛନ୍ତି । ଏହି ଅବସରରେ ଆଇନକୁ ସମ୍ମାନ ଜଣାଇ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ପରେ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା । ତେବେ କୋର୍ଟ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛି । ଏପର୍ଯ୍ୟନ୍ତ ବିଏମ୍‌ସି ହିଂସା ଘଟଣାରେ ଜଗନ୍ନାଥ ପ୍ରଧାନଙ୍କୁ ମିଶାଇ ମୋଟ୍ ୬ଜଣ ଗିରଫ ହୋଇଛନ୍ତି । ଶ୍ରୀ ପ୍ରଧାନଙ୍କ ଗିରଫଦାରୀ ପରେ ଓଏଏସ୍ ସଂଘ ଆନ୍ଦୋଳନରୁ ଓହରିଯାଇଥିବା ଜଣାପଡିଛି ।

ଓଡ଼ିଶା ପ୍ରଶାସନିକ ଅଧିକାରୀ ସଂଘ ବା ଓଏଏସ୍ ସଂଘ ସମୂହ ଇସ୍ତଫା ଦେବା ଦାବିରେ ଅଟଳ ରହିବା ପରେ ସରକାର ସମସ୍ୟାରେ ▶▶ ୫

## ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ

**କଟକ, ଟିଟିଲାଗଡ଼, ୩।୭/ଏନ୍ଏନ୍ଏସ୍:**



**ଏକକାଳୀନ ୬ ସ୍ଥାନରେ ଚଢ଼ଉ**

**ନଗଦ ୬ ଲକ୍ଷ ୫୭ ହଜାର ଟଙ୍କା ଜବତ**


**୪ କୋଠା ଓ ୯ ପ୍ଲଟ୍ ସହିତ ଅନ୍ୟାନ୍ୟ ସମ୍ପତ୍ତି ଠାବ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି । ବଲାଙ୍ଗୀର ଭିଜିଲାନ୍ସ କୋର୍ଟ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଜାରି ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ଶ୍ରୀ ମାଝୀଙ୍କର ୬ଟି ଠିକଣାରେ ଚଢ଼ଉ କରିଛି । ଚଢ଼ଉ ବେଳେ ତାଙ୍କର ବିପୁଳ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ । ଏହି ସମ୍ପତ୍ତି ମଧ୍ୟରେ ୪ କୋଠା, ଗୋଟିଏ ମାର୍କେଟ୍ କମ୍ପ୍ଲେକ୍ସ, ୯ ଦାମୀ ପ୍ଲଟ୍ ଓ ୩୦୦ ଗ୍ରାମ୍ ସୁନାଗହଣା ସହ ଅନ୍ୟାନ୍ୟ ଜିନିଷ ଠାବ କରାଯାଇଛି । ଏହା ସହିତ ନଗଦ ୬ ଲକ୍ଷ ୫୭ ହଜାର ୫୦୦ ଟଙ୍କା ମଧ୍ୟ ଜବତ ହୋଇଛି ।

ଶ୍ରୀ ମାଝୀଙ୍କର ସମ୍ବଲପୁରରେ ଏକ ଦୁଇ ମହଲା କୋଠା ରହିଛି । ଏହାର ତଳ ମହଲାରେ ଏକ ବ୍ୟୁଟିପାର୍ଲର୍ ରହିଛି, ଯାହାକୁ ସହକାରୀ ନିର୍ବାହୀଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କ ପତ୍ନୀ ଚଳାଉଥିବା ଜଣାପଡ଼ିଛି । ଝାରସୁଗୁଡ଼ାର ବ୍ରଜରାଜନଗରରେ ତାଙ୍କର ଏକ ଦୁଇମହଲା କୋଠା ଅଛି । ସେଠାରେ ତାଙ୍କର ୪ ଦୋକାନ ଘର ମଧ୍ୟ ଅଛି । ସେହିପରି ଝାରସୁଗୁଡ଼ାର ଲହନ୍ଦାପୁରରେ ଦୁଇଟି କୋଠା ଅଛି । ଶ୍ରୀ ମାଝୀଙ୍କର ୯ଟି ଦାମୀ ପ୍ଲଟ୍ ଥିବାବେଳେ ସେଥିରୁ ୬ଟି ସମ୍ବଲପୁର ସହର ଉପକଣ୍ଠରେ, ଗୋଟିଏ ସମ୍ବଲପୁର ସହରରେ, ଗୋଟିଏ ବ୍ରଜରାଜନଗରରେ ଓ ଆଉ ଗୋଟିଏ ଝାରସୁଗୁଡ଼ାର ବଡ଼ମାଲରେ ରହିଛି । ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଏହି ସବୁ ଘର, ଦୋକାନ ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ଓ ମୂଲ୍ୟାୟନ ଜାରି ରହିଛି । ତାଙ୍କ ଘରୁ ନଗଦ ୬ ଲକ୍ଷ ୫୭ ହଜାର ୫୦୦ ଟଙ୍କା ସହିତ ୩୦୦ ଗ୍ରାମ୍ ସୁନାଗହଣା ମିଳିଛି । ସେହିପରି ତାଙ୍କର ବ୍ୟାଙ୍କ ଓ ଅନ୍ୟାନ୍ୟ ▶▶ ୫

## '‌ସୁରକ୍ଷିତ ବିଦ୍ୟୁତ୍ ଭିତ୍ତିଭୂମି ଆମର ପ୍ରାଥମିକତା'

**ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:**



ଲୋକସେବା ଭବନରେ ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ରାଜ୍ୟର ୩୦ ପ୍ରତିଶତରୁ ଅଧିକ ଲୋଡ୍‌ର ଚାହିଦା ପୂରଣ କରିଛି ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ । ଏହାସହ, ତାପଜ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମଧ୍ୟ କରିଥାଏ । ଓଡ଼ିଶା ବିଦ୍ୟୁତ ଉତ୍ପାଦନ ▶▶ ୫

## ୬ ଯାଏ ପ୍ରବଳରୁ ଅତିପ୍ରବଳ ବର୍ଷା

### ଅରେଞ୍ଜ ସହ ୟେଲୋ ୱାର୍ଣ୍ଣିଂ ଜାରି



**ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:**

ରାଜ୍ୟରେ ବର୍ଷା ଜାରି ରହିଥିବା ବେଳେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳ ଓ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଆକଳନ କରିଛି ପାଣିପାଗ ବିଭାଗ । ସେଥିପାଇଁ ଅରେଞ୍ଜ (କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ) ଓ ୟେଲୋ (ସତର୍କ ରୁହନ୍ତୁ) ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ଅର୍ଥାତ୍ ୪ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ (ଘଣ୍ଟା ପ୍ରତି ୩୦ରୁ ୪୦ କିମି) ଓ ବଜ୍ରପାତ ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ▶▶ ୫

## ୬ରେ ଖୋଲିବ ହୀରାକୁଦ ଡ୍ୟାମ୍‌ର ଗେଟ୍



**ସମ୍ବଲପୁର,ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:**

- ନିଷ୍କାସନ ହେବ ବର୍ଷର ପ୍ରଥମ ବନ୍ୟାଜଳ
- ଗେଟ୍ ଖୋଲିବାର ୪୮ ଘଣ୍ଟା ପୂର୍ବରୁ ଦିଆଯିବ ସୂଚନା
- କେତୋଟି ଗେଟ୍ ଖୋଲାଯିବ, ରବିବାର ନିଷ୍ପତ୍ତି

ଆସନ୍ତା ୬ ତାରିଖ (ରବିବାର)ରେ ଖୋଲିବ ହୀରାକୁଦ ଡ୍ୟାମ୍‌ର ଗେଟ୍ । ନିଷ୍କାସନ ହେବ ଚଳିତବର୍ଷର ପ୍ରଥମ ବନ୍ୟାଜଳ । ହୀରାକୁଦ ଡ୍ୟାମ୍‌ର ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା ଗୁରୁବାର ଏହି ସୂଚନା ଦେଇଛନ୍ତି ।

ମୁଖ୍ୟଯନ୍ତ୍ରୀ କହିଛନ୍ତି, ଆସନ୍ତା ରବିବାର ପୂଜାର୍ଚ୍ଚନା ପରେ ପୂର୍ବାହ୍ଣ ୧୦ଟା ବେଳେ ଗେଟ୍ ଖୋଲାଯିବ । କେତୋଟି ଗେଟ୍ ▶▶ ୫

### ସିଫୁଡ୍ ଏକ୍ସପୋ ଭାରତ-୨୦୨୫

# ଏକ୍ରିକ୍ ଓଡ଼ିଶାକୁ ପ୍ରଥମ ପୁରସ୍କାର

**ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:**




ଜୁଲାଇ ୧ରୁ ୩ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ବ୍ୟବସାୟିକ କେନ୍ଦ୍ର (ଟ୍ରେଡ୍ ସେଣ୍ଟର୍)ରେ ଅନୁଷ୍ଠିତ ହୋଇଥିବା 'ସିଫୁଡ୍ ଏକ୍ସପୋ ଭାରତ-୨୦୨୫ (ଏସ୍‌ଇବି-୨୫)'ରେ ଓଡ଼ିଶାରୁ ଅଂଶ ଗ୍ରହଣ କରିଥିବା ଇସିଆର୍‌ଆଇସିସି(ଏକ୍ରିକ୍) ପ୍ରକଳ୍ପ ସରକାରୀ କ୍ଷେତ୍ର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି । ଜଳବାୟୁ ସହନଶୀଳତା ବୃଦ୍ଧି ପରିପ୍ରେକ୍ଷୀରେ ଓଡ଼ିଶାରେ କାର୍ଯ୍ୟକାରୀ ଭାରତର କୋଷ୍ଟାଲ୍ କମ୍ୟୁନିଟିଙ୍କର ଇସିଆର୍‌ଆଇସିସି (ଏକ୍ରିକ୍) ପ୍ରକଳ୍ପ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି । ଏହି ସ୍ୱୀକୃତି ଏକ୍ରିକ୍, ଓଡ଼ିଶାର ଜଳବାୟୁ ସହନଶୀଳ ଜଳଚାଷ ଏବଂ ସମାବେଶୀ ଗୋଷ୍ଠୀଭିତ୍ତିକ ବିକାଶ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରୟାସକୁ ପ୍ରତିଫଳିତ କରିଛି । ଏଥିରେ ଓଡ଼ିଶାରେ ଜଳବାୟୁ ସହନଶୀଳ କଙ୍କଡ଼ା ଚାଷ ସମ୍ପର୍କରେ ଆକର୍ଷଣୀୟ ଉପସ୍ଥାପନ କରାଯାଇଥିଲା ।

ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଅଧୀନରେ ସାମୁଦ୍ରିକ ଉତ୍ପାଦ ଉନ୍ନୟନ କର୍ତ୍ତୃପକ୍ଷ(ଏମ୍‌ପିଇଡିଏ) ଦ୍ୱାରା ଆୟୋଜିତ ଏହି ଏକ୍ସପୋ, ଭାରତର ମାଛ ସହ ଓ ଜଳଚାଷ ମୂଲ୍ୟ ଶୃଙ୍ଖଳା(ଭାଲ୍ୟୁ ଚେନ୍) କ୍ଷେତ୍ର ପାଇଁ ସମସ୍ତ ଅଂଶୀଦାରମାନଙ୍କ ନିମନ୍ତେ ବୃହତ୍ ସୁଯୋଗ ସୃଷ୍ଟି କରିଥିଲା । ଏହି ଏକ୍ରିକ୍ ପ୍ରକଳ୍ପ ଜାତୀୟ ସ୍ତରରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ (ଜିସିଏଫ୍) ଏବଂ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ(ୟୁଏନ୍‌ଡିପି) ସହଯୋଗରେ ଏବଂ ଓଡ଼ିଶାରେ ଏହା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ।

ଏହି ପ୍ରକଳ୍ପ ସାମୁଦ୍ରିକ ଉପକୂଳବର୍ତ୍ତୀ ଗୋଷ୍ଠୀ ସମୁଦାୟଙ୍କରେ ସ୍ଥାୟୀ ପରିସଂସ୍ଥାଭିତ୍ତିକ ଏବଂ ଜଳବାୟୁ ସହନଶୀଳ ଜୀବନ ଜୀବିକାକୁ ପ୍ରୋତ୍ସାହିତ କରୁଛି । ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା କେତେକ ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି ଓଡ଼ିଶା । ଓଡ଼ିଶା ଏହାର ସଶକ୍ତ ସ୍ଥାନୀୟ ସଂସ୍ଥା ଓ ଜଳବାୟୁ ଚାମ୍ପିଅନଙ୍କ ସମର୍ଥନରେ ବୈଜ୍ଞାନିକ ପଦ୍ଧତିରେ ସ୍ୱତନ୍ତ୍ର ଭାବେ କଙ୍କଡ଼ା ଚାଷ, ସୁନ୍ଦର ରଙ୍ଗୀନ ମାଛ ଚାଷ ଏବଂ ସ୍ଥାୟୀ ଜଳଚାଷ ଅଭ୍ୟାସ ପୂର୍ବକ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛି । ଏହି ପରିଯୋଜନା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଏବଂ ୨୦୩୬ ମସିହା ସୁଦ୍ଧା 'ବିକଶିତ ଓଡ଼ିଶା' ପାଇଁ ରାଜ୍ୟର ପ୍ରତିବଦ୍ଧତା ସହ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ଆଭିମୁଖ୍ୟରେ ଉଲ୍ଲେଖନୀୟ ଯୋଗଦାନ ଏବଂ ଉଦ୍ୟମ ବୃଦ୍ଧି କରିବ ।

ଆୟୋଜିତ ପ୍ରଦର୍ଶନୀରେ ଏକ୍ରିକ୍, ଓଡିଶା ନିର୍ଦ୍ଦିଷ୍ଟ ଷ୍ଟଲ୍‌ରେ ଏହାର ସାମୁଦ୍ରିକ ଖାଦ୍ୟ ବ୍ୟବସାୟ, ଚିଙ୍ଗୁଡ଼ି ଚାଷ, ଏହାର ଉତ୍ପାଦନ କୌଶଳ, ମୂଲ୍ୟଯୁକ୍ତ ଉତ୍ପାଦ ଓ ଅନ୍ୟାନ୍ୟ ବୈଷୟିକ ଅଧିବେଶନକୁ ଗୁରୁତ୍ୱ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ ପୂର୍ବକ ଏହାର ସଫଳତାକୁ ପ୍ରଦର୍ଶିତ କରିଥିଲା । ପୋଖରୀ-ଭିତ୍ତିକ ମଡ୍ କ୍ରାବ୍ ଆକ୍ୱାକଲ୍‌ଚର୍‌ର ଲାଇଭ୍ ଉପସ୍ଥାପନ, ଏହି ଷ୍ଟଲ୍‌ର ଏକ ପ୍ରମୁଖ ଆକର୍ଷଣ ଥିଲା, ଯାହା ପ୍ରଦର୍ଶନୀ ପରିଦର୍ଶନ କରୁଥିବା ପ୍ରତିନିଧିମାନଙ୍କୁ ଆକୃଷ୍ଟ କରିଥିଲା । ଓଡ଼ିଶାରୁ ରାଜ୍ୟ ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ରୁ ଅଧିକାରୀ, ଜଳବାୟୁ ଚାମ୍ପିଅନ୍, କଙ୍କଡ଼ା ଚାଷୀ ହିତାଧିକାରୀଙ୍କ ସମେତ ୧୪ଜଣିଆ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କର ଅଂଶଗ୍ରହଣ ପାରସ୍ପରିକ ଜ୍ଞାନ ଆହରଣ ଓ ଭାଗିଦାରିତା ବୃଦ୍ଧି ସକ୍ଷମ କରିବା ସହ ଗୋଷ୍ଠିଭିତ୍ତିକ ଜଳଚାଷ କରିବାରେ ନୂତନ ଅନ୍ୱେଷଣର ମାର୍ଗ ପ୍ରଶସ୍ତ କରିଛି ।

## ମଧ୍ୟପ୍ରଦେଶରେ ଆଉ ଏକ ବଡ଼ ଜାଲିଆତି

# ନକଲି ସ୍କୁଲ୍, ଭୂତ ଛାତ୍ରଙ୍କ ନାଁରେ ୫୭ ଲକ୍ଷ ଟଙ୍କା ଚଳୁ

**ଭୋପାଳ,୩।୭/ଏଜେନ୍ସି:** ମଧ୍ୟପ୍ରଦେଶରୁ ଏକ ବଡ଼ ଧରଣର ଘୋଟାଲା ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ 'ଭୂତ ବିଦ୍ୟାଳୟ ନକଲି ଛାତ୍ରଛାତ୍ରୀଙ୍କ ଉପସ୍ଥାନ' ଦେଖାଇ ପ୍ରାୟ ୫୭ ଲକ୍ଷ ଟଙ୍କାର ସଂଖ୍ୟାଲଘୁ ଛାତ୍ରବୃତ୍ତି ଘୋଟାଲା କରାଯାଇଛି। ଭୋପାଳର ୪୦ରୁ ଅଧିକ ନକଲି ମଦ୍ରାସା ଏବଂ ସଂଖ୍ୟାଲଘୁ ବିଦ୍ୟାଳୟ ତଥା ମିଛ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରସ୍ତୁତ କରାଯାଇ ସରକାରୀ ପାଣ୍ଠିକୁ ହଡ଼ପ କରାଯାଇଛି। ଜାତୀୟ ଗଣମାଧ୍ୟମ ଏନ୍‌ଡିଟିଭି ପକ୍ଷରୁ କରାଯାଇଥିବା ଏକ ଗ୍ରାଉଣ୍ଡଲେବଲ୍ ତଦନ୍ତରୁ ଏହି ଘଟଣା ସାମ୍ନାକୁ ଆସିଛି। ତଦନ୍ତ ସମୟରେ ଜଣାପଡିଥିଲା ଯେ, ଏସବୁ ମଦ୍ରାସା କେବଳ ନାମକୁ ମାତ୍ର ଖୋଲାଯାଇଥିଲା, ଏଠାରେ କେବେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ କିମ୍ବା କୌଣସି ଛାତ୍ରଛାତ୍ରୀ ଅଧ୍ୟୟନ କରୁନାହାନ୍ତି। ଆଉ କେତେକ ସଂସ୍ଥା ଅନୁଷ୍ଠାନ ନାମରେ ଏକ ଭଡା ଘର ନେଇ କେବଳ ସ୍କୁଲର ବୋର୍ଡ ଲଗାଇଥିଲେ, ସ୍କୁଲ କେବେ ବି ଖୋଲାଯାଇନଥିଲା। ତଥାପି ଏସବୁ ଅନୁଷ୍ଠାନ ତଥା ବୋର୍ଡ ନିଜ ରେକର୍ଡରେ ମିଛ ସ୍କୁଲ ପିଲାମାନଙ୍କ ଏକ ଉପସ୍ଥାନ ପ୍ରସ୍ତୁତ କରିବା ପୂର୍ବକ ଛାତ୍ରବୃତ୍ତି ପ୍ରଦାନ ପାଇଁ ଆବେଦନ ବା ଦାବି କରିଥିଲେ। କେବଳ ସେତିକି ନୁହେଁ, ଏହି ଘଟଣାର ତଦନ୍ତକାରୀ ଏଜେନ୍ସି କ୍ରାଇମବ୍ରାଞ୍ଚ ଅନୁଯାୟୀ, ଉପଯୁକ୍ତ ସ୍ୱୀକୃତି ବିନା ଅନେକ ପ୍ରତିଷ୍ଠାନ - କିଛି କେବଳ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅନୁମୋଦିତ କିନ୍ତୁ ସେମାନେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ନାମରେ ଛାତ୍ରବୃତ୍ତି ଦାବି କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଏହିପ୍ରକାରେ ମୋଟ୍ ୫୭.୭୮ ଲକ୍ଷ ଟଙ୍କା ହଡ଼ପ କରାଯାଇଛି। ଏଥିପାଇଁ ୯୭୨ ଛାତ୍ରଛାତ୍ରୀଙ୍କ ମିଛ ନାମ ଓ ଠିକଣା ବ୍ୟବହାର କରାଯାଇଛି। ଅତିରିକ୍ତ ପୁଲିସ୍ ଡେପୁଟି କମିଶନର ଶୈଳେନ୍ଦ୍ର ସିଂହ ଚୌହାନ କହିଛନ୍ତି, 'ଆମେ ୪୦ ଟି ସ୍କୁଲ ଏବଂ ମାଦ୍ରାସାର ପରିଚାଳକଙ୍କ ବିରୁଦ୍ଧରେ ଏଫଆଇଆର ଦାଖଲ କରିଛୁ। ଯଦି ଛାତ୍ରମାନେ ନିଜେ ନକଲି ବୋଲି ପ୍ରମାଣିତ ହୁଅନ୍ତି, ତେବେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।' ଅନ୍ୟପକ୍ଷେ ଏହି ଦୁର୍ନୀତି ଏକ ରାଜନୈତିକ ବିବାଦ ସୃଷ୍ଟି କରିଛି। ବିରୋଧୀ ଦଳ ବିଜେପି ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରି ଏହାକୁ ଶିକ୍ଷା ସମ୍ବନ୍ଧୀୟ ଦୁର୍ନୀତିର ବର୍ଦ୍ଧିତ ତାଲିକାରେ ଆଉ ଏକ ଦୁର୍ନୀତି ବୋଲି କହିଛନ୍ତି।



## ଘାନାର ଜାତୀୟ ସମ୍ମାନ ଗ୍ରହଣକଲେ ମୋଦୀ

# ଘାନା-ଭାରତ ୪ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ,୩।୭/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ତାଙ୍କର ପଞ୍ଚରାଷ୍ଟ୍ରୀୟ ଗସ୍ତ ଆରମ୍ଭ କରିଥିବାବେଳେ ପ୍ରଥମ ଗସ୍ତ ଭାବେ ଘାନାରେ ପହଞ୍ଚିଛନ୍ତି। ସେଠାରେ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ପାଇବା ପରେ ମୋଦୀ ଘାନା ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୋଦୀଙ୍କୁ ଘାନା ସରକାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କରିଛନ୍ତି। ଘାନା ରାଷ୍ଟ୍ରପତି ଜନ ଡ୍ରାମାନି ମାହାମା, ମୋଦୀଙ୍କୁ ଦ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର ଅଫ୍ ଘାନା' ସମ୍ମାନରେ ସମ୍ମାନିତ କରିଛନ୍ତି।

ପରେ ପରେ ମୋଦୀ ଗୁରୁବାର ଅପରାହ୍ନରେ ଘାନା ସଂସଦକୁ ସମ୍ବୋଧିତ କରି କହିଛନ୍ତି ଯେ, ଘାନା ପକ୍ଷରୁ ତାଙ୍କୁ ମିଳିଥିବା ସମ୍ମାନ କେବଳ ତାଙ୍କ ପାଇଁ ନୁହେଁ ବରଂ ୧୪୦ କୋଟି ଭାରତୀୟଙ୍କ ପାଇଁ ବଡ଼ ସମ୍ମାନ। ଗଣତନ୍ତ୍ର, ମର୍ଯ୍ୟାଦା ଏବଂ ସ୍ଥିରତାର ଭୂମି ଘାନାକୁ ଆସିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ଘାନାବାସୀଙ୍କୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତର୧୪୦ କୋଟି ନାଗରିକଙ୍କ ପ୍ରତିନିଧି ଭାବେ ଅଭିବାଦନ ଜଣାଇଛନ୍ତି ଶ୍ରୀ ମୋଦୀ। ମୋଦୀ କହିଛନ୍ତି, ପ୍ରକୃତ ଗଣତନ୍ତ୍ର ଆଲୋଚନା ଏବଂ ବିତର୍କକୁ ପ୍ରୋତ୍ସାହିତ କରେ। ଏହା ଲୋକଙ୍କୁ ଏକତ୍ର କରେ। ଏହା ମର୍ଯ୍ୟାଦାକୁ ସମର୍ଥନ କରେ ଏବଂ ମାନବାଧିକାରକୁ ପ୍ରୋତ୍ସାହିତ କରେ। ଭାରତୀୟ ଲୋକତନ୍ତ୍ର ଏକ ବ୍ୟବସ୍ଥା ନୁହେଁ, ଏହା ସଂସ୍କାର। ହଜାର ବର୍ଷରୁ, ଲୋକତନ୍ତ୍ରର ଭାବନା ଭାରତୀୟ ସମାଜକୁ ନିରନ୍ତର ଗତି ପ୍ରଦାନ କରୁଛି।

ଦୁଇ ନେତା ପ୍ରତିବନ୍ଧିତ ତଥା ପ୍ରତିନିଧିମଣ୍ଡଳ ସ୍ତରୀୟ ବ୍ୟାପକ ଆଲୋଚନା କରିଥିଲେ। ସେମାନେ ସମ୍ପର୍କକୁ ଏକ ବ୍ୟାପକ ସହଭାଗୀତା ସ୍ତରକୁ ବୃଦ୍ଧି କରିବା ପାଇଁ ସହମତ ହୋଇଥିଲେ। ଉଭୟ ନେତା ଭାରତ ଏବଂ ଘାନା ମଧ୍ୟରେ ନିବିଡ଼ ଏବଂ ସମୟୋଚିତ ସମ୍ପର୍କକୁ ପୁନଃସ୍ଥାପିତ କରିବା ଉପରେ ଚର୍ଚ୍ଚା କରିଥିଲେ । ଏଥି ସହିତ ବାଣିଜ୍ୟ ଓ ନିବେଶ,




କୃଷି, ଦକ୍ଷତା ବିକାଶ, ଡିଜିଟାଲ୍ ପ୍ରଯୁକ୍ତି, ଭିତ୍ତିଭୂମି ଏବଂ ଜନ ସମ୍ପର୍କ ସମେତ ପ୍ରମୁଖ କ୍ଷେତ୍ରରେ ସହଯୋଗ ବିସ୍ତାର କରିବାର ଉପାୟ ଉପରେ ଆଲୋଚନା କରିଥିଲେ। ସେମାନେ ଘାନାରେ ବୃଦ୍ଧି ପାଉଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଭାରତୀୟ ନିବେଶକୁ ସ୍ୱାଗତ କରିଥିଲେ। ଦୁଇ ନେତା ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ସହଭାଗୀତାକୁ ସୁଦୃଢ଼ କରିବା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ବିଶେଷକରି ସେମାନେ ଭାରତ-ସମର୍ଥିତ ଭିତ୍ତିଭୂମି ଏବଂ କ୍ଷମତା-ବିକାଶ ପ୍ରକଳ୍ପ ମାଧ୍ୟମରେ ସହଭାଗୀତାକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଭାରତ ସ୍ୱାସ୍ଥ୍ୟ, ଔଷଧ, ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ୟୁପିଆଇ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ନିଜର ଅଭିଜ୍ଞତା ବାଣ୍ଟିବାକୁ ପ୍ରସ୍ତାବ ଦେଇଥିଲା । ପ୍ରଧାନମନ୍ତ୍ରୀ ବିଶ୍ୱର ଦକ୍ଷିଣଭାଗର ସମସ୍ୟାକୁ ସମାଧାନ କରିବା ଉପରେ ଭାରତର ଗଭୀର ପ୍ରତିବଦ୍ଧତା ପ୍ରକାଶ କରିଥିଲେ ଏବଂ ଏହି କ୍ଷେତ୍ରରେ ଘାନାର ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଘାନାରେ ୧୫,୦୦୦ ସଶକ୍ତ ଭାରତୀୟ ସମ୍ପ୍ରଦାୟଙ୍କ ଯତ୍ନ ପାଇଁ ରାଷ୍ଟ୍ରପତି ମହାମାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ।

ଉଭୟ ନେତା ମିଳିତ ଜାତିସଂଘର ସଂସ୍କାର ସମେତ ପାରସ୍ପରିକ ହିତସାଧନର ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସହଯୋଗ ଏବଂ ଏକତା ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ମହାମାଙ୍କୁ ଧନ୍ୟବାଦ ଜଣାଇଥିଲେ। ଆତଙ୍କବାଦ ବିରୁଦ୍ଧରେ ବିଶ୍ୱସ୍ତରୀୟ ଲଢ଼େଇକୁ ମଜବୁତ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ପ୍ରଧାନମନ୍ତ୍ରୀ ଘାନାର ବୃଦ୍ଧି ପାଉଥିବା ଅନ୍ତର୍ଜାତୀୟ ପୃଷ୍ଠଭୂମି ପାଇଁ ଅଭିନନ୍ଦନ ଜଣାଇଥିଲେ, ଯେଉଁଥିରେ ଜାତିସଂଘ ମାନବାଧିକାର ପରିଷଦରେ ଏହାର କାର୍ଯ୍ୟକାଳ ଏବଂ ଘାନାର ବୈଦେଶିକ ମନ୍ତ୍ରୀଙ୍କ ରାଜ୍ୟଗୋଷ୍ଠୀ ସଚିବ-ସାଧାରଣ ଭାବରେ ନିର୍ବାଚିତ ହେବା ଅନ୍ତର୍ଭୁକ୍ତ । ଉଭୟ ନେତା ଗଣତାନ୍ତ୍ରିକ ମୂଲ୍ୟବୋଧ, ଦକ୍ଷିଣ-ଦକ୍ଷିଣ ସହଯୋଗ ଏବଂ ସ୍ଥାୟୀ ବିକାଶ ଓ ବିଶ୍ୱ ଶାନ୍ତି ପାଇଁ ଏକ ସମନ୍ୱିତ ଦୃଷ୍ଟିକୋଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ।

# ୨୧ରୁ ସଂସଦର ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୩।୭/ଏଜେନ୍ସି:** ସଂସଦୀୟ ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହେବ ଏବଂ ଅଗଷ୍ଟ ୨୧ ତାରିଖ ଯାଏଁ ଚାଲିବ। ପୂର୍ବରୁ ଜୁଲାଇ ୨୧ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏବେ ଏହାକୁ ଆଉ ୯ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅର୍ଥାତ୍ ଆଗାମୀ ମୌସୁମୀ ଅଧିବେଶନ ମାସକ ଯାଏ ଚାଲିବ। ଏହି ସମୟ ମଧ୍ୟରେ ଦେଶ ସ୍ୱାଧୀନତା ଦିବସ ମଧ୍ୟ ପାଳନ କରିବ। ଏସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ରିଜିଜୁଙ୍କ କହିବାନୁସାରେ



ମୁତାବକ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମୌସୁମୀ ଅଧିବେଶନର ଏହି ନୂଆ ତାରିଖକୁ ମଞ୍ଜୁରୀ ଦେଇଛନ୍ତି। ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ସକାଳ ୧୧ଟାରୁ ଆରମ୍ଭ ହେବ।

ସାଧାରଣତଃ ସଂସଦର ମୌସୁମୀ ଅଧିବେଶନ ସ୍ୱାଧୀନତା ଦିବସ ଅର୍ଥାତ ଅଗଷ୍ଟ ୧୫ ତାରିଖ ପୂର୍ବରୁ ଶେଷ ହୋଇଯାଇଥାଏ। ହେଲେ ଏଥର କିନ୍ତୁ ମୌସୁମୀ ଅଧିବେଶନ ଅଗଷ୍ଟ ୧୫ ତାରିଖ ପରେ ମଧ୍ୟ ଚାଲିବ। ତେବେ ଏଥର ପହଲଗାମ୍ ଆକ୍ରମଣ ଠାରୁ ଅପରେସନ ସିନ୍ଦୂର ଯାଏଁ, ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଠାରୁ ଦିଲ୍ଲୀ ରାସ୍ତାରୁ ୬୨ ଲକ୍ଷ ପୁରୁଣା ଗାଡ଼ି ହଟାଇବା ପ୍ରସଙ୍ଗ ପର୍ଯ୍ୟନ୍ତ ଅନେକ ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଆଗାମୀ ମୌସୁମୀ ଅଧିବେଶ ବେଶ୍ ସରଗରମ ରହିବ ବୋଲି ଅନୁମାନ କରାଯାଉଛି।

# ଦକ୍ଷିଣ ପୂର୍ବ ରେଳପଥର ଦୁଇଟି ନୂତନ ରେଳ ପ୍ରକଳ୍ପ କାର୍ଯ୍ୟକୁ ମଞ୍ଜୁରୀ

**କୋଲକାତା, ୩।୭/ଏଜେନ୍ସି:** ଦକ୍ଷିଣ ପୂର୍ବ ରେଳପଥର ୨ଟି ନୂତନ ରେଳ ପ୍ରକଳ୍ପ କାର୍ଯ୍ୟକୁ ରେଳ ମନ୍ତ୍ରଣାଳୟ ଅନୁମୋଦନ କରିଛି। ୧ମ ରେଳ ପ୍ରକଳ୍ପ କାର୍ଯ୍ୟ: ନିମପୁରା ରିସେପସନ୍ ୟାର୍ଡ ଏବଂ ଖଡଗପୁର ଜଙ୍କସନ ମଧ୍ୟରେ ତୃତୀୟ ଲାଇନ୍। ଏହି ୬.୪୧ କିଲୋମିଟର ପରିବ୍ୟାପ୍ତ ତୃତୀୟ ଲାଇନ ପ୍ରକଳ୍ପ ୧୫୭.୮୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଖଡଗପୁର-ନିମପୁରା ରିସେପ୍ସନ ୟାର୍ଡ ହାଓ୍ୱଡା-ମୁମ୍ବାଇ ଏବଂ ହାଓ୍ୱଡା-ଚେନ୍ନାଇ ଉଚ୍ଚ ଘନତା ନେଟୱାର୍କ ରୁଟ୍‌ରେ ଅବସ୍ଥିତ। ନିମପୁରା ରିସେପସନ୍ ୟାର୍ଡ ଏବଂ ଖଡଗପୁର ଜଙ୍କସନ ମଧ୍ୟରେ ତୃତୀୟ ଲାଇନ୍ ସମାପ୍ତ ହେବା ସହିତ, ଆଦିତ୍ୟପୁର-ଖଡଗପୁର ତୃତୀୟ ଲାଇନ ପ୍ରକଳ୍ପ ସମାପ୍ତ ହେବ। ଏହା ଗୋକୁଳପୁର ଏବଂ ଆଦ୍ରାରୁ ଆସୁଥିବା ମାଲବାହୀ ଟ୍ରେନଗୁଡ଼ିକର ବିଳମ୍ବକୁ ହ୍ରାସ କରିବ ଏବଂ ମାଲ ପରିବହନକୁ ତ୍ୱରାନ୍ୱିତ କରିବ।




୨ୟ ରେଳ ପ୍ରକଳ୍ପ କାର୍ଯ୍ୟ: କଳାଇକୁଣ୍ଡା-ନିମପୁରା ପଶ୍ଚିମ ବାହ୍ୟ-ଗୋକୁଳପୁର ଲିଙ୍କ୍ (ନିମପୁରା ସ୍ୱାଗତ ରିସେପ୍ସନ୍ ୟାର୍ଡକୁ ଏଡାଇବା ସହିତ)। ଏହି ୧୨.୩୩ କିଲୋମିଟର ପରିବ୍ୟାପ୍ତ ନୂତନ ଲାଇନ ପ୍ରକଳ୍ପ ୨୨୪.୪୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ପ୍ରସ୍ତାବିତ ପ୍ରକଳ୍ପଟି ଖଡ଼ଗପୁର ଷ୍ଟେସନ ନିକଟରେ ଅବସ୍ଥିତ, ଯାହା ହାଓ୍ୱଡ଼ା-ମୁମ୍ବାଇ ଏବଂ ହାଓ୍ୱଡ଼ା-ଚେନ୍ନାଇ ଉଚ୍ଚ ଘନତା ନେଟୱାର୍କ ରୁଟ୍‌ରେ ଅବସ୍ଥିତ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ। କଳାଇକୁଣ୍ଡା-ନିମପୁରା ପଶ୍ଚିମ ବାହ୍ୟ-ଗୋକୁଳପୁର ମଧ୍ୟରେ ଏହି ଲିଙ୍କ୍ ସମାପ୍ତ ହେବା ସହିତ, ସେକ୍ସନର ବର୍ତ୍ତମାନର କ୍ଷମତା ବୃଦ୍ଧି ପାଇବ ଏବଂ ଏହା ଟ୍ରେନଗୁଡ଼ିକର ସୁଗମ ଗତିବିଧି ସୁନିଶ୍ଚିତ କରିବ।

# ବିହାରରେ ଏକାକୀ ଲଢ଼ିବ ଆପ୍

**ପାଟନା, ୩।୭/ଏଜେନ୍ସି:** ଗୁଜରାଟ, ପଞ୍ଜାବ ଉପନିର୍ବାଚନରେ ସଫଳତା ପାଇବା ପରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବେ ମାତ୍ରାଧିକ ଉତ୍ସାହିତ ହୋଇପଡିଛି। ପରିଣାମସ୍ୱରୂପ ଦଳର ମୁଖ୍ୟ ସଂଯୋଜକ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବେ ବିହାର ଉପରେ ଆଖି ପକାଇଛନ୍ତି। ସେ ଘୋଷଣା କରିଛନ୍ତି ଯେ ବିହାର ବିଧାନସଭା ନିର୍ବାଚନରେ ତାଙ୍କ ଦଳ ଏକାକୀ ଲଢିବ। ପ୍ରକାଶ, ନିକଟରେ ଗୁଜରାଟ ଓ ପଞ୍ଜାବର କେତେକ ଆସନରେ ହୋଇଥିବା ଉପନିର୍ବାଚନରେ ଆପ୍ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛି। ତେବେ ତାଙ୍କର ଏପ୍ରକାର ନିଷ୍ପତ୍ତି ଯୋଗୁ କେତେକ ରାଜନୈତିକ ଦଳଙ୍କ ପାଇଁ ଚିନ୍ତା ବଢ଼ିବା ସ୍ୱାଭାବିକ୍। କାରଣ ବିହାରରେ ଆପ୍‌ର ଉପସ୍ଥିତି ନଗଣ୍ୟ ରହିଛି। ରାଜ୍ୟରେ ଦଳର ସଂଗଠନ ନାହିଁ, ସେପରି କୌଣସି ଚିହ୍ନା ଚେହେରା ନାହାନ୍ତି। ଏହା ସତ୍ତ୍ୱେ ଦଳ ଏକାକୀ ଲଢିବାକୁ ଯାଉଥିବା ବେଳେ ଅନେକ ନେତା ଦଳଡିଆଁ କରିପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ଜନଆକ୍ରୋଶ ଆଗରେ ମୁଣ୍ଡ ନୁଆଁଇଲେ ଦିଲ୍ଲୀ ସରକାର

# 'ହଟିବନି ପୁରୁଣା କାର୍ ଏବଂ ବାଇକ୍'

**ନୂଆଦିଲ୍ଲୀ,୩।୭/ଏଜେନ୍ସି:** ଶେଷରେ ଜନ ଆକ୍ରୋଶ ଆଗରେ ଦିଲ୍ଲୀ ସରକାର ମୁଣ୍ଡ ନୁଆଇଁବାକୁ ବାଧ୍ୟ ହୋଇଛନ୍ତି। ରିପୋର୍ଟ ଅନୁସାରେ ଦିଲ୍ଲୀ ସରକାର ଏବେ ପୁରୁଣା ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ନେଇ ଯେଉଁ ନୂଆ ନିୟମ ଲାଗୁ କରିଥିଲେ, ତାହାକୁ ଏବେ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଏଥିସହ ସରକାର ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ସମୟରେ ପୁରୁଣା ଗାଡ଼ିମଟର ତଥା ବାଇକ୍‌ଗୁଡ଼ିକ ହଟିବ ନାହିଁ। ଏହାର ଅର୍ଥତ୍ ୧୫ବର୍ଷରୁ ପୁରୁଣା ପେଟ୍ରୋଲ ଚାଳିତ ଗାଡିମଟର ତଥା ବାଇକ୍ ପୂର୍ବବତ୍ ରାସ୍ତାରେ ଚଳାଚଳ କରିପାରିବେ। ସେହିପରି ୧୦ ବର୍ଷରୁ ଅଧିକ ପୁରୁଣା ଡିଜେଲ୍ କାର୍, ବାଇକ୍ ତଥା ଅନ୍ୟ ଗାଡ଼ିଗୁଡ଼ିକ ମଧ୍ୟ ଚଳାଚଳ ଜାରି ରଖିପାରିବେ। ଦିଲ୍ଲୀ ଏନ୍‌ସିଆର ଦେଶର ପ୍ରଥମ ଏପରି ଅଞ୍ଚଳ ଥିଲା ଯେଉଁଠାରେ ଯେଉଁଠାରେ ଇଓଏଲ୍ ଅର୍ଥାତ୍ ଏଣ୍ଡ ଅଫ୍ ଲାଇଫ୍ ବା 'ଜୀବନ ଶେଷ' ଇନ୍ଧନ ନିଷେଧ ନିୟମ ଲାଗୁ କରାଯାଇଥିଲା। ଗୁରୁଗ୍ରାମ ଏବଂ ଅନ୍ୟାନ୍ୟ ସହର ମଧ୍ୟ ନଭେମ୍ବର ସୁଦ୍ଧା ଏହାକୁ ଅନୁସରଣ କରିବେ ବୋଲି ଆଶା କରାଯାଉଥିଲା। ତେବେ ଦିଲ୍ଲୀ ସରକାରଙ୍କ ଏପ୍ରକାର ନିୟମକୁ ଦିଲ୍ଲୀବାସୀ କଡା ପ୍ରତିବାଦ କରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ଦିଲ୍ଲୀରେ ଏକ ଜନଆନ୍ଦୋଳନ ସୃଷ୍ଟି ହୋଇଥିବା ବୋଲି କହିଲେ ଅତ୍ୟୁକ୍ତି ହେବନି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ଦିଲ୍ଲୀ ସରକାର ଏହି ନିୟମକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଛନ୍ତି। ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ଗଣମାଧ୍ୟମକୁ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ 'ଯାନ୍ତ୍ରିକ ଚ୍ୟାଲେଞ୍ଜ ଏବଂ ଜଟିଳ ବ୍ୟବସ୍ଥା' ଯୋଗୁଁ ଏପରି ଇନ୍ଧନ ନିଷେଧ ଲାଗୁ କରିବା କଷ୍ଟକର। ମନଜିନ୍ଦରଙ୍କ କହିବାନୁସାରେ ଖରାପଯାନଗୁଡ଼ିକୁ ଜବତ କରିବା ପାଇଁ ଏକ ବ୍ୟବସ୍ଥା ଉପରେ କାମ କରାଯାଉଛି। କିନ୍ତୁ ଯେଉଁମାନେ ସେମାନଙ୍କ କାର ଏବଂ ମୋଟରସାଇକେଲର ଯତ୍ନ ନିଅନ୍ତି ସେମାନଙ୍କୁ ଅଯଥାରେ ଦଣ୍ଡିତ କରାଯିବାର କୌଣସି ପ୍ରୟୋଜନ ନାହିଁ। କମିଶନ ଅଫ୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍)ଙ୍କ ପକ୍ଷରୁ ଜୁଲାଇ ୧ରୁ କାର୍ଯ୍ୟକାରୀ ହୋଇଥିବା ଏହି ନିୟମ ଦିଲ୍ଲୀରେ ବାୟୁ ଗୁଣବତ୍ତାକୁ ଠିକ୍ ରଖିବା ତଥା ଯାନବାହନ ପ୍ରଦୂଷଣକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ଥିଲା।




## ଡିଜିଟାଲ୍ ଆରେଷ୍ଟ୍‌ରେ ମହିଳା ଆଡ୍‌ଭୋକେଟ୍

# ୯ ଦିନରେ ଲୁଟିନେଲେ ୩.୨୯ କୋଟି

**ନୂଆଦିଲ୍ଲୀ,୩।୭/ଏଜେନ୍ସି:** ଦେଶରେ ଏବେ ଡିଜିଟାଲ ଆରେଷ୍ଟ ଭଳି ଠକେଇର ଅନେକ ମାମଲା ସାମ୍ନାକୁ ଆସୁଛି। କିନ୍ତୁ ଏବେ ଏପରି ଏକ ଡିଜିଟାଲ ଆରେଷ୍ଟ ସମ୍ପର୍କୀତ ଘଟଣା ଲୋକଲୋଚନକୁ ଆସିଛି, ଯାହାକି ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି। ରିପୋର୍ଟ ଅନୁସାରେ ଏଥର ଜଣେ ମହିଳା ଆଡଭୋକେଟ୍ ସାଇବର ଠକଙ୍କ ଜାଲରେ ଫସିଛନ୍ତି। ଡିଜିଟାଲ୍ ଆରେଷ୍ଟ ହୋଇ ଏହି ଆଡଭୋକେଟ୍ ଜଣକ ଗତ ୯ ଦିନ ମଧ୍ୟରେ ୩.୨୯ କୋଟି ଟଙ୍କା ହରାଇଛନ୍ତି। ଏହି ଘଟଣା ଜୁନ୍ ୧୦ ତାରିଖରେ ଘଟିଥିବା ବେଳେ ଜୁନ୍ ୨୪ରେ ଜଣାପଡିଥିଲା। ଉତ୍ତରପ୍ରଦେଶର ନୋଏଡା ଅଞ୍ଚଳରେ ରହୁଥିବା ଜଣେ ବରିଷ୍ଠ ମହିଳା ଆଡଭୋକେଟ୍ (୭୨ବର୍ଷ), ସାଇବର ଠକଙ୍କ ଦ୍ୱାରା ୯ଦିନ ଧରି ଡିଜିଟାଲ୍ ଆରେଷ୍ଟ ହୋଇଥିଲେ। ସାଇବର ଠକମାନେ ମହିଳା ଓକିଲଙ୍କୁ ଫୋନ କରି କହିଥିଲେ, ତାଙ୍କ ଆଧାର କାର୍ଡ ବ୍ୟବହାର କରି ଚାରୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ଯାହା ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ବ୍ଲାକମେଲିଂ ପାଇଁ କାରବାର ପାଇଁ ବ୍ୟବହୃତ ହେଉଛି। ଦୁର୍ବୃତ୍ତମାନେ ମହିଳା ଓକିଲଙ୍କୁ କହିଥିଲେ ଯେ ଯଦି ସେ ମାମଲାରେ କ୍ଲିନ ଚିଟ୍ ଚାହାଁନ୍ତି, ତେବେ ତାଙ୍କ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ଏକ ଆକାଉଣ୍ଟ ନଂରେ ଟ୍ରାନ୍ସଫର କରନ୍ତୁ। ଠକମାନେ ନିଜକୁ ଶିବ ପ୍ରସାଦ ପ୍ରଦୀପ ସାୱନ୍ତ ଏବଂ ପ୍ରବୀଣ ସୁଦ୍ ବୋଲି ପରିଚୟ ଦେଇଥିଲେ ବୋଲି ମହିଳା ଅଭିଯୋଗରେ ଦର୍ଶାଇଛନ୍ତି।

## କ୍ରେମ୍ଲିନ୍ ଦେଲା ସଙ୍କେତ

# ଶେଷ ହେବ ରୁଷ୍-ୟୁକ୍ରେନ୍ ଯୁଦ୍ଧ



**ମସ୍କୋ,୩।୭/ଏଜେନ୍ସି:** ରୁଷ୍-ୟୁକ୍ରେନ୍ ଯୁଦ୍ଧ ଶେଷ ହେବ। ଏଭଳି ଏକ ସଂକେତ ଦେଇଛି ଖୋଦ୍ ରୁଷ୍। ରିପୋର୍ଟ ଅନୁସାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ କାର୍ଯ୍ୟାଳୟ ତଥା ରାଷ୍ଟ୍ରପତି ଭବନ କ୍ରେମଲିନ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଦୀର୍ଘଦିନର ଲଢ଼େଇ ପରେ ରୁଷ୍ ଏବଂ ୟୁକ୍ରେନ ଏବେ ଶାନ୍ତି ଆଡ଼କୁ ଅଗ୍ରସର ହେଉଛନ୍ତି। ଉଭୟ ଦେଶଙ୍କ ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା ପ୍ରାୟତଃ ସଫଳ ହୋଇଛି ଏବଂ ଏବେ କ୍ରେମଲିନ ଆଶା କରୁଛି ଯେ, ରୁଷ୍-ୟୁକ୍ରେନ ତୃତୀୟ ପର୍ଯ୍ୟାୟ ଆଲୋଚନାର ତାରିଖ ଶୀଘ୍ର ସ୍ଥିର ହୋଇପାରିବ। କ୍ରେମଲିନ ମୁଖପାତ୍ର ଦିମିତ୍ରୀ ପେସ୍‌କୋଭ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆମେ ଆଶା କରୁଛୁ ଯେ, ଏଥିରେ ଶୀଘ୍ର ଏକ ସହମତି ହେବ। କ୍ରେମଲିନ ମୁଖପାତ୍ରଙ୍କ ଅନୁଯାୟୀ, ପରବର୍ତ୍ତୀ ଆଲୋଚନା ପ୍ରକ୍ରିୟାର ଗତି ୟୁକ୍ରେନ୍ ସରକାରଙ୍କ ସହଯୋଗ ଏବଂ ଆମେରିକାର ମଧ୍ୟସ୍ଥତା ପାଇଁ ପ୍ରୟାସ ଉପରେ ନିର୍ଭର କରେ।

୨ ଜୁନ୍‌ରେ ହୋଇଥିବା ଚୁକ୍ତି ସତ୍ତ୍ୱେ, ରୁଷ୍ ଗଣମାଧ୍ୟମ ରିପୋର୍ଟ କରିଥିଲା ଯେ, କ୍ରେମଲିନ ଯୁଦ୍ଧବିରତି ପାଇଁ ଦୁଇଟି ପ୍ରସ୍ତାବ ଦେଇଥିଲା, ଯେଉଁଥିରେ ୟୁକ୍ରେନ୍ ନିଜ ସେନାକୁ ୪ଟି ଅଞ୍ଚଳ (ଡୋନେଟସ୍କ, ଲୁହାନସ୍କ, ଖେରସନ ଏବଂ ଜାପୋରିଝିଆ)ରୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା, ଯାହାକୁ ରୁଷ୍ ନିଜର ଅଂଶ ବୋଲି ବିବେଚନା କରେ। ଏହା ବ୍ୟତୀତ ୧୦୦ ଦିନ ମଧ୍ୟରେ ୟୁକ୍ରେନରେ ରାଷ୍ଟ୍ରପତି ନିର୍ବାଚନ କରିବା ପାଇଁ ଏକ ସର୍ତ୍ତ ରଖାଯାଇଥିଲା। କିନ୍ତୁ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍‌ସ୍କି ଏହି ଦାବିଗୁଡ଼ିକୁ ଶାନ୍ତିର ଉଦ୍ଦେଶ୍ୟ ବିପରୀତ ବୋଲି କହୁଛନ୍ତି। ତାଙ୍କ ପକ୍ଷରୁ ନୂତନ କଟକଣା ଦାବି କରାଯାଇଥିଲା। ଜେଲେନ୍‌ସ୍କି ବିଶ୍ୱାସ କରନ୍ତି ଯେ, ଏହି ଦାବିଗୁଡ଼ିକ ପ୍ରକୃତରେ ୟୁକ୍ରେନର ଆତ୍ମସମର୍ପଣ ପାଇଁ ସର୍ତ୍ତ, ଯାହାକୁ ସେ ଗ୍ରହଣ କରିବେ ନାହିଁ। ପ୍ରକାଶ, ପ୍ରଥମ ପର୍ଯ୍ୟାୟ ଆଲୋଚନା ୧୬ ମେ' ରେ ଇସ୍ତାନବୁଲରେ ହୋଇଥିଲା, ଯେତେବେଳେ ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ୨ ଜୁନ୍‌ରେ ତୁର୍କୀରେ ଅନୁଷ୍ଠିତ ହୋଇଥିଲା। ଶେଷ ବୈଠକରେ ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତମ ଉମାରୋଭ ତୃତୀୟ ବୈଠକ ଜୁନ୍ ଶେଷ ସପ୍ତାହରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତାବ ଦେଇଥିଲେ, କିନ୍ତୁ ଏହା ସମ୍ଭବ ହୋଇପାରିନଥିଲା।

# ୪୮ ଘଣ୍ଟାରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି !

**ନୂଆଦିଲ୍ଲୀ,ୱାଶିଂଟନ,୩।୭/ଏଜେନ୍ସି:** ଦୀର୍ଘ ଦିନ ଧରି ଭାରତ ଏବଂ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ହେବାକୁ ନେଇ ଚର୍ଚ୍ଚା ଜାରି ରହିଛି। ତେବେ ଏସବୁ ମଧ୍ୟରେ ଏକ ସକରାତ୍ମକ ସୂଚନା ସାମ୍ନାକୁ ଆସିଛି। ଭାରତ ଏବଂ ଆମେରିକା ୪୮ ଘଣ୍ଟା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ

## ଦୁଗ୍ଧ ଏବଂ ଜିଏମ୍ ଫସଲ ଆଲୋଚନାରେ ନାହିଁ: ରିପୋର୍ଟ

ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିପାରନ୍ତି। ଏଭଳି ଏକ ସମ୍ଭାବନା ସ୍ପଷ୍ଟ ହୋଇଛି। ତେବେ ଏହି ବାଣିଜ୍ୟ ଚୁକ୍ତିରେ କୃଷି, ଦୁଗ୍ଧ ଏବଂ ଜିଏମ୍ ଫସଲକୁ ବାଦ୍ ଦିଆଯାଇଛି। ଲକ୍ଷଲକ୍ଷ ଜୁଲାଇ ୯ ତାରିଖ ପୂର୍ବରୁ ଭାରତ ଜୋତା ଏବଂ ପୋଷାକ ଭଳି ପ୍ରମୁଖ ରପ୍ତାନୀ ଉପରେ ଶୁଳ୍କ ହ୍ରାସ ଚାହୁଁଛି, ଯେତେବେଳେ କି ଆମେରିକା ଭାରତ ଉପରେ ୨୬% ଶୁଳ୍କ ନୀତି ଲାଗୁ କରିଛି। ଅବଶ୍ୟ ଆମେରିକା ଏହି ନୀତି ଉପରେ ସାମୟିକ ସ୍ଥଗିତାଦେଶ ଲାଗୁ କରିଛି, କିନ୍ତୁ ଏହାର ସମୟସୀମା ମଧ୍ୟ ଖୁବଶୀଘ୍ର ଶେଷ ହେବାକୁ ଯାଉଛି। ଆଲୋଚନାରେ ୨୬% ଶୁଳ୍କ ଉପରେ ମଧ୍ୟ ଆଲୋଚନା ହେବ ବୋଲି ଅନୁମାନ କରାଯାଉଛି। ଏନ୍‌ଡିଟିଭି ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଆମେରିକା ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବାକୁ ନିକଟତର। ଉଭୟ ପକ୍ଷ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହାକୁ ସମାପ୍ତ କରିବାକୁ କାମ କରୁଛନ୍ତି। ବର୍ତ୍ତମାନ ୱାଶିଂଟନରେ ଆଲୋଚନା ଚାଲିଛି। ଜୁଲାଇ ୯ ତାରିଖ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଭାରତର ବାଣିଜ୍ୟ ଦଳ ଆମେରିକାର ରାଜଧାନୀରେ ତାଙ୍କର ରହଣିକୁ ବୃଦ୍ଧି କରିଛି। ରିପୋର୍ଟ ଅନୁସାରେ କୃଷି ଏବଂ ଦୁଗ୍ଧ ଆଲୋଚନାରେ ସ୍ଥାନ ଦିଆଯିବ ନାହିଁ। କାରଣ ଗତ କିଛି ମାସ ଧରି ଚାଲିଥିବା ବାଣିଜ୍ୟ ଆଲୋଚନା ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକରେ ବାଧା ସୃଷ୍ଟି କରୁଛି।



ଆମେରିକା ଭାରତ ଉପରେ କୃଷି, ଦୁଗ୍ଧ ଏବଂ ଜେନେଟିକାଲ୍ ମଡିଫାଏଡ୍ (ଏମ୍‌ଜି) ଫସଲ ପାଇଁ ବଜାର ଖୋଲିବା ପାଇଁ ଚାପ ପକାଉଛି, ଯାହା ଭାରତ ଏହାର ଚାଷୀଙ୍କ ଚିନ୍ତା ଯୋଗୁଁ ଦୀର୍ଘ ଦିନ ଧରି ବିରୋଧ କରିଆସୁଛି। ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ଜୀବିକା ଉପରେ ଚିନ୍ତା ଯୋଗୁଁ ଭାରତ ଏହି ଉଭୟ କ୍ଷେତ୍ରକୁ ଚୁକ୍ତିରୁ ବାଦ୍ ଦେଇପାରେ। ଭାରତର କୃଷି କ୍ଷେତ୍ର କ୍ଷୁଦ୍ର ଚାଷୀଙ୍କ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ, ଯାହା ଏପରି ରିହାତିକୁ ରାଜନୈତିକ ଭାବରେ କଷ୍ଟକର କରିଥାଏ।

ରିପୋର୍ଟ ଅନୁଯାୟୀ, ଏହି ଚୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପାରସ୍ପରିକ ଶୁଳ୍କ ହ୍ରାସ। ଉଭୟ ଦେଶର ଅଧିକାରୀମାନେ ଏକ ସନ୍ତୁଳିତ ବାଣିଜ୍ୟ ପରିବେଶ ସୃଷ୍ଟି କରିବା ପାଇଁ ସାମଗ୍ରିକ ଶୁଳ୍କ ପ୍ରତିବନ୍ଧକକୁ ହ୍ରାସ କରିବା ଉପରେ କାମ କରୁଛନ୍ତି। ପ୍ରକାଶ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହ ଚୁକ୍ତିକୁ ସମର୍ଥନ କରିବାର ସଙ୍କେତ ଦେଇଛନ୍ତି। ମଙ୍ଗଳବାର ଦିନ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଭାରତ ସହିତ ଏକ ଚୁକ୍ତି ନିକଟତର ହୋଇଛି ଏବଂ ଶୁଳ୍କ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଜୁଲାଇ ସୁଦ୍ଧା ଯଦି କୌଣସି ଚୁକ୍ତି ସ୍ୱାକ୍ଷରିତ ହୁଏ ନାହିଁ, ତେବେ ୨୬% ଶୁଳ୍କ ନୀତି ସ୍ୱୟଂଚାଳିତ ଭାବେ ଲାଗୁହେବ।

ନିତିଦିନ NITIDIN



# ଜଳ ଓ ଜୀବାଣୁ ବାହିତ ରୋଗ ନିରାକରଣ ପାଇଁ ସ୍ୱତନ୍ତ୍ର ମିଳିତ ଅଭିଯାନ

**ଭୁବନେଶ୍ୱର,୩।୭/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷା ଋତୁରେ ସମ୍ଭାବ୍ୟ ଜଳବାହିତ ଏବଂ ଜୀବାଣୁ (ଭେକ୍ଟର) ବାହିତ ରୋଗର ପ୍ରତିରୋଧ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ସ୍ୱତନ୍ତ୍ର ମିଳିତ ଅଭିଯାନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍‌.ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଲୋକସଭା ଭବନ ସଭାଗୃହ ଠାରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ବର୍ଷାକାଳୀନ ଜନ ସ୍ୱାସ୍ଥ୍ୟ ଜନିତ ରୋଗ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ ଏବଂ ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନ ସ୍ୱାସ୍ଥ୍ୟ ଅଧିକାରୀମାନେ କ୍ଷେତ୍ରସ୍ତରୀୟ ସ୍ଥିତି ଜଣାଇଥିଲେ। ବୈଠକରେ ମୁଖ୍ୟତଃ ଡାଇରିଆ, ମ୍ୟାଲେରିଆ ଓ ଡେଙ୍ଗୁ ଆଦି ରୋଗ ନିରାକରଣ ନିମନ୍ତେ ରୋଗ-ନିରୀକ୍ଷଣ, ସଚେତନତା, ରୋଗର ନିୟନ୍ତ୍ରଣ ଆଦି ବିଷୟରେ ଉଭୟ ସ୍ୱଳ୍ପ ଓ ଦୀର୍ଘ ସୂତ୍ରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଏହି ସବୁ ରୋଗର ଜିଲ୍ଲାୱାରୀ ସ୍ଥିତି ସମୀକ୍ଷା କରି ଚଳିତ ମାସ ୪ ଏବଂ ୧୧ ତାରିଖ ଦିନ କ୍ଷେତ୍ର ସ୍ତରରେ ସ୍ୱତନ୍ତ୍ର ପରିମଳ ଓ ବିଶୋଧନ ଅଭିଯାନ କରିବା ନିମନ୍ତେ ଶାସନ ସଚିବ ଅଶ୍ୱତୀ ଏସ୍ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନ ଦିନ ମାନଙ୍କରେ ଗ୍ରାମ, ବିଦ୍ୟାଳୟ, ସରକାରୀ ଚିକିତ୍ସା କେନ୍ଦ୍ର, ହାଟ, ସର୍ବସାଧାରଣ ସ୍ଥାନ ଓ ପାନୀୟ ଜଳ ଉତ୍ସ ମାନଙ୍କରେ ପରିଚ୍ଛନ୍ନତା ଓ ବିଶୋଧନ କାର୍ଯ୍ୟକୁ ସଘନ ଏବଂ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଉଭୟ ବିଭାଗ ଦ୍ୱାରା ଜିଲ୍ଲା ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଏକ ମିଳିତ ଗାଇଡଲାଇନ୍ ପଠାଯାଇଥିଲା। ଆଶା କର୍ମୀ, ଏଏନ୍ଏମ୍, ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗ୍ରାମ ପଞ୍ଚାୟତ, ପଞ୍ଚାୟତିରାଜ ପ୍ରତିନିଧି, ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଓ କର୍ମଚାରୀମାନଙ୍କର ସକ୍ରିୟ ସହଯୋଗରେ ଏହି ଅଭିଯାନ କରାଯିବ। ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ଖୋଲାଯାଇଥିବା ମେଡିକାଲ ରିଲିଫ କେନ୍ଦ୍ରମାନଙ୍କରେ ହାଲୋଜେନ ଟାବଲେଟ୍, ଔଷଧଯୁକ୍ତ ମଶାରୀ ବ୍ୟବହାର, ହାତ ଧୋଇବା, ପାଣି ଫୁଟାଇ ପିଇବା ଏବଂ ଆନୁସଙ୍ଗିକ ସ୍ୱାସ୍ଥ୍ୟ ସୁରକ୍ଷା ବ୍ୟବହାର ଆଦିର ଉପଯୋଗିତା ବିଷୟରେ ଲୋକମାନଙ୍କୁ ଡେମୋ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଇବେ। ଖାଦ୍ୟ ନିରାପତ୍ତା ଅଫିସର ଓ କର୍ମଚାରୀ ମାନେ ପାଣି ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ପ୍ୟାକିଂ କାରଖାନା, ହୋଟେଲ, ଖାଦ୍ୟ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନ ଆଦି ନିରୀକ୍ଷଣ କରି ନିର୍ଦ୍ଧାରିତ ଏସଓପି ଅନୁଯାୟୀ କଡା କାର୍ଯ୍ୟାନୁଷ୍ଠାନ ନେବେ। ଜୋରିମାନା ମଧ୍ୟ ଆଦାୟ କରିବେ।

ଏହି ଦିନମାନଙ୍କରେ ରାଜ୍ୟ ସ୍ତରୀୟ ଟିମ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ବର୍ତ୍ତମାନ କାର୍ଯ୍ୟରତ ୩୭୭ ଟି ରାପିଡ୍ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳ ବୁଲି କ୍ଷେତ୍ର ସ୍ତରୀୟ କାର୍ଯ୍ୟର ନିରୀକ୍ଷଣ କରିବେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକୀୟ ପରିମାଣର ସାପ କାମୁଡ଼ା ଇଞ୍ଜେକସନ ଓ ଔଷଧ ପତ୍ର ଆଦି ଆଗୁଆ ରଖିବା ପାଇଁ ଶାସନ ସଚିବ ଅଶ୍ୱତୀ ନିର୍ଦ୍ଦେଶ ଦେଇଥିଲେ।

ସୁବର୍ଣ୍ଣରେଖା, ଜଳକା, ବୁଢାବଳଙ୍ଗ ନଦୀ ଉପକୂଳ ୫ ଟି ବ୍ଲକରେ ବନ୍ୟାପାଣି କମିବା ଆରମ୍ଭ ହୋଇଥିବାରୁ ପ୍ରଭାବିତ ଗ୍ରାମମାନଙ୍କରେ ବିଶୋଧନ ଓ ନମୁନା ପରୀକ୍ଷା, ଔଷଧ ଯୋଗାଣ ଆଦି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଏବଂ ବିଶେଷଜ୍ଞମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ‘ଏକ୍ ପେଡ୍ ମା’ କେ ନାମ ୨.୦’ ଅଭିଯାନ ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ



## ତାଳଚେର ହାଣ୍ଡିଧୁଆ ସ୍କୁଲ ରୂପାନ୍ତରଣ ପ୍ରକଳ୍ପର ଶୁଭାରମ୍ଭ

**ତାଳଚେର,୩।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ନିଜେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ତାଳଚେର ହାଣ୍ଡିଧୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ତଥା ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିବା ସହ ପିଲାଦିନର ସ୍ମୃତିକୁ ମନେପକାଇଥିଲେ । ସେ କହିଛନ୍ତି ଯେ ନୂତନ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମେ ଯେଉଁ ସାମଗ୍ରିକ, ମୂଳ ଏବଂ ଭବିଷ୍ୟତବାଦୀ ଶିକ୍ଷା ବ୍ୟବସ୍ଥାର କଳ୍ପନା କରୁଛୁ ତାହା ଏହି ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ସାକାର ହେବ, ଯେଉଁଠାରେ ଶିକ୍ଷା କେବଳ ପରୀକ୍ଷା ନୁହେଁ ବରଂ ବ୍ୟକ୍ତିତ୍ୱ ଏବଂ ରାଷ୍ଟ୍ର ନିର୍ମାଣର ଏକ ମାଧ୍ୟମ ହେବ। ହାଣ୍ଡିଧୁଆ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯେଉଁ ଆତ୍ମବିଶ୍ୱାସ ଅଛି, ତାହା ୨୦୪୭ ସୁଦ୍ଧା ବିକଶିତ ଭାରତର ଏକ ଆଲୋକବର୍ତ୍ତିକା ଭାବରେ କାମ କରିବ। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲର ମଧ୍ୟାହ୍ନଭୋଜନ ସ୍ଥିତି ପରଖିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକାଶ ଥାଉ କି, ସ୍କୁଲ ଶିକ୍ଷା ସହ ଭିତ୍ତିଭୂମିକୁ ମଜଭୁତ୍ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଷ୍ଟାର୍ସ ତଥା ଅନ୍ୟ ଯୋଜନା ଅନ୍ତର୍ଗତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହି ହାଣ୍ଡିଧୁଆ ସରକାରୀ ସ୍କୁଲକୁ ୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ।

**ତାଳଚେର,୩।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ତାଳଚେର ହାଣ୍ଡିଧୁଆ ଗ୍ରାମର ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ରିଜର୍ଭ ଫରେଷ୍ଟରେ ପୃଥକ ପୃଥକ ଭାବରେ ‘ଏକ୍ ପେଡ୍ ମା’ କେ ନାମ ୨.୦’ ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଓ ୭୬ତମ ବନମହୋତ୍ସବ-୨୦୨୫ରେ ଯୋଗଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟମାନଙ୍କ ସହ ମିଶି ଗଛ ଲଗାଇବା ସହ ଅନୁଗୁଳ ଜିଲ୍ଲାରେ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦ ଲକ୍ଷ ଗଛ ଲଗାଇବା ପାଇଁ ସଂକଳ୍ପ କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ’ ମା’ ପାଇଁ ଗଛଟିଏ’ ଏକ ଭାବନାତ୍ମକ ବିଚାର। ପ୍ରକୃତି ମାତାକୁ ସୁରକ୍ଷା ଦେବା ପାଇଁ ସାରାଦେଶରେ ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ। ସେ ଆହୁରି କହିଛନ୍ତି ଚଳିତଥର ଅନୁଗୁଳ ବନଖଣ୍ଡରେ ପୂର୍ବ ବର୍ଷ ଅପେକ୍ଷା ଦୁଇ ଗୁଣା ଅର୍ଥାତ୍ ୭ ଲକ୍ଷ ୫୦ ହଜାର ଗଛ ଲଗାଯିବାର ଯୋଜନା ରହିଛି। ତେବେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅନୁଗୁଳରେ ୧୦ ଲକ୍ଷ ଚାରା ଲଗାଇବା ସହ ଏହି ପରମ୍ପରାକୁ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରଖିବା ପାଇଁ ଆମେ ସଂକଳ୍ପ ନେବା ଦରକାର।ଗଛର ଯତ୍ନ ନେବା ସହ ଏହାକୁ ଜନଆନ୍ଦୋଳନର ରୂପ ଦେବା। ବନୀକରଣରେ ତାଳଚେର ସମେତ ଅନୁଗୁଳର ପରିଚୟ ସୃଷ୍ଟି କରିବାକୁ ସେ ଅପିଲ୍ କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଅନଗୁଳ ବନଖଣ୍ଡର ପଦକ୍ଷେପ ଅନ୍ତର୍ଗତ ଭ୍ରାମ୍ୟମାଣ ଚାରା ବିତରଣ ରଥ, ସୂଚନା ରଥ, ସବୁଜ ଅନୁଗୁଳ ମୋବାଇଲ ଆପ୍, ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଟ୍ରକ, ଅନୁଗୁଳ ଫରେଷ୍ଟ ଡିଭିଜନ ୱେବସାଇଟ୍ ଓ ଅନ୍ୟାନ୍ୟ ପୋର୍ଟାଲ ଆଦି ଶୁଭାରମ୍ଭ କରିଥିଲେ। ଅନୁଗୁଳରେ ବୃକ୍ଷରୋପଣ ଅଭିଯାନକୁ ଏକ ଜନଆନ୍ଦୋଳନର ରୂପ ଦେବା ସହ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ ଏପରି ପଦକ୍ଷେପକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ।

# ରାଜ୍ୟପାଳଙ୍କୁ ସାକ୍ଷାତ୍ କଲେ ମୋଣ୍ଟାନା ପ୍ରତିନିଧିମଣ୍ଡଳୀ



**ଭୁବନେଶ୍ୱର,୩।୭/ଏନ୍‌ଏନ୍‌ଏସ୍:** ଯୁକ୍ତରାଷ୍ଟ୍ର ଆମେରିକାର ମୋଣ୍ଟାନାରୁ ଆସିଥିବା ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ଇଣ୍ଡିଆ ଟ୍ରେକ-୨୦୨୫ କାର୍ଯ୍ୟକ୍ରମରେ ପ୍ରତିନିଧିମଣ୍ଡଳୀ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି। ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ ଓଡ଼ିଶାର ସମୃଦ୍ଧ ସଂସ୍କୃତି, କଳା ଏବଂ ସାମାଜିକ ପ୍ରଗତି ବିଷୟରେ ଅବଗତ କରାଇଥିଲେ। ପ୍ରତିନିଧିମଣ୍ଡଳୀ ଭାରତର ବିବିଧତା ଅନୁସନ୍ଧାନ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏପରି ପରିଦର୍ଶନ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି କହିଥିଲେ। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜଭବନ ପରିସର ପରିଦର୍ଶନ କରିଥିଲେ।

# ବିଜେପି ବିଧାୟକଙ୍କୁ ବିଜେଡିର ଟାର୍ଗେଟ୍

**ଭୁବନେଶ୍ୱର,୩।୭/ଏନ୍‌ଏନ୍‌ଏସ୍:** ରାଜଧାନୀ ଭୁବନେଶ୍ୱରର ନାଲକୋ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିଜେପି ବିଧାୟକ ପ୍ରକାଶ ସୋରେନଙ୍କ ଗାଡ଼ିରୁ ଗଞ୍ଜେଇ ଓ ମଦ ଥିବା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ବିଜୁ ଜନତା ଦଳ ଆଜି ସମ୍ପୃକ୍ତ ବିଧାୟକଙ୍କ ସହ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି କହିଥିଲେ ଯେ ନାଲକୋ ଛକରେ ହୋଇଥିବା ଦୁର୍ଘଟଣା ବେଳେ ବିଧାୟକ ପ୍ରକାଶ ସୋରେନଙ୍କ ପୁଅ ଓ ତାଙ୍କର ପାଞ୍ଚ ଜଣ ସହଯୋଗୀ ଏହି ଗାଡ଼ିରେ ଥିଲେ। ଦୁର୍ଘଟଣା ସମୟରେ, ବିଧାୟକଙ୍କ ଗାଡ଼ିରେ ମଦ ବୋତଲ ଓ ଗଞ୍ଜେଇ ଥିବାର ସ୍ଥାନୀୟ

**ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ଚୋରା ଗଞ୍ଜେଇ,ମଦ**

ଜନସାଧାରଣ ଦେଖିବା ପରେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ, ଯାହା ଭାଇରାଲ ହୋଇଛି। ବିଧାୟକଙ୍କ ଗାଡ଼ିରେ ମଦ ଗଞ୍ଜେଇ ଇତ୍ୟାଦି ଚାଲାଣ ହେବା ଏନଡିପିଏସ ଆଇନର ଉଲ୍ଲଙ୍ଘନ ଏବଂ ଏକ ସଂଗୀନ ଅପରାଧ। ବିଧାୟକ ପ୍ରକାଶ ସୋରେନ ଏହି ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ ଘଟଣାକୁ ଅସ୍ୱୀକାର କରି ତାଙ୍କ ପୁଅ ଓ ସହଚରମାନଙ୍କୁ କ୍ଲିନଚିଟ ଦେବାକୁ ପ୍ରୟାସ କରୁଛନ୍ତି। ଏହି ଘଟଣା ଏକ ସଂଗୀନ ଅପରାଧ ହୋଇଥିଲେ ମଧ୍ୟ ପୁଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗାଡ଼ିରେ ଉପସ୍ଥିତ ଥିବା ବିଧାୟକଙ୍କ ପୁଅ ଓ ତାଙ୍କ ସହଯୋଗୀମାନଙ୍କୁ ତୁରନ୍ତ ଗିରଫ କରି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଜୁ ଜନତା ଦଳ ଦାବି କରୁଛି। ବିଧାୟକ ଶ୍ରୀ ପ୍ରକାଶ ସୋରେନଙ୍କୁ ମଧ୍ୟ ତଦନ୍ତ ପରିସର ଭିତରେ ରଖାଯାଉ ବୋଲି ସାନନ୍ଦ ମାର୍ଣ୍ଡି ଦାବି କରିଛନ୍ତି।

# ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ପ୍ରକଳ୍ପ ପାଇଁ ଏମ୍‌ଓୟୁ

**ଭୁବନେଶ୍ୱର,୩।୭/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସମୟୋଚିତ ଏବଂ ସଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ୍ ସ୍ଥାପନ କରାଯିବ। ଗ୍ରାମପଞ୍ଚାୟତସ୍ତରରେ ସ୍ୱୟଂଚାଳିତ ରେନ ଗଜ୍ ସ୍ଥାପନ କରାଯିବ। ବ୍ଲକସ୍ତରରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବଜେଟ ବ୍ୟବସ୍ଥାରୁ ରାଜ୍ୟକୁ ପାଣ୍ଠି ଯୋଗାଇ ଦିଆଯିବ। ଏହି ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହି ପାଣ୍ଠି ସମବାୟ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବଜେଟରୁ ଯୋଗାଇ ଦିଆଯିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଉତ୍ତମ ଫସଲ ଯୋଜନା, ବିପଦ ମୂଲ୍ୟାୟନ ଏବଂ ଅମଳ ପୂର୍ବାନୁମାନ ପାଇଁ ସଠିକ୍ ପାଣିପାଗ ତଥ୍ୟ ପ୍ରଦାନ କରିବା ଦ୍ୱାରା ଚାଷୀମାନଙ୍କର କୃଷିଦକ୍ଷତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଦକ୍ଷ ଦାବି ମୂଲ୍ୟାଙ୍କନ ଏବଂ ବିପଦ ହ୍ରାସ ରଣନୀତିକୁ ସହଜ କରିବା ଦ୍ୱାରା ଚାଷୀମାନେ ବହୁବିଧ ଫସଲ ଗ୍ରହଣ କରିବାକୁ ଉତ୍ସାହିତ ହେବେ। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ସ୍କାଇମେଟ୍ ପାଣିପାଗ ସେବା ପ୍ରାଇଭେଟ୍ ଲିମିଟେଡ୍ ସିଇଓ ଯୋଗେଶ ପାଟିଲ୍ ବୁଝାମଣାପତ୍ରରେ ସ୍ୱାକ୍ଷର ଏବଂ ଆଦାନପ୍ରଦାନ କରିଥିଲେ। ଅତିରିକ୍ତ ସଚିବ ଡକ୍ଟର ଗଣେଶ୍ୱର ଜେନା, ଡକ୍ଟର ରାଜେଶ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**ଉପ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ବନ୍ୟାଞ୍ଚଳ ପରିଦର୍ଶନ**

# ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ





**ବାଲେଶ୍ୱର,୩।୭/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ଆକାଶ ମାର୍ଗରୁ ଉତ୍ତର ବାଲେଶ୍ୱରର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଶ୍ରୀମତୀ ପ୍ରଭାତୀ ପରିଡ଼ା ଉତ୍ତର ବାଲେଶ୍ୱରର ଭୋଗରାଇ, ଜଳେଶ୍ୱର, ବାଲିଆପାଳ, ବସ୍ତା ଓ ବାଲେଶ୍ୱର ସଦର ବ୍ଲକର ବନ୍ୟାଞ୍ଚଳ ଆକାଶ ମାର୍ଗରୁ ପରିଦର୍ଶନ କରିଛନ୍ତି। ଏଥିସହ ସେ ଭୋଗରାଇ ଓ ବାଲିଆପାଳ ବ୍ଲକର ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତର ଚାଷୀ ଓ ବାତ୍ୟା ଆଶ୍ରୟସ୍ଥଳରେ ଅସ୍ଥାୟୀ ଭାବେ ଆଶ୍ରୟ ନେଇଥିବା ଲୋକଙ୍କୁ ଭେଟି ସେମାନଙ୍କ ଦୁଃଖ ଓ ଅଭିଯୋଗ ଶୁଣିଛନ୍ତି। ଭୋଗରାଇର ୧୨ଟି ପଞ୍ଚାୟତ ଓ ବାଲିଆପାଳର ୨୨ଟି ପଞ୍ଚାୟତରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଥିବା ସେ ଅନୁଭବ କରିଥିବା ପ୍ରକାଶ କରିଥିଲେ। ବାତ୍ୟା ଆଶ୍ରୟ ସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟସ୍ଥଳରେ ଆଶ୍ରୟ ନେଉଥିବା ପରିବାରଙ୍କୁ ଖାଦ୍ୟ ପାନୀୟ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିବାରୁ ସେମାନେ ଆଜି କୌଣସି ଅଭିଯୋଗ କରିନାହାନ୍ତି। ତେବେ ବନ୍ୟା ଯୋଗୁଁ ପରିବା ଓ ଧାନ ଚାଷ ବ୍ୟାପକ ଭାବେ କ୍ଷତି ହୋଇଥିବା ସେ ଦେଖିଛନ୍ତି। ବନ୍ୟା ଜଳ ନିଷ୍କାସନ ହେବାରେ ବିଳମ୍ବ ହେଉଛି। କାରଣ ଜଳକା ଓ ସୁବର୍ଣ୍ଣ ରେଖା ନଦୀ ମୁହାଁଣରେ ଠିକ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ। ପ୍ରଶାସନ ପାଖରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ରହିଛି। ତେବେ ଚାରି ଦିନ ମଧ୍ୟରେ ବନ୍ୟା ଜଳ ବିଲରୁ ନିଷ୍କାସନ ହୋଇଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିଲ ଶୁଖିଗଲା ପରେ କେଉଁ ଚାଷୀଙ୍କର କେତେ କ୍ଷୟ କ୍ଷତି ହୋଇଛି ସେ ସମ୍ପର୍କରେ ତହସିଲଦାର ଆକଳନ କରିବେ। ସାଂସଦ ପ୍ରତାପ ଷଡ଼ଙ୍ଗୀ ନିଜ ପ୍ରତିକ୍ରିୟାରେ କହିଛନ୍ତି କି ଲୋକେ ବନ୍ୟା ମୁକାବିଲାର ସ୍ଥାୟୀ ନିରାକରଣ ଓ ପ୍ରତିକାର ଦାବି କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଆଲୋଚନା କରି କିଛି ନିଷ୍ପତ୍ତି ନେବେ। ତେବେ ବାଲିଆପାଳ ଓ ଭୋଗରାଇ ଅଞ୍ଚଳର ଚାଷୀମାନେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲାବେଳେ ପୂର୍ବ ସରକାରର ‘ସୁବର୍ଣ୍ଣ ରେଖା ନଦୀ ସଂସ୍କାର ଯୋଜନା’କୁ ତୁରନ୍ତ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ କୌଣସି ପ୍ରତିଶ୍ରୁତି ଦେଇନଥିଲେ।ଆଜି ଉପମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦ ପ୍ରତାପ ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟକ ସୁବାସିନୀ ଜେନା, ସଦର ବିଧାୟକ ମାନସ ଦତ୍ତ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ସେପଟେ ତିନି ମାସ ମଧ୍ୟରେ ଦୁଇ ଦୁଇଥର ବନ୍ୟା ଯୋଗୁଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ଏବେ ଧାନ ବିଲରେ ଧାନ ଗଛ ଗୁଡିକ ଏଗାର ଦିନ ମଧ୍ୟରେ ପଚି ଯାଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି।




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚେମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0224/2526 DSPL-159



ପବିତ୍ର ଘୋଷଯାତ୍ରାର ଗୁରୁବାର ସପ୍ତମ ସନ୍ଧ୍ୟାରେ ଜନ୍ମବେଦୀରେ 'ପର୍ଶୁରାମ' ବେଶରେ ଦର୍ଶନ ଦେଉଛନ୍ତି ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ବିଜେ ଶ୍ରୀଶ୍ରୀ ଦଧିବାମନଜିଉ ।

# ଜଳ ନିଷ୍କାସନ ପଥ ଅବରୋଧ ନେଇ ଗ୍ରାମବାସୀଙ୍କ ରାସ୍ତାରୋକ

**ଖଣ୍ଡପଡ଼ା,୩।୭/ଏନ୍ଏନ୍ଏସ୍:** ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଚାଉପଲ୍ଲୀ ଗ୍ରାମ ନିକଟରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜଳ ନିଷ୍କାସନ ପଥକୁ ଅନଧିକାର ଭାବେ ଅବରୋଧ କରି ରାସ୍ତା ପାର୍ଶ୍ୱରେ ଏକ ସ୍ଥାୟୀ ପକ୍କା ଗୃହ ନିର୍ମାଣ କରିଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ରାସ୍ତାର ଗୋଟିଏ ପାର୍ଶ୍ୱରେ ୫ଦିନ ହେଲା ଜମା ହୋଇ ରହିଛି । ଫଳରେ ଏକର ଏକର ଚାଷ ଜମି ଜଳମଗ୍ନ ହେବା ସହ ତଳିଆ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ବାସଗୃହରେ ପାଣି ପ୍ରବେଶ କରିବା ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଫଳରେ ଚାଉପଲ୍ଲୀ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ । ଜଳ ନିଷ୍କାସନ ପଥରୁ ଅବରୋଧ ହଟାଇବା ନିମନ୍ତେ ଗ୍ରାମବାସୀ ସଂପୃକ୍ତ ବ୍ୟକ୍ତିଙ୍କୁ ବହୁବାର ଜଣାଇବା ସହ ଏ ସଂପର୍କରେ ଖଣ୍ଡପଡ଼ା ପୁଲିସ ପ୍ରଶାସନ ଓ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିଲେ । ବାରମ୍ବାର ପ୍ରଶାସନିକ ଅଧିକାରୀମାନଙ୍କ



ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଗ୍ରାମବାସୀ ବାଧହୋଇ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକ ଆନ୍ଦୋଳନ କରିଥିବା ଜଣାଯାଇଛି । ଶତାଧିକ ଗ୍ରାମବାସୀ ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାକୁ ଚାଉପଲ୍ଲୀ ଗ୍ରାମ ନିକଟରେ ଅବରୋଧ କରିବା ଯୋଗୁଁ ଉକ୍ତ ରାସ୍ତାଦେଇ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେବାସହ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀଙ୍କ ରାସ୍ତାରୋକ ଆନ୍ଦୋଳନ ସଂପର୍କରେ ଖବରପାଇ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏସଡିପିଓ ମଦନମୋହନ ପ୍ରଧାନ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ନୟାଗଡ଼ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରା, ଖଣ୍ଡପଡ଼ା ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିବା ସହ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡିଛି । ଗ୍ରାମବାସୀଙ୍କ ଦାବି ମୁତାବକ ଜଳ ନିଷ୍କାସନ ପଥରୁ ତୁରନ୍ତ ଅବରୋଧ ହଟାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆ ଯାଇଥିଲା । ତୁରନ୍ତ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ, ତହସିଲଦାର ଓ ଏସଡିପିଓ ଚାଉପଲ୍ଲୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡ଼ିଛି ।

## ଗୋରୁ ଗାଡ଼ି ଜବତ, ଚାଳକ ଫେରାର୍

**ଫୁଲନଖରା,୩।୭/ଏନ୍ଏନ୍ଏସ୍:** ସଦର ଥାନା ପୁଲିସ ଏକ ଗୋରୁ ଗାଡ଼ିକୁ ଜବତ କରିଛି । ତେବେ ଏଥିରେ ବେଆଇନଭାବେ ଚାଲାଣ ହେଉଥିବା ଗୋରୁ ପଳାଇଥିଲାବେଳେ ଗାଡ଼ି ଚାଳକ ଓ ବ୍ୟବସାୟୀ କୌଶଳକ୍ରମେ ଖସି ଯିବାରେ ସକ୍ଷମ ହୋଇଥିଲେ । ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଉଷୁମା ଅଞ୍ଚଳରୁ ବିଳମ୍ବିତ ରାତିରେ ଏକ ଟୟୋଟା ଗାଡ଼ି ଯୋଗେ ଗୋରୁ ବାହାରକୁ ଚାଲାଣ ହେଉଥିଲା । ତେବେ ଅରିଲୋ କାଶୀବଜାର ଛକରେ ଗାଡ଼ିଟି ଖରାପ ହୋଇଯିବାରୁ ଏହାର ଚାଳକ ଓ ଅନ୍ୟମାନେ ଗୋରୁଙ୍କୁ ବାହାର କରି ସେଠାରୁ ପଳାଇଥିଲେ । ଏ ସମ୍ପର୍କରେ ଖବର ପାଇ ସଦର ଥାନା ପୁଲିସ କାଶୀବଜାରଠାରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହିତ ଗୋଚାଲାଣକାରୀଙ୍କ ବିଷୟରେ ତଦନ୍ତ ଚଳାଇଛି ।

### ସରକାରୀ ନିୟମ ଉର୍ଦ୍ଧ୍ୱରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

## ଦଲାଲଙ୍କ କବ୍‌ଜା, ହିତାଧିକାରୀଙ୍କ ଅସନ୍ତୋଷ ବୃଦ୍ଧି

**ଜଟଣୀ,୩।୭/ଏନ୍ଏନ୍ଏସ୍:** ଜଟଣୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଏବେ ଦଲାଲଙ୍କ କବଜାରେ ରହିଥିବା ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଜଟଣୀ ବ୍ଲକ ଅନ୍ତର୍ଗତ ଯାଆଁଳା ଗ୍ରାମର ପ୍ରଦୀପ କୁମାର ରାୟତରାୟ ନାମକ ଜନୈକ ବ୍ୟକ୍ତି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ସରକାରଙ୍କ ଦ୍ୱାରା ନିଯୁକ୍ତ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଯଶକେତନ ସେଠିଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସ୍ଥଳେ ଜଣେ ବିଗତ ଦିନରେ ସେହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଅବସରପ୍ରାପ୍ତ କର୍ମଚାରୀ ସୋମନାଥ ପଟ୍ଟନାୟକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜସ୍ୱ ନିରୀକ୍ଷକ ଅବନୀ ଚମ୍ପତି ଅଧୀନରେ କାର୍ଯ୍ୟ କରନ୍ତି । ଆଶ୍ଚର୍ଯ୍ୟର ବିଷୟ ଜଣେ ଅବସରପ୍ରାପ୍ତ କର୍ମଚାରୀ ଓ ଆଉ ଜଣେ ଅଜଣା ବ୍ୟକ୍ତିଙ୍କୁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ନିଯୁକ୍ତି ଦେଲା କିଏ ଓ ସେ କେଉଁ ସରକାରୀ ଅଧିକାରୀଙ୍କ ଛାତ୍ରଛାୟା ତଳେ ରହି କାର୍ଯ୍ୟ କରୁଛନ୍ତି ଏବଂ ଏଥିରେ ତହସିଲଦାର



ମ୍ୟାଡ଼ାମଙ୍କ ଆଶୀର୍ବାଦ ରହିନି ତ ! ଏଭଳି ମତପ୍ରକାଶ ପାଇଛି । ଅଭିଯୋଗକ୍ରମେ ଜଣେ ସାଧାରଣ ଲୋକ ଆଇନଗତ ଉତ୍ତରାଧିକାରୀ, ଜାତିଗତ ପ୍ରମାଣ ପତ୍ର, ରୋଜଗାର ପ୍ରମାଣପତ୍ର ନିମନ୍ତେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସିଲେ ବେଆଇନ ରୂପେ କାର୍ଯ୍ୟରତ କର୍ମଚାରୀ ଉକ୍ତ କାର୍ଯ୍ୟ ପାଇଁ ହଜାର ହଜାର ଟଙ୍କା ଦାବି କରନ୍ତି । ଅର୍ଥ ନ ପାଇଲେ ଫାଇଲ ପଡ଼ି ରହେ । ଯାହାକି ଜଣେ ଗରିବ ଶ୍ରେଣୀର ସାଧାରଣ ବ୍ୟକ୍ତି ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସେହିପରି ସରକାରୀ ଜମିଜମା କାଗଜପତ୍ର ଯଥା-ଘରବାରି, ପଟ୍ଟା, ଲ୍ୟାଣ୍ଡ ସ୍ଥାଟସ୍ ଭଳି କାର୍ଯ୍ୟ ପାଇଁ ଜଣେ ସାଧାରଣ ଲୋକ କାର୍ଯ୍ୟାଳୟକୁ ଗଲେ ଉକ୍ତ କାର୍ଯ୍ୟ ପାଇଁ ହଜାର ହଜାର ଟଙ୍କା ଦାବି କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଆଉ ଏକ ବିଡମ୍ବନାର ବିଷୟ ପ୍ରତ୍ୟକ ସରକାରୀ କାର୍ଯ୍ୟାଳୟ ସନ୍ଧ୍ୟା ୫ଘଟିକା ସୁଦ୍ଧା ବନ୍ଦ ହେଉଥିବା ସ୍ଥଳେ ଜଟଣୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଖୋଲା ରହିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ତହସିଲଦାରଙ୍କ ସହମତିରେ ଏଠାରେ ସବୁକିଛି ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏ ସମସ୍ତ ବେଆଇନ କର୍ଯ୍ୟକୁ ଜିଲ୍ଲା ପ୍ରଶାସନ ଏବଂ ବର୍ତ୍ତମାନର ରାଜ୍ୟ ସରକାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅସାଧୁ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ନୟାହାଟ,୩।୭/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ନୋଡାଲ ଉ.ପ୍ରା. ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବୀପ୍ରସାଦ ପାତ୍ରଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋପ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦେଇ ବିଦ୍ୟାଳୟ ଗଠନରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ମା'ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାସ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ଶିକ୍ଷକ ପ୍ରମେସ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦେସ୍ଥଳି ପଞ୍ଚାୟତର ସମିତି ସଭ୍ୟ ଭକ୍ତରଞ୍ଜନ ଦାସ ଗୋପ ବ୍ଲକ୍‌ର ଅତିରିକ୍ତ ମଣ୍ଡଳ ଅଧିକାରୀଣି ବିନୋଦିନୀ ମହାପାତ୍ର ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘ ସୁଶାନ୍ତ କୁମାର ନାୟକ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସଂପାଦକ ସିବଦତ ନାୟକ, ଶିକ୍ଷାବିତ୍ ଦାମୋଦର ମିଶ୍ର, ଦେସ୍ଥଳି ସିଆର୍ସି ଲିଙ୍ଗରାଜ ସ୍ୱାଇଁ ଗୋପ ବ୍ଲକ କୋଷ୍ଠା ସଭାପତି ମହେନ୍ଦ୍ର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅବସର ଶିକ୍ଷକ ଦେବୀପ୍ରସାଦ ପାତ୍ରଙ୍କ ଶିକ୍ଷକତା ଉପରେ ପ୍ରଶଂଶା କରିବା ସହିତ ଗୁଣଗାନ କରିଥିଲେ । ଉତ୍ସବରେ ଦେସ୍ଥଳି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଜିତ ସାହୁ, ଆଶିଷ କୁମାର ମହାନ୍ତି, ସସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଡେଲାଙ୍ଗ,୩।୭/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ୍‌ର ଗୋଡିପୁଟମାଟିଆପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମୁଦ ମଣି ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ପ୍ରହଲ୍ଲାଦ ସ୍ୱାଇଁଙ୍କ ସଭାରେ ସଭାପତିତତ୍ୱରେ ଅନୁଷ୍ଠିତ ସମାବେଶରେ ପଣ୍ଡିତ ରମାକାନ୍ତ ମିଶ୍ର ବେଦ ପାଠ କରିଥିବା ବେଳେ ପିପିଲିର ପୂର୍ବତନ ବିଇଓ ପ୍ରମୋଦ କୁମାର ପରିଡ଼ା, ଡେଲାଙ୍ଗ ଏବିଇଓ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ଅବସରପ୍ରାପ୍ତ ପରିବେଶପ୍ରେମୀ ଶିକ୍ଷକ ମିଟୁକିଶୋର ପ୍ରଧାନ, କଣାସର ସିଆରସିସି ମମତା ସାହୁ, ଶିକ୍ଷାବିତ୍ ପ୍ରମୋଦ କୁମାର ମିଶ୍ର, ପ୍ରଧାନ ଶିକ୍ଷକ ବାଳାନିଧି ସାହୁ, ମନୋରଞ୍ଜନ ପ୍ରଧାନ, ଶିକ୍ଷୟିତ୍ରୀ ବିଳାସିନୀ ଆଚାର୍ଯ୍ୟ, ସବିତା ରଥ, କ୍ଷିରୋଦିନୀ ଶତପଥୀ, ବାସନ୍ତୀ ସାହୁ ପ୍ରମୁଖ ଯୋଗଦେଇ ଗୁରୁ ସର୍ବଦା ସମାଜରେ ବନ୍ଦନୀୟ ଓ ପୂଜନୀୟ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ଅବସର ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁଙ୍କ ମଣିଷ ପଣିଆ ଓ ଛାତ୍ରବତ୍ସଳ ଗୁଣ ସମସ୍ତଙ୍କର ସବୁଦିନ ମନେରହିବ ବୋଲି ମତପ୍ରକାଶ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିରେଖା ସାହୁ, ଡ଼େଲାଙ୍ଗ ବ୍ଲକର ପୂର୍ବତନ ବିଦ୍ୟାଳୟ ଅନୁନୀରିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନ ଓ କମିଟିର ସହଯୋଗରେ ଅନୁଷ୍ଠିତ ସମାବେଶରେ ସିଆର୍‌ସିସି ପ୍ରଦୀପ ବଳିୟାର ସିଂହ ଓ ଶିକ୍ଷକ ମଙ୍ଗୁଳି ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ । ନିଜ ବିଦ୍ୟାଳୟ, ଛାତ୍ରଛାତ୍ରୀ, ପ୍ରାଥମିକ ଶିକ୍ଷକ ସଂଗଠନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଶ୍ରୀମତୀ ସାହୁଙ୍କୁ ଉତ୍ତରୀୟ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

### ନିମାପଡ଼ା ଏନ୍ଏସିରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘେରିଲା ଠିକାଦାର ସଂଘ

**ନିମାପଡ଼ା,୩।୭/ଏନ୍ଏନ୍ଏସ୍:** ଆଇନ ଉଲ୍ଲଂଘନ କରି ବିନା ଟେଣ୍ଡରରେ ନିମାପଡ଼ା ଏନ୍ଏସିରେ ଲକ୍ଷ ଲକ୍ଷ ଟଙ୍କା କାର୍ଯ୍ୟ କରାଯାଇଥିବା ଅଭିଯୋଗ ଆଣି ସ୍ଥାନୀୟ ଠିକାଦାର ସଂଘ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଘେରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ଏନ୍ଏସି କାର୍ଯ୍ୟାଳୟ ଛାତ ଗ୍ରିଡ଼ିଂ, ଆହାର କେନ୍ଦ୍ର ସାମ୍ନା ରାସ୍ତା, ଭେଣ୍ଡିଂଜୋନ୍ ରଙ୍ଗମରା, ମାଛହାଟ ଅଙ୍ଗନୱାଡ଼ି କେନ୍ଦ୍ର ରାସ୍ତା ଆଦି କାର୍ଯ୍ୟ ଆଇନ ମୁତାବକ ୧୪.୯୯% ଲେସ୍‌ରେ ଟେଣ୍ଡର କରା ନଯାଇ କିଛି ଚାହିଦା ଠିକାଦାରଙ୍କୁ ନିଜ ଇଚ୍ଛାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କାର୍ଯ୍ୟ ଦେଇ ଦେଇଥିବା ଅଭିଯୋଗ ହୋଇଛି । ଯାହାଫଳରେ ନଗର ଉନ୍ନୟନ ବିଭାଗର ରାଜସ୍ୱ ହାନୀ ହୋଇଛି । ଏମିତିକି ଠିକାଦାରଙ୍କ କାଗଜପତ୍ର ଠିକ୍ ନଥାଇ କାର୍ଯ୍ୟ ଦିଆଯାଇଛି । ପୂର୍ବରୁ ଏନ୍ଏସିରେ ସମସ୍ତ କାର୍ଯ୍ୟ ଠିକ୍ ଭାବରେ ଟେଣ୍ଡର ମାଧ୍ୟମରେ ହେଉଥିବା ବେଳେ ବର୍ତ୍ତମାନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିୟମ ଉଲ୍ଲଂଘନ କରିଛନ୍ତି । ତତ୍ ସହିତ ଏନ୍ଏସିରେ ଡ୍ରେନେଜ୍ ନିର୍ମାଣ ପାଇଁ ଡ୍ରୋନ୍



ମାଧ୍ୟମରେ ଚିତ୍ର ଉତୋଳନ କାର୍ଯ୍ୟରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି । ବିଶେଷକରି, ଏନ୍ଏସି ଅଧକ୍ଷା, କାଉନସିଲରମାନଙ୍କୁ ଅଗୋଚରରେ ରଖି ଅଧିକାରୀ ନିଜ ଇଚ୍ଛାରେ କାର୍ଯ୍ୟ ବଣ୍ଟନ, ବିଲ୍ ପେମେଣ୍ଟ ଆଦି କରୁଛନ୍ତି ବୋଲି ଠିକାଦାର ସଂଘ ଅଭିଯୋଗ ଆଣିଛି । ଏହା ବିରୁଦ୍ଧରେ ସଂଘ ପୁରୀ ଜିଲ୍ଲାପାଳ, ଏଡ଼ିଏମ୍, ଭିଜିଲାନ୍ସ ବିଭାଗ, ନଗର ଉନ୍ନୟନ ବିଭାଗ ସଚିବ, ନିର୍ଦ୍ଦେଶକ ଆଦିଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି । ଘଟଣାର ତଦନ୍ତ କରାଯାଇ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି । ଏହି ବିକ୍ଷୋଭରେ ସଂଘ ସଭାପତି ବିଶ୍ୱଜିତ କାନୁନ୍‌ଗୋ, ସଂପାଦକ ଜ୍ୟୋତିରଞ୍ଜନ ମହାନ୍ତି, କ୍ଷିତିଶ ପ୍ରସାଦ ମହାନ୍ତି, ନିରଞ୍ଜନ ସାହୁ, ବ୍ରହ୍ମାନନ୍ଦ ସାସମଲ, ଷ୍ଟାଲିନ୍ ଦାସ, ପ୍ରଭାତ ମହାପାତ୍ର, କଳ୍ପତରୁ ନାୟକ, ପୂର୍ବତନ ଅଧକ୍ଷ ଅଜୟ ଭୋଇ, ଅକ୍ଷୟ ବେହେରା, ଯୁବନେତା ଦିଲ୍ଲୀପ ପାତ୍ର, ଗଙ୍ଗାଧର ବେହେରା, ପ୍ରମୋଦ ବରାଳଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଠିକାଦାର ସାମିଲ ଥିଲେ ।

## ଶ୍ରୀପଲ୍ଲୀ ଟେକ୍‌ନିକ୍‌ରେ ବନମହୋତ୍ସବ



**ଓଡଗାଁ,୩।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ମକରପଦା ଶ୍ରୀପଲ୍ଲୀ ଟେକନିକରେ ଗୁରୁବାର ୭୬ ତମ ବନମହୋତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଇଂ ସର୍ବେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ ଓଡଗାଁ ବନବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଯୋଗଦେଇ ଆମ୍ବ,ପଣସ,ବଉଳ ଓ ପେସ୍ତାବାଦାମ ଚାରାରୋପଣକରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଉକ୍ତ ଉତ୍ସବରେ ଓଡ଼ଗାଁ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଦୀପ୍ତିମୟୀ ରାଉତ ପ୍ରମୁଖ ଯୋଗଦେଇ ଚାରାରୋପଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଏବଂ ବୃକ୍ଷମାନଙ୍କ ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ । ଅଧ୍ୟାପକ ଗୋଲକ ବିହାରୀ ଜେନା କାର୍ଯ୍ୟ ପରିଚାଳନା କରିଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ସରୁନି ଜାତୀୟ ରାଜପଥ ସର୍ଭିସ୍ ରୋଡ୍ ଓ ଡ୍ରେନ୍ କାମ, ଦୁର୍ଘଟଣା ବୃଦ୍ଧି

**ମୁଣ୍ଡମୁହାଣ,୩।୭/ଏନ୍ଏନ୍ଏସ୍:** ୧୬ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱରରୁ ଖୋର୍ଦ୍ଧା ମଧ୍ୟରେ ଥିବା ସର୍ଭିସ ରାସ୍ତା କାମ ପ୍ରାୟ ସବୁସ୍ଥାନରେ ସରିଛି । କିନ୍ତୁ ଯାଁଳା ବଜାର ଉପରେ ଥିବା ଉଭୟ ପାର୍ଶ୍ୱରେ କେତେକ ସ୍ଥାନରେ ସର୍ଭିସ୍ ରାସ୍ତା କାମ ଛାଡିଦେଇ ଥିବା ବେଳେ କେତେକ ସ୍ଥାନରେ ଡ୍ରେନ କାମ ମଧ୍ୟ ହୋଇନାହିଁ । ଛାଡ଼ିଦେଇ ଯାଇଥିବା ସର୍ଭିସ୍ ରାସ୍ତାରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି ଓ ରାସ୍ତାରେ ପଡିଥିବା ଗେଟି ଯୋଗୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ସେହିଭଳି ଗୋଟିଏ ପାର୍ଶ୍ୱରେ ରାସ୍ତା କାମ ସରିଥିବା ବେଳେ ଡ୍ରେନ ନିର୍ମାଣ ବିଳମ୍ବ ଯୋଗୁ କିଛି ପରିବାର ବହୁ ଅସୁବିଧାର ରହୁଥିବା ଅଭିଯୋଗ ହେଉଛି । ତେଣୁ ଠିକା ସଂସ୍ଥାର ମନମାନି ଓ ଜାତୀୟ ରାଜପଥ କତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି । ଗତ କିଛି ବର୍ଷ ପୂର୍ବରୁ ୧୬ ନମ୍ବର ଜାତୀୟ ରାଜପଥ କାମ ଆରମ୍ଭ ହୋଇଥିଲା । ରାଜପଥର ବରମୁଣ୍ଡାରୁ ପିତାପଲ୍ଲି ପର୍ଯ୍ୟନ୍ତ ସମସ୍ତ ସମସ୍ତ ସ୍ଥାନରେ ସର୍ଭିସ୍ ରାସ୍ତା କାମ ସରିଛି । କିନ୍ତୁ ଯାଁଳା ବଜାରର ଦଶହରା ପଡିଆ ଠାରୁ ଫାଣ୍ଡି ପର୍ଯ୍ୟନ୍ତ ଲମ୍ବିଥିବା ସର୍ଭିସ୍ ରାସ୍ତା କାମ ସରିପାରି ନାହିଁ । ଏହି ରାସ୍ତାରେ କେବଳ ମେଣ୍ଟାଲ ବିଛେଇ ଠିକା ସଂସ୍ଥା ଚମ୍ପଟ ମାରିଛି । ତେଣୁ ଏହି ୨ଶହ ମିଟର ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଛି । ବଡ଼ ବଡ଼ ଗେଟି ପଡିଥିବାରୁ ଏହି



ରାସ୍ତାରେ ଯାତାୟାତ କରିବା ବଡ କଷ୍ଟକର ହୋଇପଡୁଛି । ବର୍ଷା ଦିନ ଆରମ୍ଭ ହୋଇଥିବାରୁ ଗର୍ତ୍ତ ଗୁଡିକରେ ପଣି ଜମିବା ଦ୍ୱାରା ଲୋକେ ଦୁର୍ଘଟଣାରେ ଶିକାର ହେଉଛନ୍ତି । ଉକ୍ତ ରାସ୍ତାରେ ସ୍ଥାନୀୟ ଯାଁଳା, ମୁଣ୍ଡମୁହାଣ, ଓଗାଳପଡା, କାଶିପୁର, ଅରିଶଳ ଆଦି ଅଞ୍ଚଳର ପ୍ରାୟ ୩୦ ହଜାର ଲୋକ ଯାତାୟାତ କରନ୍ତି । ସେହିଭଳି ସବୁଦିନ ଶହ ବସ, ଟ୍ରକ ଓ ମୋଟରସାଇକଲ ମଧ୍ୟ ଯାତାୟାତ କରିଥାଏ । ଏହା ସହ ରାସ୍ତା ପାର୍ଶ୍ୱରେ ମଧ୍ୟ ବହୁ ବ୍ୟବସାୟିକ ଅନୁଷ୍ଠାନ ଓ ବ୍ୟାଙ୍କ ମଧ୍ୟ ଅଛି । ତେଣୁ ରାସ୍ତାର ଅବସ୍ଥା ଖରାପ ଥିବାରୁ ଅନେକ ସମୟରେ ଏହି ଗର୍ତ୍ତରେ ପଥଚାରୀ ଓ ମୋଟରସାଇକଲ ଚାଳକ ମାନେ ଯାତାୟାତ ବେଳେ ପଡି ଆହତ ହେଉଛନ୍ତି । ରାଜପଥରେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ଯାତାୟାତ ବେଳେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ସେହିଭଳି ଯାଁଳା ବଜାର ଭୁବନେଶ୍ୱରରୁ ଖୋର୍ଦ୍ଧା ପାର୍ଶ୍ୱରେ ମଧ୍ୟ ଡ୍ରେନ ନିର୍ମାଣ ବିଳମ୍ବ ଯୋଗୁ ପ୍ରାୟ ୮/୧୦ ପରିବାର ସହ କିଛି ଦୋକାନୀ ବଡ଼ ହଇରାଣର ଶିକାର ହେଉଛନ୍ତି । ରାଜପଥ ବିଭାଗ ଏହି ସ୍ଥାନରେ ଜମି ଅଧିଗ୍ରହଣ କରି ସାରିଛି । କିନ୍ତୁ ଜମି ମାଲିକ ମାନଙ୍କୁ କ୍ଷତିପୂରଣ ବାବଦ ଅର୍ଥ ଦେଇନଥିବା କାରଣରୁ ଏଠାରେ ଡ୍ରେନ ନିର୍ମାଣ ବିଳମ୍ବ ହେଉଥିବା ଜମି ମାଲିକମାନେ ଅଭିଯୋଗ କରିଛନ୍ତି । ଜାତୀୟ ରାଜପଥର ସର୍ଭିସ୍ ରାସ୍ତା ଉଚ୍ଚରେ ଥିବା ବେଳେ ଏଠାରେ ଥିବା ଘରଗୁଡିକ ପ୍ରାୟ ୩/୪ ଫୁଟ ତଳେ ରହିଛି । କାଳବୈଶାଖୀ ବର୍ଷା ହେଉ କି ମୌସୁମୀ ବର୍ଷା ସମୟରେ ରାଜପଥରୁ ଗଡୁଥିବା ପାଣି ଘରେ ପଶିଯାଉଛି ।ଫଳରେ ଘରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ବୈଦ୍ୟୁତିକ ଜିନିଷ ଗୁଡିକ ପାଣିରେ ପଡି ନଷ୍ଟ ହେଉଛି । ତେଣୁ ଆଧାରଣ ଲୋକ ଅଜଥା କ୍ଷତି ସହୁଛନ୍ତି । ବର୍ଷା ସମୟରେ ଘରୁ ପାଣି ବୋହି ଲୋକଙ୍କୁ ନୟାନ୍ତ ହେବାକୁ ପଡୁଛି । ଉକ୍ତ ସ୍ଥାନରେ ଡ୍ରେନ କାମ ସରିଥିଲେ ରାଜପଥରୁ ଗଡୁଥିବା ପାଣି ଡ୍ରେନରେ ପଡି ଗଡ଼ିଯାଉଥାନ୍ତା । ଜାତୀୟ ରାଜପଥ ବିଭାଗର ଅବହେଳା ଯୋଗୁ ଡ୍ରେନ ନଥିବା କାରଣରୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି । କେବେ ଏହି ସର୍ଭିସ ରାସ୍ତା ଓ ଡ୍ରେନ ସରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ନେଇ ଜାତୀୟ ରାଜପଥ ବିଭାଗ ସହ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନାହିଁ ।

## ରକ୍ତଦାତା ଇଂ.ଗୋପାଳ କୃଷ୍ଣ ଦାସ ସମ୍ବର୍ଦ୍ଧିତ

**ଫୁଲନଖରା,୩।୭/ଏନ୍ଏନ୍ଏସ୍:** ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ କଟକ ପକ୍ଷରୁ ବିଶ୍ୱ ରକ୍ତ ଦାତା ଦିବସ ପାଳନ ଅବସରରେ ରକ୍ତଦାତା, ସମାଜସେବୀ, ସାହିତ୍ୟିକ, ଗବେଷକ ଇଂ. ଗୋପାଳ କୃଷ୍ଣ ଦାସଙ୍କୁ ଉଲ୍ଲେଖନୀୟ ଅବଦାନ ନେଇ ଅନେକ ରକ୍ତଦାତାଙ୍କ ସହ ବହୁ ମାନ୍ୟଗଣ୍ୟ ଅତିଥି ବର୍ଗଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଛି । ବରୀ ମାଟିର କୃତୀ ସନ୍ତାନ ୪୫ ବର୍ଷ ବୟସରେ ଏଯାବତ୍ ୬୪ ଥର ରକ୍ତ ଦାନ କରିବା ସହ ତିନି ମାସରେ ୩୩୧ ୟୁନିଟ୍ ରକ୍ତ ସଂଗ୍ରହ କରି



ଅସହାୟ ଅଭାବୀ ରୋଗୀଙ୍କୁ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ପାଇଁ ଯୁବପିଢୀଙ୍କୁ ପ୍ରୋତ୍ସାହିତ କରି ବ୍ଲଡ଼ କ୍ୟାମ୍ପ ଆୟୋଜନ କରିବା ସହ ଅନେକ ସେବାକାର୍ଯ୍ୟ କରି ଚାଲିଛନ୍ତି ଯାହାର ପଟ୍ଟାନ୍ତର ନାହିଁ । ସେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ଉଚ୍ଚାଙ୍ଗ ଶିଳ୍ପ ମାନଙ୍କରେ କାର୍ଯ୍ୟ କରିବା ସହ ବୈଷୟିକ ଜ୍ଞାନ କୌଶଳ ଦିଗରେ ଉଚ୍ଚ ସ୍ତରୀୟ ଗବେଷଣା ଓ ସାହିତ୍ୟ ସାଧନାରେ ବ୍ରତୀ ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ । ଏହି ଅବସରରେ ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା(ବିସିଟି), ୟୁଆଇଏସ କ୍ୟାନସର ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ତଥା ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ନିତିଦିନ NITIDIN



# ରଥଯାତ୍ରା ଅବସରରେ କଟକ ମାରୱାଡ଼ି ସମାଜ ପକ୍ଷରୁ ନାରାୟଣ ସେବା







**ପୁରୀ,୩।୭/ଏନ୍ଏନ୍ଏସ୍:** ପବିତ୍ର ରଥଯାତ୍ରା ଅବସରରେ କଟକ ମାରୱାଡି ସମାଜ-କଟକ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀ ଧାମରେ ନାରାୟଣ ସେବା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ତେବେ ଭକ୍ତମାନଙ୍କ ମଧ୍ୟରେ ଭଗବାନ ବାସ କରନ୍ତି ବୋଲି ପ୍ରମାଣିତ କରିବା ପାଇଁ କଟକ ମାରୱାଡି ସମାଜ-କଟକ ପକ୍ଷରୁ ପବିତ୍ର ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ର ପୁରୀ ଧାମରେ ଦୁଇଦିନିଆ ମେଗା ସର୍ଭିସ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଭଜନ ମାଧ୍ୟମରେ ମହାପ୍ରଭୁଙ୍କ ପ୍ରଶଂସା ଗାନ କରିବା ଏବଂ ଜନସାଧାରଣଙ୍କ ମନରେ ଭକ୍ତି ଭାବନା ଜାଗ୍ରତ କରିବା ଏବଂ ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ସେବା କରିବା ଏହି ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିର ର ଅଧ୍ୟକ୍ଷ ଅଶୋକ ଚୌବେଙ୍କ ନେତୃତ୍ୱରେ ଏକ ପ୍ରତିବଦ୍ଧ କର୍ମୀ ଦଳ ଶିବିର ପ୍ରସ୍ତୁତି ପାଇଁ ଗତ ୨୫ ତାରିଖରେ ପୁରୀ ଧାମ ଅଭିମୁଖେ ବାହାରିଥିଲେ। ସେମାନେ ସେଠାରେ ପହଞ୍ଚି ଶିବିର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଥିଲେ। ଦୁଇ ଦିନିଆ ଶିବିରର ପ୍ରଥମ ଦିନରେ ଜୁନ୍ ୨୬ ତାରିଖ ସନ୍ଧ୍ୟା ୬ଟାରୁ ସୋସାଇଟିର ସଭାପତି ସଞ୍ଜୟ ଶର୍ମା, ଅଧ୍ୟକ୍ଷ ଗଣେଶ କାଣ୍ଡୋଇ, ସାଧାରଣ ସମ୍ପାଦକ ଶଙ୍କର ଗୁପ୍ତା, ଯୁଗ୍ମ ସମ୍ପାଦକ ଅବିନାଶ ଖେମକା, ସଂଗଠନ ସମ୍ପାଦକ କମଲ ସିକାରିଆ, ବରିଷ୍ଠ ଉପସଭାପତି ଦେବକିନନ୍ଦନ ଯୋଶୀ, ନରେନ୍ଦ୍ର କୁମାର ମୋଦୀ, ବିଜୟ ଅଗ୍ରୱାଲ, ସତୀଶ ଗୋଏଙ୍କା, ସୁରେଶ ପୋଦ୍ଦାର, ଦିନେଶ ଯୋଶୀ, ପବନ ଚୌଧୁରୀ, ବରିଷ୍ଠ ଉପଦେଷ୍ଟା ମୋହନଲାଲଜୀ ସିଂହୀ, ବରିଷ୍ଠ ଅଧିକାରୀ ଏବଂ ୨୦୦ରୁ ଅଧିକ ପରିଶ୍ରମୀ ମହିଳା ଓ ପୁରୁଷ କର୍ମୀଙ୍କ ଉପସ୍ଥିତିରେ ଶିବିରକୁ ଉଦ୍ ଘାଟନ କରାଯାଇଥିଲା। ଦିନେଶ ଯୋଶୀଙ୍କ ନେତୃତ୍ୱରେ କଟକର ପ୍ରସିଦ୍ଧ ଭଜନ କଣ୍ଠକାର, ପପୁ ସାଙ୍ଗନେରିଆ, ନିର୍ମଳ ପୂର୍ବା, ହୁକୁମ ସିଂହ, କମଳ ବଶିଷ୍ଠ, ଯଶବନ୍ତ ଚୌଧୁରୀ ଆଦି ନିଜ ମଧୁର କଣ୍ଠରେ ମହାପ୍ରଭୁ ଜଗନ୍ନାଥଙ୍କ ସୁନ୍ଦର ଓ ସୁନ୍ଦର ଭଜନ ଗାଇ ପ୍ରବଳ ଜନସମାଗମକୁ ଆକର୍ଷିତ କରି ଭକ୍ତିର ସହ ନୃତ୍ୟ କରିବାକୁ ବାଧ୍ୟ କରିଥିଲେ। ରାତି ପ୍ରାୟ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବେ ଚାଲିଥିଲା। ଶ୍ରଦ୍ଧାଳୁଙ୍କୁ କ୍ଷୀର, ଗୋଲାପ ସିରପ, ଚା' ଓ ସବୁଜ ଚଟଣୀ ସହିତ ଗରମ ପକୋଡ଼ା ଖାଇବାକୁ ଦିଆଯାଇଥିଲା। ଏହି ଶିବିରରେ ଉତ୍କଳ କ୍ଷେତରିଆ ମାରୱାଡି ସମ୍ମିଳନୀର ପ୍ରାଦେଶିକ ସଭାପତି ଦୀନେଶଜୀ ଅଗ୍ରୱାଲ ଯୋଗ ଦେଇଥିଲେ। କଟକ ମାରୱାଡ଼ି ସମାଜର ସଭାପତି ଭାବେ ନିର୍ବାଚିତ ହୋଇଥିବା ସଞ୍ଜୟ ଶର୍ମାଙ୍କୁ ଦିନେଶ ସାର୍ଟିଫିକେଟ୍ ଦେଇ ଅଭିନନ୍ଦନ ଜଣାଇଥିଲେ। ଶିବିରର ଦ୍ୱିତୀୟ ଦିବସରେ ଜୁନ୍ ୨୭ ତାରିଖ ସକାଳ ୬ଟାରେ ମହାପ୍ରଭୁଙ୍କୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବାଳ ଭୋଗ ଅର୍ପଣ କରି ଶିବିର ଆରମ୍ଭ ହୋଇଥିଲା। ସିଏମ୍ଏସ୍ ସଭାପତି ସଞ୍ଜୟ ଶର୍ମା ଶିବିରର ସଫଳ ଆୟୋଜନରେ ସନ୍ତୋଷ ବ୍ୟକ୍ତ କରିବା ସହ ମାତୃ ଶକ୍ତି ଏବଂ ସମସ୍ତ କର୍ମକର୍ତ୍ତା ଏବଂ ଶିବିର ଆୟୋଜନ ପାଇଁ ଉଦାରତା ଓ ଭୌତିକ ଅବଦାନ ଦେଇଥିବା ସମସ୍ତ ଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ। ସିଏମ୍ଏସ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ କନ୍ଦୋଇ କଟକରୁ ପୁରୀ ଆସି ଶିବିରର ସଫଳ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ଶଙ୍କର ଗୁପ୍ତା ସମସ୍ତ କର୍ମୀଙ୍କୁ ଉତ୍ସାହିତ କରିବା ସହ ସାମାଜିକ ଉନ୍ନତି ଓ ଏକତାର ପ୍ରତୀକ ଏଭଳି ସେବାଭିତ୍ତିକ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ସମାଜର ବରିଷ୍ଠ ଉପସଭାପତି ଦେବକିନନ୍ଦନଜୀ ଯୋଶୀ ଶିବିରରେ ସମସ୍ତ କର୍ମୀଙ୍କ ସେବାକୁ ପ୍ରଶଂସା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିବିରର ସଫଳ ସମାପନ ଅବସରରେ ଶିବିରର ସଂଯୋଜକ ଅଶୋକ ଚୌବେ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ କର୍ମୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

**ନୟାହାଟ,୩।୭/ଏନ୍ଏନ୍ଏସ୍:** ଗୋପ୍ ବ୍ଲକ ଅନ୍ତର୍ଗତ ବୀରତୁଙ୍ଗ ପଞ୍ଚାୟତରେ ଥିବା ମନାପଡ଼ା ପିୟୁ ପିଏସ୍ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମଧ୍ୟାହ୍ନଭୋଜନରେ ହେରଫେର୍ ସାଙ୍ଗକୁ ସିନିୟର୍ ଶିକ୍ଷକ ଥାଇ ଜୁନିୟର ଶିକ୍ଷକ ୧୩ବର୍ଷ ହେଲା ପ୍ରଧାନ ଶିକ୍ଷକ ରହିବା ଘଟଣା ଉପରେ ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ଓ ଦିଲ୍ଲୀପ ପରିଡ଼ା ଅଭିଯୋଗ ଉଠାଇଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ରମେଶ ଚନ୍ଦ୍ର ମଲ୍ଲିକ ଗ୍ରେଡ୍ ଇଭି ପ୍ରଧାନ ଶିକ୍ଷକ ଭାବେ ୧୩ବର୍ଷ କାଳ ରହି ମଧ୍ୟାହ୍ନଭୋଜନରେ ବ୍ୟାପକ ହରିଲୁଟ୍ କରିବା ଯଥା ମୋଟ ପିଲା ସଂଖ୍ୟା ୭୭ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଯେଉଁ ଦିନ ସ୍କୁଲକୁ ୫୦ଜଣ ପିଲା ମଧ୍ୟାହ୍ନ ଖାଉଥିବା ବେଳେ ୭୦ପିଲା ଖାଇଲେ ବୋଲି ସରକାରୀ ଖାତାରେ ଦର୍ଶାଯାଉଥିବା ପୂର୍ବତନ ସରପଞ୍ଚ ଶ୍ରୀ ପରିଡା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ସ୍କୁଲରେ ନିରଞ୍ଜନ ଦାସ ଆଇଭି ଲେବୁଲର ସିନିୟର୍ ଶିକ୍ଷକଙ୍କୁ ପ୍ରଶିକ୍ଷକ ଭାବେ ରମେଶ ଚନ୍ଦ୍ର ମଲ୍ଲିକ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂପର୍କରେ ଗୋପ ବ୍ଲକ ବିଇଓ ପ୍ରମୋଦ କରଙ୍କୁ ପଚାରିବାରେ କେହି ଅଭିଯୋଗ କରିନାହାନ୍ତି, କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଇଓ ଶ୍ରୀ କର ପ୍ରକାଶ କରିଥିଲେ।


## ଆୟୁର୍ବେଦିକ ଚିକିତ୍ସକଙ୍କ ମୃତ୍ୟୁରେ ଶୋକ

**କଣ୍ଟିଲୋ,୩।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧିନସ୍ଥ କୃଷ୍ଣ ଚନ୍ଦ୍ରପୁର ପାଟଣା ମରେଇକଣର ଅଭିଜ୍ଞ ଓ ଦକ୍ଷ କଂସା ପିତ୍ତଳ ନିର୍ମିତ ବାସନ କାରିଗର ତଥା ଏ ଅଞ୍ଚଳର ଜଣେ ଆୟୁର୍ବେଦିକ ଚିକିତ୍ସକ ଭାବେ ପରିଚିତ ଦେବରାଜ ସାହୁ(୭୫)ଙ୍କର ଗତକାଲି ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ସେ ଜଣେ ଅତ୍ୟନ୍ତ ଭଦ୍ର, ଶାନ୍ତ, ନିରୀହ, ମେଳାପି, ସ୍ନେହୀ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। କିଛିଦିନ ହେଲା ସେ ଶ୍ୱାସ ଓ ହାର୍ଟଜନିତ ରୋଗର ଚିକିତ୍ସା ପାଇଁ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱଇଚ୍ଛାରେ ନିଜ ବାସଗୃହ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା ମରେଇକଣକୁ ଆଣିଥିଲେ। ଘରେ ତାଙ୍କର ଗତକାଲି ଦେହାନ୍ତ ହୋଇଥିବା ଖବର ଶୁଣି ବନ୍ଧୁବାନ୍ଧବ, ତାଙ୍କ ପାଖେ ଚିକିତ୍ସିତ ହେଉଥିବା ଲୋକମାନେ ଶୋକ କରିବା ସହିତ ତାଙ୍କର ଶେଷଦର୍ଶନ କରିବା ପରେ ସ୍ଥାନୀୟ ଶଙ୍ଖ ତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷ କୃତ୍ୟ ସଂପନ୍ନ ହୋଇଥିଲା।

### ଦୀର୍ଘଦିନ ହେଲା ଶ୍ରୀନୀଳମାଧବଙ୍କ ମନ୍ଦିର ପୂର୍ବଦ୍ୱାର ରାସ୍ତା ଅନ୍ଧାର

## ଶ୍ରଦ୍ଧାଳୁ ପଡ଼ି ଆହତ, କାହାର ନିଘା ନାହିଁ

**କଣ୍ଟିଲୋ,୩।୭/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ମନ୍ଦିର ପୂର୍ବ ଦ୍ୱାର ଦୋଳବେଦୀ ରାସ୍ତାରେ ଆଜକୁ ଦୀର୍ଘଦିନ ହେଲା ବିଦ୍ୟୁତ୍ ଖୁଣ୍ଟଗୁଡିକରେ ଆଲୁଅ ଜଳୁନଥିବାରୁ ସନ୍ଧ୍ୟା ବେଳରୁ ଆରମ୍ଭ ହେଉଥିବା କିଟି କିଟିଆ ଅନ୍ଧାରରେ ବାହାରୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଅଧିବାସୀ ମାନେ ଝୁଣ୍ଟିପଡ଼ି ଖଣ୍ଡିଆ ଖାବରା ହେବା ସହିତ ଆହତ ହେଉଥିବା ନଜିରକୁ ଆସିଛି। ସୂଚନାରୁ ପ୍ରକାଶ ଯେ, ୪୮ନଂ ରାଜ୍ୟ ରାଜପଥ ମେଡିକାଲ ଛକ ଠାରୁ ଶ୍ରୀଜିଉଙ୍କ ସିଂହଦ୍ୱାର ପର୍ଯ୍ୟନ୍ତ ଆଲୋକି କରଣ କରିବା ପାଇଁ ବିକାଶ ପ୍ରକଳ୍ପ କାର୍ଯ୍ୟ ମାଧ୍ୟମରେ ଓବିସିସି ବିଭାଗ ବଂସଲ ଠିକା ସଂସ୍ଥା ସହିତ ଚୁକ୍ତି ବଧ ହୋଇଥିଲେ ହେଁ, ଆଜ ସୁଦ୍ଧା ତାହା କରିନଥିବାରୁ ସ୍ଥାନୀୟ ଜନ ସାଧାରଣଙ୍କ ସହ ବାହାରୁ ଆସୁଥିବା ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନେ ପ୍ରତିଦିନ ଆହତ ହେଉଥିବାରୁ ଘୋର ଅଶାନ୍ତି ଓ ଅସନ୍ତୋଷ ହେବା ଦେଖିବାକୁ ମିଳୁଛି। ଦୀର୍ଘଦିନ ହେଲା ହେଉଥିବା ଅନ୍ଧାର ପାଇଁ, ନା ପଞ୍ଚାୟତ ପ୍ରଶାସନ,କି ଦେବୋତ୍ତର ବିଭାଗ ଖଣ୍ଡପଡ଼ା କିମ୍ବା ଓବିସିସି ବିଭାଗ ସହିତ ଚୁକ୍ତି ବଧ କରିଥିବା ଠିକା ସଂସ୍ଥା ବଂଶାଲ୍ କମ୍ପାନୀ ପ୍ରଭୃତି କାହାର ଆଦୌ ଦାୟିତ୍ୱ ନାହିଁ ବୋଲି ସର୍ବ ସାଧାରଣ ଜନତା ଅଭିଯୋଗ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଠିକା ସଂସ୍ଥା କଣ୍ଟିଲୋର ଜନ ସାଧାରଣଙ୍କୁ ଭୁଆଁ ବୁଲାଇ ଲୁଚକାଳି ଖେଳ ଖେଳୁଥିବା ଅଭିଯୋଗ ହେଉଛି। ତେବେ ଯଥାଶୀଘ୍ର ଏହି ଜନଗହଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଆଲୋକୀକରଣ କରି ସର୍ବସାଧାରଣ ଜନତାଙ୍କୁ ସେବା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।



## ନିଲାମ ପୂର୍ବରୁ ପଇଡ଼ ତୋଳି ବିକ୍ରି ଘଟଣାର ତଦନ୍ତ ଦାବି

**କୁଷ୍ଣେଇ,୩।୭/ଏନ୍ଏନ୍ଏସ୍:** ନିମାପଡ଼ା ଜଳସେଚନ ବିଭାଗ ଡିଭିଜନ ଅଧୀନସ୍ଥ କାକଟପୁର ଜଳସେଚନ ବିଭାଗ ସବଡିଭିଜନ୍‌ର ଅସ୍ତରଙ୍ଗ କେନାଲ ସେକ୍ସନ ଏହି କେନାଲ ସେକ୍ସନ ଅଧିନରେ ଥିବା ବିଭିନ୍ନ କେନାଲ ବନ୍ଧରେ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ବିଭିନ୍ନ କେନାଲ ବନ୍ଧରେ ଥିଲା ବୋଲି ଜନୈକ ଅଧିକାରୀ କହିଛନ୍ତି। ମାତ୍ର ସେ ସବୁର ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଅଧିକାଂଶ ନଡ଼ିଆ ଗଛର ଆଉ ଚିହ୍ନ ବର୍ଣ୍ଣ ନାହିଁ। ବର୍ତ୍ତମାନ ଯେତିକି ସଂଖ୍ୟାରେ ଏହି ସେକ୍ସନରେ ନଡ଼ିଆ ଗଛ ଅଛି ବୋଲି ଫାଇଲ କହୁଛି ସେ ସବୁ ନଡ଼ିଆ ଗଛ ପ୍ରତ୍ୟକ ଆର୍ଥିକ ବର୍ଷ ଆରମ୍ଭରେ ନିଲାମ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ଜୁଲାଇ ୧ ତାରିଖରେ ଏହି ସେକ୍ସନର ୯ଟି ସ୍ଥାନରେ ଥିବା ସମସ୍ତ ନଡ଼ିଆ ଗଛ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ୯ଟି ସ୍ଥାନ ମଧ୍ୟରୁ ୬ଟି ସ୍ଥାନ ପାଇଁ ନିଲାମଧାରୀମାନେ ନିଲାମ ଡାକିଥିବା ବେଳେ ଅବଶିଷ୍ଟ ୩ଗୋଟି ସ୍ଥାନରେ ଥିବା ନଡ଼ିଆ ଗଛ ପାଇଁ କେହି ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିନଥିଲେ। ସେକ୍ସନର କନିଷ୍ଠ ଯନ୍ତ୍ରୀ ନୀତିଶ କୁମାର ସାହୁ ସବଡ଼ିଭିଜନ କାର୍ଯ୍ୟାଳୟଠାରେ ଏହି ନିଲାମ କରିଥିବା ବେଳେ ଅବଶିଷ୍ଟ ୩ଟି ସ୍ଥାନରେ ଥିବା ନଡ଼ିଆ ଗଛରେ ଫଳ କି ଫୁଲ ନଥିବାରୁ କୌଣସି ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିନଥିବା ଛକ ବଜାରରେ ଚର୍ଚ୍ଚା ହେଉଛି।

ଅପରପକ୍ଷରେ କାହାଲ, ଜୋଅଲ ଓ ନାନକେରା ଗ୍ରାମର କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନୀତିଶ କୁମାର ସାହୁ କେନାଲ ବନ୍ଧରେ ଥିବା ନଡ଼ିଆ ଗଛ ସବୁ ବୁଲି ଦେଖିଥିଲେ। କିନ୍ତୁ ଯନ୍ତ୍ରୀ ଶ୍ରୀ ସାହୁ ଯିବାର ୨ଘଣ୍ଟା ନପୂରୁଣୁ ନଡ଼ିଆ ଗଛରୁ କେତେକ ବ୍ୟକ୍ତି ଏକ ଡାଲା ଅଟୋ ଆଣି ନଡ଼ିଆ ଗଛରୁ ସବୁ ପଇଡ଼ ତୋଳିନେଇଗଲେ। ତେବେ ଏତାଦୃଶ୍ୟ ଘଟଣା ସଂପର୍କରେ କିଛି ବ୍ୟକ୍ତି ଯନ୍ତ୍ରୀ ଶ୍ରୀ ସାହୁଙ୍କୁ ଜଣାଇଥିଲେ ମଧ୍ୟ ଯନ୍ତ୍ରୀ ଶ୍ରୀ ସାହୁ ଘଟଣାସ୍ଥଳକୁ ଯାଇନଥିଲେ। କାହା ଆଦେଶ ଓ ନିର୍ଦ୍ଦେଶରେ ନିଲାମ ହେବା ପୂର୍ବରୁ ନଡ଼ିଆ ଗଛରୁ ପଇଡ଼ ତୋଳା ଯାଇ ବିକ୍ରି କରାଗଲା ଏ ବିଷୟରେ ଯନ୍ତ୍ରୀଙ୍କ ନିରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏଠାରେ ସୂଚନାଯୋଗ୍ୟ କି ଯନ୍ତ୍ରୀ ଶ୍ରୀ ସାହୁଙ୍କ ଅବହେଳାରୁ ଆଜକୁ ୫ବର୍ଷ ଧରି ଏହି ସେକ୍ସନ ଅଧୀନରେ ଥିବା ୩ଗୋଟି ପାଣି ପଞ୍ଚାୟତ ନିର୍ବାଚନ ହୋଇପାରି ନଥିବା ବେଳେ ଯନ୍ତ୍ରୀଙ୍କ ରୁକ୍ଷ ବ୍ୟବହାରରେ ଚାଷୀ କି ଠିକାଦାର କେହି ସନ୍ତୁଷ୍ଟ ନଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବା ସହ ନିଲାମ ହେବା ପୂର୍ବରୁ କାହା ନିର୍ଦ୍ଦେଶରେ କିଏ ପଇଡ଼ ତୋଳି ବାହାରେ ବିକ୍ରିକଲା ତୁରନ୍ତ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଉଚ୍ଚବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ




**ସାକ୍ଷୀଗୋପାଳ,୩।୭/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମଠସାହି ଉଚ୍ଚବିଦ୍ୟାଳୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଶକ୍ତି ବିଭାଗ ଓ ସି.ଇ.ଏସ ଭୁବନେଶ୍ୱର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର କୁମାରଙ୍କ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଏନର୍ଜି କ୍ଲବ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ରତ୍ନାକର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶତାଧିକ ଅଭିଭାବକ, ପୁରାତନ ଓ ବର୍ତ୍ତମାନ ପରିଚାଳନା କମିଟି ସଦସ୍ୟ, ଛାତ୍ରଛାତ୍ରୀଙ୍କୁ ନେଇ ସଭାରେ ବିଦ୍ୟୁତ ବିଭାଗର ପୁରୀ ଜିଲ୍ଲା ସୁପେରିଣ୍ଟେଣ୍ଡିଙ୍ଗ ଇଂଜିନିୟର ଶ୍ରୀକାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଏବଂ ସତ୍ୟଜିତ ମିଶ୍ର ସାନମାନିତ ଅତିଥି ଭାବରେ ଯୋଗଦେଇ ସୁରକ୍ଷିତ ବିଦ୍ୟୁତ ବ୍ୟବହାର ନିମନ୍ତେ ବିଭିନ୍ନ ଭିଡ଼ିଓ ମାଧ୍ୟମରେ ସଚେତନ କରାଇଥିଲେ। ବିଦ୍ୟାଳୟର ପ୍ରାକ୍ତନ ସଭାପତି ତଥା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଶୋକ କୁମାର ରାଉତରାୟ, ସମିତି ସଭ୍ୟା ଅମିତା ବେହେରା, ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମୀଧର ପରିଡା, ଜମ୍ବେଶ୍ୱର ପ୍ରଧାନ ମଧ୍ୟ ବିଦ୍ୟୁତ ସୁରକ୍ଷା ନିମନ୍ତେ ଛାତ୍ର ଛାତ୍ରୀ, ଅଭିଭାବକ ମାନଙ୍କୁ ଉତ୍ସାହିତ କରିଥିଲେ। ଶୃଙ୍ଖଳା ରକ୍ଷା ନିମନ୍ତେ ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ଯୁଧିଷ୍ଠିର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ଫୁଟ ନାଗ ସହ ୮ ଛୁଆ ଉଦ୍ଧାର

**ସାଲେପୁର,୩।୭/ଏନ୍ଏନ୍ଏସ୍:** କଟକ ଜିଲ୍ଲାର ସାଲେପୁର ବ୍ଲକ୍ ଅନ୍ତର୍ଗତ ଭୀମଦାଶପୁର ପଞ୍ଚାୟତର କୁସୁପୁର ଗାଁର ଦେବପ୍ରସାଦ ଦାସଙ୍କ ଘରୁ ୫ଫୁଟର ଏକ ନାଗଶାପ ସହ ୮ଟି ନାଗଛୁଆକୁ ଉଦ୍ଧାର କଲେ ସ୍ନେକ୍ ରେସ୍‌କ୍ୟୁର ଶୁଭେନ୍ଦୁ ସ୍ୱାଇଁ। ସୂଚନା ମୁତାବକ ସାଲେପୁର ବ୍ଲକ୍ ଅନ୍ତର୍ଗତ ଭୀମଦାଶପୁର ପଞ୍ଚାୟତ ଅନ୍ତର୍ଗତ କୁସୁପୁର ଗାଁର ଦେବପ୍ରସାଦଙ୍କ ସିଡ଼ି ଘରର ଏକ କୋଣରେ ଏକ ନାଗସାପ ଓ ଛୁଆ ବୁଲୁଥିବା ଦେଖି ଭୟଭୀତ ହୋଇଯାଇଥିଲେ। ଦୁଇଗୋଟି ନାଗଛୁଆକୁ ଦେବପ୍ରସାଦ ନିଜେ ଉଦ୍ଧାରକରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଜାଣିବାକୁ ପାଇଥିଲେ ଯେ ଆଉ ଅଧିକ ନାଗସାପ ଛୁଆ ଏବଂ ବଡ଼ ନାଗସାପ ଅଛି। ଫଳରେ ଦେବପ୍ରସାଦ କଟକର ସ୍ନେକ୍ ରେସ୍‌କ୍ୟୁ ଅଧିକାରୀ ଶୁଭେନ୍ଦୁ ସ୍ୱାଇଁଙ୍କୁ ଜଣାଇବାରୁ ସେ ପ୍ରଥମେ ୫ ଫୁଟ୍‌ର ଏକ ନାଗସାପ ସହ ଅନ୍ୟ ୬ଟି ନାଗ ଛୁଆକୁ ଉଦ୍ଧାର କରିଥିଲେ।



## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ବୃଦ୍ଧ ବୃଦ୍ଧାଙ୍କ ଅସନ୍ତୋଷ ବୃଦ୍ଧି

**ନୟାଗଡ଼,୩।୭/ଏନ୍ଏନ୍ଏସ୍:** ସରକାର ଦେଉଥିବା ବର୍ଦ୍ଧିତ ଭତ୍ତା ଏବେ ବୟୋଜ୍ୟେଷ୍ଠ ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ବରଦାନ ସଦୃଶ ହୋଇଥିବା ବେଳେ ଅସହାୟ ମାନଙ୍କ ପାଇଁ ସାହାରା ପାଲଟିଛି। ବର୍ଦ୍ଧିତ ଭତ୍ତା ପାଇବାକୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ସୀମା ଧାର୍ଯ୍ୟ ଥିଲାବେଳେ ବହୁ ବୃଦ୍ଧ ବୃଦ୍ଧା କିନ୍ତୁ ଏବେବି ଏହି ଲୋକାଭିମୁଖୀ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଯାହାକି ଗାଁ ଗାଁ ରେ ବୃଦ୍ଧ ବୃଦ୍ଧାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ସମସ୍ତ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ସେହି ଅର୍ଥ ରାଶିରେ ସେମାନେ ଔଷଧ କିମ୍ବା କିଛି ଭଲମନ୍ଦ କିଣି ସେମାନଙ୍କ ଆବଶ୍ୟକତା ମେଣ୍ଟାଇ ପାରୁଛନ୍ତି। ଏପରିକି ଅନେକଙ୍କ ପୁଅଝିଅମାନେ ସେମାନଙ୍କ ପିତାମାତାଙ୍କୁ ପରିଣତ ବୟସରେ ଭଲରେ ଦେଖାଚାହାଁ କରି ନଥାନ୍ତି। ତେଣୁ ସରକାର ଏଭଳି ଏକ ଯୋଜନା ପ୍ରଣୟନ କରି ବୃଦ୍ଧବୃଦ୍ଧାମାନଙ୍କୁ ୧୨ଶହ ଏବଂ ଦିବ୍ୟାଙ୍ଗମାନଙ୍କୁ ଏକ ହଜାର ଟଙ୍କାର ପେନ୍ସନ୍ ଯୋଜନା ପ୍ରଣୟନ କରିଛନ୍ତି। ଜିଲ୍ଲାରେ ମଧୁବାବୁ ପେନ୍ସନ୍ ଯୋଜନାରେ ୧ଲକ୍ଷ ୩ହଜାର ୩୯୩ ଜଣ ହିତାଧିକାରୀ ଏବଂ ଇନ୍ଦିରା ଗାନ୍ଧି ପେନ୍ସନ୍ ଯୋଜନାରେ ୫୨ ହଜାର ୪୦୨ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ତେବେ ଡିସେମ୍ବରଠାରୁ ସରକାର ୮୦ ବର୍ଷ ବୟସରୁ ଅଧିକ ହୋଇଥିବା ବୃଦ୍ଧବୃଦ୍ଧାମାନଙ୍କ ପେନ୍ସନ୍ ଟଙ୍କା ବୃଦ୍ଧି କରି ସାଢେ ୩ହଜାର ଟଙ୍କା କରିଛନ୍ତି। ସେହିଭଳି ଦିବ୍ୟାଙ୍ଗମାନଙ୍କ ମଧ୍ୟରୁ ଯେଉଁମାନେ ୮୦ ପ୍ରତିଶତ ଦିବ୍ୟାଙ୍ଗ ସେମାନଙ୍କୁ ମଧ୍ୟ ସାଢେ ୩ହଜାର ଟଙ୍କା ପେନ୍ସନ୍ ଦେବାର ବ୍ୟବସ୍ଥା କରିଛନ୍ତି। ଏଥିରେ ସରକାରଙ୍କ ନିୟମ ଅନୁସାରେ ଏବେ ୧୭ ହଜାର ୮୧୬ ଜଣ ହିତାଧିକାରୀ ୩ହଜାର ୫୦୦ ଟଙ୍କା ଭତ୍ତା ପାଉଛନ୍ତି। ତେବେ ଏହି ନୂଆ ବର୍ଦ୍ଧିତ ଭତ୍ତା ପାଇବାକୁ ଜିଲ୍ଲାରେ ଆହୁରି ହଜାର ହଜାର ହିତାଧିକାରୀ ଅପେକ୍ଷାରେ ରହିଥିବା ଜଣାପଡିଛି। ଏପଟେ ୬୦ ବର୍ଷ ପରେ ଅନେକ ହିତାଧିକାରୀ ଦୀର୍ଘ ଦିନ ହେଲା ଭତ୍ତା ପାଇବାକୁ ଚାହିଁ ବସିଥିଲେ ସୁଦ୍ଧା ଏବଂ ବାରମ୍ବାର ଆବେଦନ କରି ଆସୁଥିଲେ ମଧ୍ୟ ସରକାରଙ୍କର ଟାର୍ଗେଟ୍ ନଥିବାରୁ ସେମାନେ ଆଜି ପର୍ଯ୍ୟନ୍ତ ଭତ୍ତା ପାଇପାରି ନାହାନ୍ତି। ଏବେ ଜିଲ୍ଲାର ଭାପୁର ବ୍ଲକରେ ୬୨୫ ଜଣ, ଦଶପଲ୍ଲା ବ୍ଲକରେ ୪୧୬ ଓ ଏନ୍ଏସିରେ ୧୧୧ ଜଣ, ଗଣିଆ ବ୍ଲକରେ ୧୫୨ ଜଣ, ଖଣ୍ଡପଡ଼ା ବ୍ଲକରେ ୧୧୪୨ ଓ ଏନ୍ଏସିରେ ୪୨ ଜଣ, ନୟାଗଡ଼ ବ୍ଲକରେ ୧୫୬୩ ଓ ପୌର ପରିଷଦରେ ୬୧୦ ଜଣ, ନୂଆଗାଁ ବ୍ଲକରେ ୭୨୬ ଜଣ, ଓଡ଼ଗାଁ ବ୍ଲକରେ ୧୩୭୩ ଓ ଏନ୍ଏସିରେ ୯୪ ଜଣ, ରଣପୁର ବ୍ଲକରେ ୧୨୬୨ ଓ ଏନ୍ଏସିରେ ୮୫ ଜଣ ହିତାଧିକାରୀ ଆବେଦନ କରିଥିବା କୁହାଯାଇଛି। ଏମାନଙ୍କ ମଧ୍ୟରେ କେତେକଙ୍କ ବୟସ ୮୦ ଡେଇଁ ସାରିଲାଣି। ତେଣୁ ଏମାନଙ୍କ ସଂଖ୍ୟା ଦେଖିବାକୁ ଗଲେ ଜିଲ୍ଲାରେ ହିତାଧିକାରୀଙ୍କ ସଂଖ୍ୟା ବହୁ ବଢ଼ିଯିବ। ସରକାର ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସାଢ଼େ ୩ହଜାର ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରିଥିବାବେଳେ ଏଥିରୁ ବାଦ୍ ପଡୁଥିବା ହିତାଧିକାରୀମାନେ ବହୁ ଅସନ୍ତୋଷରେ ରହିଥିବା ଦେଖିବାକୁ ମିଳିଛି। ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ ଯଥାଶୀଘ୍ର ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ଦାବି ହେଉଛି।

## ସଂଯୁକ୍ତା ମେମୋରିଆଲ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା





**ଫୁଲନଖରା,୩।୭/ଏନ୍ଏନ୍ଏସ୍:** ପାହାଳ ଥାନା ଫୁଲନଖରା ଉପକଣ୍ଠ ତ୍ରିନାଥ ବଜାରସ୍ଥିତ ସଂପୂର୍ଣ୍ଣା ମଲ ପରିସରରେ ସଂପୂର୍ଣ୍ଣା ମିଡ଼ିଆ ଏଣ୍ଟରଟେନ୍‌ମେଣ୍ଟ୍ ଆଣ୍ଡ ପବ୍ଲିକେସନର ଉନ୍ମୋଚନ ଉତ୍ସବ, ସଂପୂର୍ଣ୍ଣା ମଲ ପକ୍ଷରୁ ଲକି ଡ୍ର କୁପନ୍ ଉଠାଣ ସହ ବିଜେତାଙ୍କୁ ପୁରସ୍କାର ବଣ୍ଟନ ଏବଂ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେବା ସମ୍ମାନ-୨୦୨୫ ପ୍ରଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଂଯୋଜକ ଇଂ. ସେବକ ଶ୍ରୀକାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ମିଳିତ ଜାତିସଂଘ ସଦସ୍ୟ ଭାରତ ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ଜାଭା ଟେକ୍ନୋଆର୍ଟ ଶିକ୍ଷାବିତ୍ ରଶ୍ମିକାନ୍ତ ଦାସ, ବିଶିଷ୍ଟ ସମାଜସେବୀ ସନାତନ ପରିଜା, ପାଲାକାର ଯୁଧିଷ୍ଠିର ପରିଜା, ମୁଖ୍ୟ ଉପଦେଷ୍ଟା ସଂପୂର୍ଣ୍ଣା ଗ୍ରୁପ ବଲ୍ଲଭ ଚରଣ ରାଉତ, ଉପଦେଷ୍ଟା ସଂପୂର୍ଣ୍ଣା ମଲ, ବିଦ୍ୟୁତ ରଞ୍ଜନ ମହାନ୍ତି, ଶିକ୍ଷାବିତ୍ ପ୍ରାଧ୍ୟାପକ ଡକ୍ଟର କଲିମୁଲ୍ଲା, ସମାଜସେବୀ ଶିଶିର ଚନ୍ଦ୍ର ଦାସ, ସୁରେଶ ବିଶ୍ୱାଳ, ଇଂ. ବସନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଂପୂର୍ଣ୍ଣା ଗ୍ରୁପର ପ୍ରତିଷ୍ଠାତା ସମ୍ପାଦକ ଯୁବସମାଜସେବୀ ସନ୍ତୋଷ କୁମାର ରାଉତ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ସାମ୍ବାଦିକ ଶଶି ଭୂଷଣ ଚଇନି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଦିଜବର ମହାପାତ୍ର, ସୋନାଲି ପୁହାଣ, ପଦ୍ମିନୀ ରାଉତ, ସୁଭେନ୍ଦୁ ବାରିକ, ଶିବପ୍ରସାଦ ଦାସ, ସଞ୍ଜୟ ସାମନ୍ତରାୟ, ବବିନା ରାଉତ ପ୍ରମୁଖ ପରିଚାଳନାରେ କରିଥିଲେ। ଅନୁଷ୍ଠାନର ମ୍ୟାନେଜର ଶୁଭେନ୍ଦୁ ଶେଖର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ନିତି ଭାରତୀ**
ପବନ ସବୁଠି ଥିଲେ ସୁଦ୍ଧା ଯେମିତି ତାକୁ ଅନୁଭବ କରିବା ପାଇଁ ପଙ୍ଖାଟିଏ ଦରକାର, ଠିକ୍ ସେମିତି ଈଶ୍ୱର ସର୍ବବିଦ୍ୟମାନ ହୋଇଥିଲେ ସୁଦ୍ଧା ତାଙ୍କୁ ପୂଜା କରିବା ପାଇଁ ମନ୍ଦିରଟିଏ ତୋଳାଯାଏ। - **ସ୍ୱାମୀ ବିବେକାନନ୍ଦ**

ନିତିଦିନ NITIDIN
ଶୁକ୍ରବାର, ୪ ଜୁଲାଇ, ୨୦୨୫

# ଫସର ଫାଟିଲା ପାକିସ୍ତାନ ଓ ଚୀନ୍ ମନ୍ତ୍ରଣା

ଚୀନ୍‌ର କ୍ଷିଙ୍ଗଡାଓ ସହରରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନର ପ୍ରତିରକ୍ଷା ମନ୍ତ୍ରୀ ସ୍ତରୀୟ ବୈଠକ ଆୟୋଜିତ। ସଂଗଠନରେ ସହଯୋଗ ଅପେକ୍ଷା ଅଧିକ ଆଲୋଚନାର ବିଷୟ ହୋଇଛି ସହଯୋଗୀଙ୍କରେ ବିଶ୍ୱାସଘାତକତା। ମାନେ ପଡ଼ୋଶୀ ପାକିସ୍ତାନ ଓ ଚୀନର ଷଡ଼ଯନ୍ତ୍ର। ତେଣୁ ଏହି ବିଶ୍ୱ ମଞ୍ଚରୁ ଉଭୟଙ୍କୁ ଚେତାବନୀ ଦେଇଛି ଭାରତ। ବିଶ୍ୱର ୪୩ ପ୍ରତିଶତ ଲୋକସଂଖ୍ୟାକୁ ପ୍ରତିନିଧିତ୍ୱ କରୁଥିବା ୧୦ ଦେଶର ଏହି ସାଂଘାଇ ସହଯୋଗ ସଂଗଠନରୁ ଚୀନ୍ ଓ ପାକିସ୍ତାନକୁ ସୁଧୁରି ଯିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ଦେଇଛନ୍ତି କଡ଼ା ବାର୍ତ୍ତା। ପାକିସ୍ତାନ ଓ ଚୀନର ନାଁ ନ ନେଇ ଏମାନଙ୍କ ଦୋମୁହାଁ ନୀତିକୁ ନେଇ ବର୍ଷିଛନ୍ତି ରାଜନାଥ। କିଛି ଦେଶ ସୀମାପାର ଆତଙ୍କବାଦକୁ ସେମାନଙ୍କ କୂଟନୀତିର ଏକ ପ୍ରଧାନ ଉପକରଣ ଭାବରେ ବ୍ୟବହାର



ଲଳିତେନ୍ଦୁ ପଲାଉରୀ

କରୁଛନ୍ତି ଏବଂ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛନ୍ତି। ଏପରି ଦୋମୁହାଁ ମାନଦଣ୍ଡ ରଖିଥିବା ଦେଶ ସହ ମିତ୍ରତାର କୌଣସି ସ୍ଥାନ ରହିବା ଉଚିତ ନୁହେଁ। ଏସ୍‌ସିଓ ଏପରି ରାଷ୍ଟ୍ରଗୁଡ଼ିକୁ ସମାଲୋଚନା କରିବାକୁ ସଂକୋଚ କରିବା ଉଚିତ ନୁହେଁ। ବଡ଼କଥା ହେଉଛି, ସାଂଘାଇ ସହଯୋଗ ସଂଗଠନର ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ବୈଠକରେ ମିଳିତ ବିବୃତିରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଉଲ୍ଲେଖ ହୋଇ ନଥିବାରୁ ଏହି ଦସ୍ତାବିଜରେ ହସ୍ତାକ୍ଷର ପାଇଁ ସିଧା ମନା କରି ଦେଇଛି ଭାରତ। ଏଭଳି ଘଟଣା ଏସ୍‌ସିଓ ଭଳି ଏକ ବହୁରାଷ୍ଟ୍ରୀୟ ମଞ୍ଚର ଏକତାକୁ ପ୍ରଶ୍ନ କରୁଛି ବୋଲି କହିଥିଲା ଭାରତ। ତେଣୁ ଆତଙ୍କବାଦକୁ ଉଭୟ ରଖି ଯେଉଁ ଆଲୋଚନା ଚାହୁଁଥିଲେ ଚୀନ ଓ ପାକିସ୍ତାନ, ତାହା ସଫଳ ହେବା ପୂର୍ବରୁ ଭାରତ ସେମାନଙ୍କ ଏହି କୁମନ୍ତ୍ରଣାକୁ ଫସର ଫଟାଇ ଦେଇଛି। ଆତଙ୍କବାଦ ବିରୋଧରେ ସବୁବେଳେ କଡ଼ା ଆଭିମୁଖ୍ୟ ରଖିଛି ଭାରତ। ବାରମ୍ବାର ଆତଙ୍କବାଦୀ ଓ ଭାରତ ବିରୋଧୀ ଗତିବିଧିକୁ ଉଭୟ ପଡ଼ୋଶୀ ପାକିସ୍ତାନ ଓ ଚୀନ୍ ପ୍ରୋତ୍ସାହନ ଦେଉଥିବାରୁ ଦୁଇ ଦେଶର ନାଁ ନନେଇ ବିଶ୍ୱ ଆଗରେ ସେମାନଙ୍କ ଅସଲ ଚେହେରା ଖୋଲି ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଆତଙ୍କବାଦ କାର୍ଯ୍ୟକୁ ପ୍ରୋତ୍ସାହନ ଦେଲେ ଭବିଷ୍ୟତରେ ଅପରେସନ୍ ସିନ୍ଦୂର ଭଳି ଭାରତ ଆତଙ୍କ ବିରୋଧୀ ଅଭିଯାନ ଜାରି ରଖିବ ବୋଲି କହିଛନ୍ତି ରାଜନାଥ। ଏହା ସହ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରମାନେ ଆତଙ୍କବାଦ ବିରୋଧରେ ମିଳିତ ଭାବେ ଏକାଠି ହେବାକୁ ରାଜନାଥ ଆହ୍ୱାନ ଦେଇଛନ୍ତି।

ପାକିସ୍ତାନ ଓ ଚୀନ୍ ଉଭୟ ଏସ୍‌ସିଓର ଚିଠା ପ୍ରସ୍ତାବରେ ପହଲଗାମ ଆତଙ୍କବାଦ ସମ୍ପର୍କରେ ଉଲ୍ଲେଖ ନକରି ପାକିସ୍ତାନରେ ବେଲୁଚିସ୍ତାନବାସୀ ଚଳାଇ ଥିବା ସଂଘର୍ଷକୁ ଆତଙ୍କବାଦ କାର୍ଯ୍ୟ ବର୍ଣ୍ଣାଇ ପହଲଗାମ୍ ଆକ୍ରମଣ ମୂଳ ପ୍ରସଙ୍ଗକୁ ଓହରି ଯିବାକୁ ଚାହିଁଥିଲେ। ଏଭଳି ବାହାନା କରି ଭାରତକୁ କୋଣଠେସା କରିବାକୁ ଉଭୟ ଦେଶ କରିଥିଲେ ରଣନୀତି। ପାକିସ୍ତାନ ନିଜ ପ୍ରଦେଶ ବେଲୁଚିସ୍ତାନବାସୀଙ୍କ ସ୍ୱାଧୀନତା ପାଇଁ ଲଢ଼େଇକୁ ଭାରତ ପ୍ରାୟୋଜିତ କାର୍ଯ୍ୟକ୍ରମ କହିବାକୁ ଚାହୁଁଥିଲା। ଏହି ଚିଠା ପ୍ରସ୍ତାବକୁ ଚୀନର ମଧ୍ୟ ପୂର୍ଣ୍ଣ ସମର୍ଥନ ରହିଥିଲା। ତେଣୁ ଉଭୟ ଦେଶର ମିଳିତ ରଣନୀତିର ପର୍ଦ୍ଦାଫାସ କରି ଦେଇଛି ଭାରତ। କେବଳ ସେତିକି ନୁହେଁ, ଆତଙ୍କବାଦୀମାନଙ୍କୁ ନିଜ ଦେଶରେ ଗେହ୍ଲାପୁଅ ପରି ପାଳୁଥିବା, ସେମାନଙ୍କ ମସିହାମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ପାକିସ୍ତାନ ସରକାର ଓ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ ସୁଧୁରି ଯିବାକୁ ମଧ୍ୟ ଭାରତ ଚେତାବନୀ ଦେଇଛି। ବୈଠକରେ ଭାରତ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛି। ସେଗୁଡ଼ିକ ମଧ୍ୟରେ ଉଗ୍ରବାଦ ଏବଂ ଆତଙ୍କବାଦ ବିଶ୍ୱ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ଆବଶ୍ୟକ। ଏଥି ପାଇଁ ଆମର ସାମୂହିକ ସୁରକ୍ଷା ଏବଂ ସୁରକ୍ଷା ପାଇଁ ଧୃଷ୍ଟତା ବିରୁଦ୍ଧରେ ଆମର ଲଢ଼େଇରେ ଏକ ହୋଇ ଠିଆ ହେବାକୁ ପଡ଼ିବ। ଭାରତ ଯେଭଳି ଅପରେସନ ସିନ୍ଦୂର ମାଧ୍ୟମରେ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି, ଆତଙ୍କୀ ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ମୂଳ ଉପାଡ଼ି ଦେଇଛି, ଆଗକୁ ଆହୁରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ପାଇଁ ମିଳିତ ସହଯୋଗ କରିବାକୁ ସଂକୋଚ କରିବା ଉଚିତ ନୁହେଁ ବୋଲି କହିଛନ୍ତି ରାଜନାଥ। ଦେଶ ଦେଶ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ଆପୋଷ ଆଲୋଚନା ଜରୁରୀ।

ଭାରତ ବିଶ୍ୱାସ କରେ ଯେ ସକାରାତ୍ମକ ଆଲୋଚନା ବିନା ଦେଶ ଦେଶ ମଧ୍ୟରେ ସଂଘର୍ଷକୁ ରୋକିହେବ ନାହିଁ। ଏଥିପାଇଁ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କୌଣସି ଦେଶ ଯେତେ ବଡ଼ ଏବଂ ଶକ୍ତିଶାଳୀ ହେଉ ନା କାହିଁକି, ଏକାକୀ କାମ କରି ପାରିବ ନାହିଁ। ଏକାଠି କାମ କରିବାର ଏକ ଦୀର୍ଘ ପରମ୍ପରା ଭାରତର ରହି ଆସିଛି। ଏହା ଆମର ପ୍ରାଚୀନ ସଂସ୍କୃତି କଥା 'ସର୍ବେ ଭବନ୍ତୁ ସୁଖୀନଃ'କୁ ମଧ୍ୟ ପ୍ରତିଫଳିତ କରେ, ଯାହାର ଅର୍ଥ ସମସ୍ତଙ୍କ ପାଇଁ ଶାନ୍ତି ଏବଂ ସମୃଦ୍ଧି। ଏହା ସହ ସମସ୍ତେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ପାଇଁ ହାତ ମିଳାଇବାକୁ ରାଜନାଥ ଆହ୍ୱାନ ଦେଇଥିଲେ, ବିଶେଷକରି ମହାମାରୀ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଆହ୍ୱାନ ଆମ ଜୀବନକୁ କିପରି ପ୍ରଭାବିତ କରିଛି, ସେଥିପାଇଁ। ଏଗୁଡ଼ିକର ମୁକାବିଲା ପାଇଁ ସମସ୍ତ ଦେଶକୁ ଏକତ୍ରିତ ହେବାକୁ ପଡ଼ିବ। ଏହା ସହ ସାଂଘାଇ ସହଯୋଗ ସଂଗଠନର ସାଇଡ୍ ଲାଇନ୍ ବୈଠକରେ ରାଜନାଥ ରୁଷିଆ ସମେତ ତାଜାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଏମୋମାଲି ସୋବିରଜୋଦା, କାଜାକସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଲେଫ୍ଟନାଣ୍ଟ ଦାଉରେନ୍ କୋସନୋଭ ବେଲାରୁଷ୍‌ର ପ୍ରତିରକ୍ଷା ମନ୍ତ୍ରୀ ଲେଫ୍ଟନାଣ୍ଟ ଜେନେରାଲ ଭିଜି କ୍ରେନିନ୍‌ଙ୍କୁ ଭେଟିଛନ୍ତି। କିନ୍ତୁ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କୁ ଚୀନ୍‌ରେ ଭେଟି ନାହାନ୍ତି ରାଜନାଥ। ୨୦୨୪ରେ ପାକିସ୍ତାନରେ ସାଂଘାଇ ସହଯୋଗ ସଂଗଠନ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ସମ୍ବୋଧିତ କରି ଆତଙ୍କବାଦ ଏବଂ ବାଣିଜ୍ୟ ଏକାଠି ଚାଲି ପାରିବ ନାହିଁ ବୋଲି ଉଭୟ ଚୀନ୍ ଓ ପାକିସ୍ତାନ ଉଦ୍ଦେଶ୍ୟରେ କହିଥିଲେ।

ସାଂଘାଇ ସହଯୋଗ ସଂଗଠନର ମୂଳ ଉଦ୍ଦେଶ୍ୟ ରହିଛି ସଦସ୍ୟ ଦେଶମାନଙ୍କ ମଧ୍ୟରେ ସୁରକ୍ଷା, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସହଯୋଗ ବୃଦ୍ଧି। ଏହି ସଂଗଠନ ଆତଙ୍କବାଦ, ଉଗ୍ରବାଦ, ନିଶାଦ୍ରବ୍ୟ ଚାଲାଣ ଏବଂ ସାଇବର ଅପରାଧ ଭଳି ପ୍ରସଙ୍ଗରେ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଏକ ସାଧାରଣ ରଣନୀତି ପ୍ରସ୍ତୁତ କରି ଆସୁଛି। ଭୌଗୋଳିକ ପରିସର ଏବଂ ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ସର୍ବବୃହତ୍ ଆଞ୍ଚଳିକ ସଂଗଠନ ହେଉଛି ସାଂଘାଇ ସହଯୋଗ ସଂଗଠନ। ୨୦୦୧ ମସିହାରୁ ଚୀନ୍, ରୁଷିଆ, କାଜାକସ୍ତାନ, କିର୍‌ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନ ଦ୍ୱାରା ପ୍ରତିଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଏକ ଆଞ୍ଚଳିକ ଆନ୍ତର୍ଜାତିକ ସଂଗଠନ ଭାବେ କାମ କରୁଥିବା ବେଳେ ଏହାର କାର୍ଯ୍ୟକଳ୍ପ ବଢ଼ିଛି। ଭାରତ ଏବଂ ପାକିସ୍ତାନ ୨୦୧୭ ମସିହାରେ ଏହାର ସଦସ୍ୟ ହୋଇଛନ୍ତି। ୨୦୨୩ ମସିହାରେ ଇରାନ ଓ ୨୦୨୪ରେ ବେଲାରୁଷ୍ ଏହାର ସଦସ୍ୟତା ଗ୍ରହଣ କରିଛନ୍ତି। ସାଂଘାଇ ସହଯୋଗ ସଂଗଠନ ହେଉଛି ସାଂଘାଇ-୫ର ପରିବର୍ଦ୍ଧିତ ବା ବର୍ଦ୍ଧିତ ସଂସ୍କରଣ। ୧୯୯୬ ମସିହାରେ ଚୀନ୍, କାଜାକସ୍ତାନ, କିର୍‌ଗିଜସ୍ତାନ, ରୁଷିଆ ଏବଂ ତାଜିକିସ୍ତାନ ମଧ୍ୟରେ ଗଠିତ ହୋଇଥିଲା। ଆଉ ଜୁନ୍ ୨୦୦୧ରେ ଏହି ରାଷ୍ଟ୍ରମାନେ ଗଭୀର ରାଜନୈତିକ ଏବଂ ଆର୍ଥିକ ସହଯୋଗ ସହିତ ଏକ ନୂତନ ସଂଗଠନ ଘୋଷଣା କରିବା ପାଇଁ ସାଂଘାଇରେ ଏକାଠି ହୋଇଥିଲେ। ତେବେ ସାଂଘାଇ ସହଯୋଗ ସଂଗଠନ ବିଶ୍ୱ ପାଇଁ ସେତେବେଳେ ଆଦର୍ଶ ଓ ଉଦାହରଣ ହୋଇ ପାରିବ, ଯେତେବେଳେ ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅବିଶ୍ୱାସର ପ୍ରାଚୀର ଏକ ଘନିଷ୍ଠ ବନ୍ଧୁତ୍ୱର ଆଭିମୁଖ୍ୟରେ ରୂପାନ୍ତର ହେବ। ❒

**ବାଲିପଡ଼ାଳ ନଗର, ଅସ୍ତରଙ୍ଗ, ପୁରୀ**
**ମୋ: ୯୭୭୮୬୯୭୦୩୬**

# କର୍ଣ୍ଣାଟକରେ କଂଗ୍ରେସର କର୍ମ

କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀଙ୍କ ଉପରେ କଂଗ୍ରେସ ଦଳ ଦ୍ୱାରା ପ୍ରସ୍ତୁତ ଏକ ଆସ୍ଥା ରୂପକ ସଂକଟ ଘନେଇଛି। ସିଦ୍ଦରମେୟା ଅବଶ୍ୟ ତାଙ୍କ ଆସନରେ ବର୍ତ୍ତମାନ ପାଇଁ ଅଧିଷ୍ଠିତ ରହିବେ ଏବଂ ଜାନୁଆରୀ ୨୦୨୬ରେ ଏହି ରାଜ୍ୟରେ ସର୍ବାଧିକ କାଳ ଶାସନ କରିଥିବା ଦେବରାଜ ଅର୍ସ୍‌ଙ୍କ ରେକର୍ଡ ଭଙ୍ଗ କରିବା ଆଶା କରୁଥିବେ ଯେତେବେଳେ କି ତାଙ୍କ ଡେପୁଟି ଡିକେ ଶିବକୁମାର ଯିଏକି ତାଙ୍କ ବିରୋଧରେ ଅଭିଯାନ ଆରମ୍ଭ କରିଥିଲେ, ସେ ଏବେ ଦଳରେ କୌଣସି ପ୍ରକାରର ବିଶୃଙ୍ଖଳା ସୃଷ୍ଟି କରି ଡଙ୍ଗାକୁ ଟଳମଳ ନ କରିବା ପାଇଁ ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ମାନି ନେଇଛନ୍ତି। ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶରେ ପରିବାରବାଦ ଏବଂ ଅଣ-ପରିବାରବାଦ ରାଜନୀତି କରୁଥିବା ଜାତୀୟ ସ୍ତରୀୟ ରାଜନୀତିକ ଦଳମାନେ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ସେତେ ଉତ୍ସାହିତ କରୁଥିବା ଜଣା ନାହିଁ। ଜାତୀୟ କଂଗ୍ରେସ ଦଳରେ ସବୁ ନିଷ୍ପତ୍ତି ନେବାର କ୍ଷମତା ହାଇକମାଣ୍ଡଙ୍କ ହାତରେ ନ୍ୟସ୍ତ ଥିବା ସମସ୍ତେ ଜାଣନ୍ତି, ଯାହାକି ସମ୍ପ୍ରତି କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ହିମାଚଳ ପ୍ରଦେଶ ନାମକ ତିନି ଗୋଟି ରାଜ୍ୟରେ ଶାସନ କରୁଛି। ଏକଥା ସମସ୍ତେ ଜାଣନ୍ତି ଯେ ଜେଡି (ଏସ୍) ଦଳରୁ ଆସିଥିବା ସିଦ୍ଦରମେୟାଙ୍କ ନେତୃତ୍ୱରେ ସଂଖ୍ୟାଗରିଷ୍ଠ ୧୩୫ ଜଣ ଏମଏଲଏ ବିଜୟ ଲାଭ କରି ଆସିଥିଲେ ଏବଂ ଶିବକୁମାର ରାଜ୍ୟ ରାଜନୀତିର ଶୀର୍ଷ ସ୍ତରରେ ଏକ ପରିବର୍ତ୍ତନ କରିବା ନିମନ୍ତେ ସବୁ ପ୍ରକାରର ଉଦ୍ୟମ କରି ଆସୁଛନ୍ତି ଯଦ୍ୱାରା ଉପମୁଖ୍ୟମନ୍ତ୍ରୀ ଡିକେଏସ୍ ମୁଖ୍ୟମନ୍ତ୍ରୀ ପଦରେ ବସି ପାରିବେ। ସେମାନେ ଏଇ ଅନୁଭବକୁ ବର୍ଣ୍ଣନା କରିଥିବା ଜଣା ଯେ ବର୍ତ୍ତମାନଠାରୁ ତିନି ବର୍ଷ ଭିତରେ ପୁନଃନିର୍ବାଚନ କରାଇବା ଏକ ଆହ୍ୱାନ ହୋଇପାରେ, କାରଣ ସରକାରଙ୍କ ବିରୋଧରେ ବିପୁଳ ପରିମାଣରେ ଦୁର୍ନୀତିର କଳଙ୍କ ଜମା ହୋଇ ସାରିଲାଣି ଯାହା ସରକାରଙ୍କ ଭାବମୂର୍ତ୍ତିକୁ ବିଗାଡ଼ି ଦେଲାଣି। ନିଜ ପତ୍ନୀଙ୍କ ନାମରେ ସରକାରୀ ପ୍ଲଟ୍ ପ୍ରଦାନ କରିଥିବା ପ୍ରସଙ୍ଗରେ ଯେତେବେଳେ ତାଙ୍କୁ କୋଣଠେସା କରିବାର ଉଦ୍ୟମ ହେଲା, ସେତେବେଳେ ମୁଖ୍ୟମନ୍ତ୍ରୀ ମହାଶୟ ବେପରୁଆ ଢଙ୍ଗରେ ସେଇ ଜମିକୁ ଫେରାଇ ଦେବାକୁ କହିଲେ, ସତେ ଯେମିତିକି ସରକାରୀ ସମ୍ପତ୍ତିର ଆବଣ୍ଟନ କ୍ଷେତ୍ରରେ କିଛି ବି ପ୍ରିୟାପ୍ରୀତି ତୋଷଣ କାମ କରାଯାଇ ନାହିଁ। ତେବେ ସେ ସମୟରେ ସିଦ୍ଦରମେୟାଙ୍କ ବ୍ୟକ୍ତିଗତ ସ୍ଥିତି କେବଳ ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ଥିଲା, ଯଦି କେତେକ କଂଗ୍ରେସ ଏମଏଲଏଙ୍କ କଥାକୁ ବିଶ୍ୱାସକୁ ନିଆଯାଏ। ରାଜ୍ୟ ରାଜନୀତିର ଶୀର୍ଷ ସ୍ତରରେ ପରିବର୍ତ୍ତନ ରାଜ୍ୟରେ ପରବର୍ତ୍ତୀ ବିଧାନସଭା ନିର୍ବାଚନକୁ ଆଖି ଆଗରେ ରଖି ହୁଏତ କରାଯାଇ ଥାଇପାରେ, କିନ୍ତୁ ସବୁର ଉପରେ ହାଇକମାଣ୍ଡଙ୍କ ନିଷ୍ପତ୍ତି ଏବଂ ଶୀର୍ଷସ୍ତରୀୟ ନେତାଙ୍କୁ ନେଇ ଏହାଙ୍କ ପସନ୍ଦକୁ ରାଜ୍ୟମାନେ ବହନ କରିବାକୁ ବାଧ୍ୟ ହୋଇଛନ୍ତି। କଂଗ୍ରେସ ଦଳର ନେତା ଯେତେ ଶକ୍ତିଶାଳୀ, ର୍‍ୟାଙ୍କ୍‌ରେ ତାଙ୍କର ସ୍ୱାଧୀନତା ସେତେ କମ୍, ଯାହାଙ୍କୁ ବିଭିନ୍ନ ସମୟରେ ଅସନ୍ତୁଷ୍ଟମାନେ କରୁଥିବା ସ୍ୱର ଉତ୍ତୋଳନକୁ ଚାପିବା ପାଇଁ କିଛି ନା କିଛି ବୁଝାମଣା କରିବାକୁ ପଡ଼ିଥାଏ। ବସ୍ତୁତଃ, ବିରୋଧାଭାସର କଥା ଯେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡ୍‌ଗେ, ଯିଏକି ନିଜେ ମଧ୍ୟ କର୍ଣ୍ଣାଟକର ଏବଂ ଯାହାଙ୍କୁ ହାଇକମାଣ୍ଡଙ୍କ ପରିସରର ଜଣେ ପ୍ରମୁଖ ପ୍ରଭାବଶାଳୀ ସଦସ୍ୟ ଭାବରେ ଗଣନା କରାଯାଏ, ସେ ବି କହିଥାନ୍ତି ଯେ ହାଇକମାଣ୍ଡ୍ ନିଷ୍ପତ୍ତି ନେବେ। ଏହାର ଅର୍ଥ, ସେ ହୁଏତ କହୁଥାଇ ପାରନ୍ତି ଯେ ହାଇକମାଣ୍ଡ୍ ବା ଶୀର୍ଷ ନେତୃତ୍ୱ ନୁହନ୍ତି, ବରଂ ସର୍ବୋଚ୍ଚ ନେତା/ନେତ୍ରୀ ଯାହା ନିଷ୍ପତ୍ତି ନେବେ, ତାହା ସମସ୍ତଙ୍କ ପାଇଁ ଗ୍ରହଣୀୟ ହେବ।

ସମ୍ପ୍ରତି ଆପତ୍ତି ଅଭିଯୋଗ ଆଗତ ହୋଇଥିବା ଏବଂ ଅସନ୍ତୋଷ ବ୍ୟକ୍ତ କରା ଯାଉଥିବା ସିଦ୍ଦରମେୟାଙ୍କ କ୍ଷେତ୍ରରେ ଅନୁଧ୍ୟାନ କରି ଘଟଣାକୁ ପରିଚାଳନା କରିବା ନିମନ୍ତେ ଯାଇଥିବା କଂଗ୍ରେସର ପ୍ରତିନିଧି କହିଥିଲେ ଯେ ତାଙ୍କ କାମ ଥିଲା କେବଳ ଘଟଣାର ସତ୍ୟାସତ୍ୟ ଜାଣିବା, ସଦସ୍ୟମାନଙ୍କ କଥା ଶୁଣିବା ଏବଂ ରାଜ୍ୟରେ ଏମଏଲଏମାନଙ୍କ କାମର ଏକ ସଂକ୍ଷିପ୍ତ ବିବରଣୀ ସମ୍ବନ୍ଧରେ ଅବଗତ ହେବା। କିନ୍ତୁ ତା' ପରର କଥା ହେଉଛି ଜାତୀୟ ସ୍ତରର ଦଳମାନଙ୍କରେ ପଦାନୁକ୍ରମିକ ସଂରଚନାଗୁଡ଼ିକ ଯେପରି ହୋଇଥାଏ, ସେ ଦୃଷ୍ଟିରୁ ଦେଖିଲେ ଏଭଳି ପ୍ରସଙ୍ଗଗୁଡ଼ିକ କ୍ଷେତ୍ରରେ ଏହିସବୁ ଦୂତମାନେ କ୍ୱଚିତ୍ କିଛି ଉଚ୍ଚସ୍ୱରରେ କହି ପାରିଥାନ୍ତି, ଯଦି ହାଇକମାଣ୍ଡ୍ ଆଗରୁ ଏ ଘଟଣା ସମ୍ପର୍କରେ ଭଲ ଭାବରେ ଅବଗତ ହୋଇ ସାରିଥାନ୍ତି। ଦୁଇ ଜଣଙ୍କ ଭିତରେ କ୍ଷମତାର ଚକ୍ରୀୟ ଗତିରେ ଆବଣ୍ଟନକୁ ଏଡ଼ାଇ ଦିଆଯାଇ ସାରିଥିବାର ପୂର୍ବରୁ ବିବରଣୀ ମିଳିଥିବା ବେଳେ ପଛୁଆ ବର୍ଗର ଜଣେ ବିଶିଷ୍ଟ ନେତା ଭାବରେ ସିଦ୍ଦରମେୟା ଏବେ ସୁଦ୍ଧା ପୁରସ୍କୃତ ହୋଇ ଚାଲିଛନ୍ତି, କାରଣ ଦକ୍ଷିଣ ଭାଗର ଏକ ବଡ଼ ରାଜ୍ୟରେ ସେ ୨୦୨୩ରେ କଂଗ୍ରେସର ଡଙ୍ଗାକୁ ସଫଳ ଭାବରେ ନିର୍ବାଚନୀ ବୈତରଣୀ ପାର କରାଇ କୂଳରେ ଲଗାଇ ପାରିଥିଲେ ଏବଂ ନିହାତି କମ୍‌ରେ ବର୍ତ୍ତମାନ ମଧ୍ୟ ଏହି ଡଙ୍ଗାକୁ ଯେପରି ଭାବରେ ହେଲେ ସୁରୁଖୁରୁରେ ବାହି ନେଉଛନ୍ତି। ସୂଚାଇ ଦିଆଯାଇପାରେ କି, କର୍ଣ୍ଣାଟକର ହାରାହାରି ୬୪ ପ୍ରତିଶତ ଲୋକ ହେଉଛନ୍ତି ପଛୁଆ ଏବଂ ଅତି ପଛୁଆ ବର୍ଗର। ଏହି ଲୋକମାନଙ୍କ ଆଖିରେ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବିଜେପି ଯେତେ ଖରାପ ହେଲେ ସୁଦ୍ଧା ସିଦ୍ଦରମେୟାଙ୍କୁ ଯଦି ପଦରୁ ହଟାଇ ଦିଆଯାଏ, ତା'ହେଲେ ତାଙ୍କ ବିରୋଧରେ ବିଭିନ୍ନ ମାମଲାମାନ ଉଠାଇବାକୁ ଉଭୟ ବିଜେପି ଓ ଜେଡି (ଏସ୍)କୁ ଖୋରାକ ମିଳିଯିବ, ଯାହା କଂଗ୍ରେସ ପାଇଁ ଯଥେଷ୍ଟ କ୍ଷତିକାରକ ହେବ। ପୁନଶ୍ଚ, ରାଜ୍ୟରେ ପୁନଃନିର୍ବାଚନ ପାଇଁ ପ୍ରଚାରର କଥା ଉଠିଲେ, ତା'ର ମଙ୍ଗ ଧରିବା ପାଇଁ ସେ ଏବେ ସୁଦ୍ଧା ଜଣେ ପ୍ରମୁଖ ନେତା ଭାବରେ ଉଭା ହେବେ, ଯେତେବେଳେ କି ତାଙ୍କ ଡେପୁଟି ଡିକେଏସ୍, କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ ଭାବରେ ଦଳର ଶାଖାକୁ ଉତ୍ତମ ରୂପେ ସମ୍ଭାଳୁଛନ୍ତି। ❒

# ଯୁବ ଚେତନାର ଯୁବ ନାୟକ: ସ୍ୱାମୀ ବିବେକାନନ୍ଦ

ଇତିହାସର କେବେ ଅନ୍ତ ହେବନାହିଁ। ଏ ଧରାଧାମରେ ଯେ ପର୍ଯ୍ୟନ୍ତ ମାନବ ଜାତି ଜୀବିତ, ସେ ପର୍ଯ୍ୟନ୍ତ ଦର୍ଶନର ଝଲକ ଦେଖିବାକୁ ମିଳିବ। ପରିବର୍ତ୍ତନ ପ୍ରକୃତିର ନିୟମ। ତଥାପି ମଣିଷ ତା' ପରମ୍ପରାର ବିନା ପୁନରାବୃତ୍ତିରେ କ'ଣ ନିଜର ପରିଚୟ ଜାହିର କରି ପାରିବ ? ଇତିହାସ ହିଁ ତ ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ବୃହତ୍ ଗନ୍ତାଘର, ଯାହା ମାନବ ସମାଜର ବିକାଶର ଆଧାର ହୋଇଥାଏ। ସାମାଜିକ ବିକାଶ ପ୍ରଚ୍ଛଦପଟରେ ବ୍ୟକ୍ତିବିଶେଷଙ୍କ ଚିନ୍ତା ଚେତନା ଓ ଜୀବନ ଦର୍ଶନ ନିଶ୍ଚିତ ରୂପେ ଜଡ଼ିତ। ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜର ଜନସାଧାରଣଙ୍କ ପ୍ରେରଣାର ଉତ୍ସ। ମାନବ ଇତିହାସର ଅଧ୍ୟାୟରେ ଜାତୀୟ ଚେତନାର ଉତ୍ସ ରୂପେ ଏକ ସ୍ୱତନ୍ତ୍ର ପୃଷ୍ଠା




ମନୋଜ କୁମାର ମହାନ୍ତି

ଭାବେ ହୁଏ ଲିପିବଦ୍ଧ। ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମାର ଊର୍ଦ୍ଧ୍ୱକୁ ଯାଇ ବିଶ୍ୱର ଭିନ୍ନ ଭିନ୍ନ କୋଣରେ ଛାଡ଼ି ଯାଆନ୍ତି ସେମାନଙ୍କର ପାଦଚିହ୍ନ।

ପ୍ରଥମ ଭାରତୀୟ ଯୁବ ସନ୍ଥ ଓ ଦାର୍ଶନିକ ଭାବେ ସ୍ୱାମୀ ବିବେକାନନ୍ଦ ୧୮୯୩ରେ ଆମେରିକାର ଚିକାଗୋ ସହରରେ ମାତ୍ର ୨୯ ବର୍ଷ ବୟସରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଯେଉଁ ଭଳି ବିଶ୍ୱ ଧର୍ମ ସଂସଦରେ ଉପସ୍ଥାପନ କରିଥିଲେ, ତାହା ବିଶ୍ୱ ଜନମାନସକୁ ଖାଲି ଚକିତ କରି ନଥିଲା, ବରଂ ପ୍ରେରଣା ଯୋଗାଇ ଥିଲା। ବେଦାନ୍ତ ଦର୍ଶନର ମୂଳତତ୍ତ୍ୱ ପ୍ରତ୍ୟେକ ଜୀବନ ପାଇଁ କିପରି ମହତ୍ତ୍ୱପୂର୍ଣ୍ଣ, ତାହା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଥିଲା ଏକ ମହୌଷଧି। ବେଦାନ୍ତ ଦର୍ଶନର ଚିନ୍ତାଧାରା ଯେଉଁ ମାତ୍ରାରେ ବସ୍ତୁବାଦୀ ସାମାଜିକ ଜୀବନକୁ ପ୍ରଭାବିତ କରିଥିଲା, ତାହାର ଫଳ ସ୍ୱରୂପ ଆମେରିକା ଓ ୟୁରୋପରେ ବେଦାନ୍ତ ଦର୍ଶନର ଆନ୍ଦୋଳନ ଦେଖିବାକୁ ମିଳିଥିଲା। ଚିକାଗୋ ଧର୍ମ ସଂସଦରେ ନିଜର ଆକର୍ଷଣୀୟ ଭାଷଣ ପରେ ଆମେରିକା ଓ ୟୁରୋପରେ ବେଦାନ୍ତ ଦର୍ଶନର ଖୁବ୍ ଚର୍ଚ୍ଚିତ ବ୍ୟକ୍ତି ଭାବରେ ସ୍ୱାମିଜୀଙ୍କୁ ନିମନ୍ତ୍ରଣ ପରେ ନିମନ୍ତ୍ରଣ ମିଳିଥିଲା। ପ୍ରାୟ ଅଢ଼େଇ ବର୍ଷ ବେଦାନ୍ତ ଦର୍ଶନର ବକ୍ତା ଭାବେ ଆମେରିକା ଓ ଇଂଲଣ୍ଡରେ ଭ୍ରମଣ ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ୱଳ୍ପ ଜୀବନ କାଳ ମଧ୍ୟରେ ଯେଉଁ ଚିନ୍ତାଧାରା ବିଜୁଳି ଗତିରେ ବ୍ୟାପିଥିଲା, ସେଭଳି ବ୍ୟକ୍ତିତ୍ୱର ଅଧିକାରୀଙ୍କୁ ନିଶ୍ଚିତ ଭାବେ ଇତିହାସ ତା' ପୃଷ୍ଠାରେ ସ୍ଥାନିତ କରିବ। ଏକ ବିରଳ ବ୍ୟକ୍ତିତ୍ୱ, ଯିଏ ଭାରତର ପରମ୍ପରା, ସଂସ୍କୃତି ଓ ସଭ୍ୟତାର ମହତ୍ତ୍ୱକୁ ବିଶ୍ୱ ଦରବାରରେ ଉପସ୍ଥାପନ କରି ଭାରତୀୟ ଗୌରବର ମହିମା ମଣ୍ଡନରେ ନିଜକୁ ସାମିଲ୍ କରିଥିଲେ, ସେ ହେଉଛନ୍ତି ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦ। ଭାରତୀୟ ସାଧୁସନ୍ଥଙ୍କୁ ସ୍ୱାମୀ ବୋଲି ମଧ୍ୟ ସମ୍ବୋଧନ କରାଯାଏ। ତେଣୁ ବିବେକାନନ୍ଦ ପରବର୍ତ୍ତୀ ସମୟରେ ସ୍ୱାମୀ ବିବେକାନନ୍ଦ ଭାବେ ପରିଚିତ ହୋଇଥିଲେ।

ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ। ଯୌବନ ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବ ଶକ୍ତିର ଏକ ଚଳଚଞ୍ଚଳ ପ୍ରବହମାନ ସ୍ରୋତ। ସ୍ୱାମୀ ବିବେକାନନ୍ଦ ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ। ୩୯ ବର୍ଷର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ବିଶ୍ୱ ଯୁବ ସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗ୍ଧ କରିଥିଲେ, ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ। ତାଙ୍କୁ ୨୧ ବର୍ଷ ହୋଇଥିବା ବେଳେ ପିତାଙ୍କ ଆକସ୍ମିକ ମୃତ୍ୟୁ ପରେ ପରିବାରର ଆର୍ଥିକ ଦୁର୍ଦ୍ଦଶା ସତ୍ତ୍ୱେ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କ ନିକଟରେ ନିଜକୁ ସମର୍ପିତ କରିଥିଲେ। ପିତୃ ବିୟୋଗର ଦୁଃଖ, ମାତା ତଥା ଭ୍ରାତୃ ଭଗିନୀଙ୍କ ମୋହ ତାଙ୍କୁ କେବେ ବିଚଳିତ କରିପାରି ନଥିଲା। ଯୌବନର ଉଦ୍ଦାମତା ନା ତାଙ୍କୁ ଉଦ୍ଧତ କରି ପାରିଥିଲା, ନା ଯୌନ ଲାଳସା ତାଙ୍କୁ କୁପଥଗାମୀ କରିଥିଲା। ବରଂ ଯୌବନକୁ ଶୁଦ୍ଧ କରି କାମନା ରୂପକ ନିଆଁକୁ କିପରି ଆୟତ୍ତ କରାଯାଇ ପାରିବ, ତାହା ହିଁ ଥିଲା ତାଙ୍କ ଜୀବନର ଉଦ୍ଦେଶ୍ୟ। ରାମକୃଷ୍ଣ ପରମହଂସଙ୍କ ଦେହତ୍ୟାଗ ପରେ ସ୍ୱାମିଜୀ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିଲେ ସନ୍ନ୍ୟାସୀ ଭାବରେ। ଗେରୁଆ ବସ୍ତ୍ର ପରିଧାନପୂର୍ବକ ସନ୍ନ୍ୟାସୀ ବେଶରେ ସେ ଭାରତର ଭିନ୍ନ ଭିନ୍ନ ରାଜ୍ୟର ଅଞ୍ଚଳମାନ ଭ୍ରମଣ କରିଥିଲେ। ଏହି ଭ୍ରମଣ କାଳ ମଧ୍ୟରେ ସେ ଲକ୍ଷ୍ୟ କରିଥିଲେ ଭାରତୀୟମାନଙ୍କ ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ ଓ ଜିଇଁବାର ଶୈଳୀକୁ। ଇଂରେଜ ଶାସନ କାଳରେ ଭାରତୀୟମାନଙ୍କ ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତ ବିବ୍ରତ କରିଥିଲା ଓ ସେ ମାନସିକ ସ୍ତରରେ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଜଣେ ଯୁବକ ହୋଇଥିବାରୁ ଭାରତୀୟ ଯୁବ ଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସେ କିପରି ସାକାର କରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଅଣାଯାଇ ପାରିବ, ସେଥିପାଇଁ ଉପାୟ ଖୋଜିଲେ। ସବୁ ଦୁଃଖର କାରଣ ଦାରିଦ୍ର୍ୟ ଓ ଦାରିଦ୍ର୍ୟର କାରଣ ନିରକ୍ଷରତା। ନିରକ୍ଷର ଜନସାଧାରଣଙ୍କ ମଧ୍ୟରୁ ଅଧିକାଂଶ ଯୁବ ଗୋଷ୍ଠୀର। ସେ ଅନୁଭବ କରିଥିଲେ, ଶିକ୍ଷା ହିଁ ଏକମାତ୍ର ଅସ୍ତ୍ର ଯାହାକୁ ହତିଆର କରି ଯୁବକମାନଙ୍କ ଜୀବନକୁ ପରିବର୍ତ୍ତନ କରାଯାଇ ପାରିବ। ଶିକ୍ଷାକୁ ଆଧାର କରି ଫିକା ପଡ଼ି ଯାଇଥିବା ଜୀବନର



ତିରୋଧାନ ଦିବସ ଉପଲକ୍ଷେ

ମାନଚିତ୍ରକୁ ମଧ୍ୟ ରଙ୍ଗିନ କରିହେବ।

ଜଣେ ଆଧ୍ୟାତ୍ମିକ ଯୋଗୀ ଓ ସମାଜ ସଂସ୍କାରକ ଭାବେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଥିଲା- ଶିକ୍ଷାର ପୃଷ୍ଠଭୂମିକୁ ଏକ ଉଚିତ୍ ମାର୍ଗର ଆବଶ୍ୟକତା ରହିଛି। ଶିକ୍ଷା କେବଳ ଜୀବିକା ଅର୍ଜନର ମାଧ୍ୟମ ନହୋଇ ଯଦି ବଞ୍ଚିବାର ଶୈଳୀ ହୋଇ ଯାଆନ୍ତା, ତା'ହେଲେ ପ୍ରତ୍ୟେକ ଯୁବକ ମଧ୍ୟରେ ନୈରାଶ୍ୟ ବସା ବାନ୍ଧି ପାରନ୍ତା ନାହିଁ। ସେ ଅନୁଭବ କରିଥିଲେ, ବେଦାନ୍ତ ଦର୍ଶନର ତତ୍ତ୍ୱ ହିଁ ଏକମାତ୍ର ମାଧ୍ୟମ ଯୁବ ସମାଜକୁ ଗଢ଼ିବା ପାଇଁ। ଯେ ପର୍ଯ୍ୟନ୍ତ ଜଣେ ନିଜକୁ ନିଜ ଭିତରେ ନ ଖୋଜିଛି, ସ୍ୱ-ଅନୁଭବ ହାସଲ ନ କରିଛି, ସେ ପର୍ଯ୍ୟନ୍ତ ସେ ଅନ୍ଧ, ମୂକ ଓ ବଧିର। ତାଙ୍କ ମତରେ, ବିଶ୍ୱର ସମସ୍ତ ଶକ୍ତି ଓ ସମ୍ଭାବନା ଆମ ପାଖରେ ଅଛି, କିନ୍ତୁ ଆମେ ଆମ ହାତକୁ ଆଖି ଆଗରେ ରଖି କାନ୍ଦୁଛନ୍ତି ଯେ ଏ ସଂସାର ଅନ୍ଧକାର। ଆମ ମଧ୍ୟରେ ଦୃଢ଼ ବିଶ୍ୱାସର ଅଭାବ। ଅନ୍ଧକାର ଭିତରେ ନିଜକୁ ଲୁଚେଇ ରଖିଥିବା ମଣିଷ କେବେ ଦେଖି ପାରେନା ଆଲୋକର ଭବ୍ୟତା। ଚରିତ୍ର ଗଠନ ସହ ଆତ୍ମିକ ଶୁଦ୍ଧତ୍ୱ ହିଁ ଯୁବ ସମାଜ ପାଇଁ ନିହାତି ଜରୁରୀ। ନୈତିକ ମୂଲ୍ୟବୋଧ, ନ୍ୟାୟ ଓ ସାମାଜିକ ସୌହାର୍ଦ୍ଦ୍ୟ ତଥା ଜାତି ବର୍ଣ୍ଣର ସଂକୀର୍ଣ୍ଣତାବୋଧର ଦୂରୀକରଣ କେବଳ ସଂସ୍କାରମୂଳକ ଶିକ୍ଷା ମାଧ୍ୟମରେ ସମ୍ଭବ। କେବଳ ଅର୍ଥ ଉପାର୍ଜନ ତଥା ବସ୍ତୁବାଦୀ ମାନସିକତାର ପ୍ରୋତ୍ସାହନ ପାଇଁ ଶିକ୍ଷାକୁ ଜୀବନର ମାଧ୍ୟମ କରା ନଯାଉ। ଶିକ୍ଷା ମାଧ୍ୟମରେ ସମାଜର ଉତ୍‌ଥାନ ଘଟି ସମାନତା ସୃଷ୍ଟି ହେବା ସହ ଅନ୍ଧବିଶ୍ୱାସ ଦୂର ହୋଇ ପାରିବ। ଆଧ୍ୟାତ୍ମିକ ଶିକ୍ଷାକୁ ଆଧୁନିକ ବସ୍ତୁବାଦୀ ଜୀବନରେ ପ୍ରୟୋଗ କରି ଆତ୍ମିକ ଚେତନାର ବିକାଶ କରି ପାରିଲେ ସାମାଜିକ ଅଭିବୃଦ୍ଧିର ନୂଆ ରାସ୍ତା ଉନ୍ମୁକ୍ତ ହେବ। ଜଣେ ଯୁବ ଆଧ୍ୟାତ୍ମିକ ଯୋଗୀ ଭାବରେ ଜ୍ଞାନ, କର୍ମ, ଭକ୍ତି ଓ ଯୋଗକୁ ସାଧନାର ମାର୍ଗ କରି ଯୁବ ସମାଜ ନିଜ ବ୍ୟକ୍ତିତ୍ୱକୁ ବହୁଗୁଣିତ କରି ପାରିବ।

ବିବେକାନନ୍ଦ ବିଶ୍ୱର ଜନସାଧାରଣଙ୍କୁ ସଦାସର୍ବଦା ଯୁବକ ବୋଲି ଅଭିହିତ କରୁଥିଲେ। ତାଙ୍କ ମତରେ, ବୟସ ବଢ଼ିଗଲେ କେହି ବୃଦ୍ଧ ହୁଏନି। ମାନସିକ ସ୍ତରରେ ସୁସ୍ଥ ପ୍ରତ୍ୟେକ ମଣିଷ ଜଣେ ଜଣେ ଯୁବକ। ସମାଜରେ ସଂସ୍କାର ଆଣି ପାରୁଥିବା ପ୍ରତ୍ୟେକ ବ୍ୟକ୍ତି ହିଁ ଜଣେ ଯୁବକ। ଉଠ, ଜାଗ, ଅଟକି ଯାଅନି ଯେ ପର୍ଯ୍ୟନ୍ତ ନିଜ ଲକ୍ଷ୍ୟସ୍ଥଳରେ ନ ପହଞ୍ଚିଛ। ଏ ପୃଥିବୀ ଏକ ବ୍ୟାୟାମଶାଳା, ଯେଉଁଠି ମଣିଷ ଜନ୍ମ ନିଏ ସୁସ୍ଥ ହୋଇ ଦୁର୍ବଳତାକୁ ବିନାଶ କରିବା ପାଇଁ। ଶୋଇ ଯାଇଥିବା ଭାରତର ଜନସାଧାରଣ ତଥା ଯୁବକମାନଙ୍କୁ ଜାଗ୍ରତ କରି ସେମାନଙ୍କ କାନରେ ଜିଇଁବାର ଯେଉଁ ମନ୍ତ୍ର ଫୁଙ୍କି ନୂତନ ରାସ୍ତା ଦେଖାଇବାର ପ୍ରୟାସରେ ସେ ବ୍ରତୀ ହୋଇଥିଲେ, ତାହା ଭାରତ ଇତିହାସର ଅବିସ୍ମରଣୀୟ ଅଧ୍ୟାୟ। ଜଣେ ଯୁବ ନାୟକ ଭାବରେ ପ୍ରଚଣ୍ଡ ଜ୍ଞାନର ଅଧିକାରୀ ହୋଇ ନିଜର ମହତ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ସଂକଳ୍ପ ନେଇଥିଲେ, ତାହା ଯୁବ ସମାଜ ପାଇଁ ନିଶ୍ଚୟ ଶିକ୍ଷଣୀୟ। ନିଜ ଯୌବନକୁ ଶୁଦ୍ଧ କରି ସଂଯମୀ ମାନବ ଭାବରେ ସମାଜକୁ ସୁଧାରିବାକୁ ନେଇଥିବା ତାଙ୍କ ନିଷ୍ପତ୍ତି ନିକଟରେ ବର୍ତ୍ତମାନ ଓ ଭବିଷ୍ୟତର ଯୁବ ପିଢ଼ି ନିଶ୍ଚିତ ଭାବେ କୃତଜ୍ଞ। ସବୁ ଘାତ ପ୍ରତିଘାତ ସତ୍ତ୍ୱେ ଭାରତୀୟ ଦାର୍ଶନିକ ଚିନ୍ତା ଚେତନାକୁ ଓ ଯୁବ ସମାଜକୁ ସଭ୍ୟତାର ଶିଖରରେ ପହଞ୍ଚାଇବାର ତାଙ୍କର ଶତ ପ୍ରଚେଷ୍ଟାକୁ ଯୁବଶକ୍ତି ନିଶ୍ଚୟ ହୃଦୟଙ୍ଗମ କରିବ। ରାମକୃଷ୍ଣ ମିଶନ ମାଧ୍ୟମରେ ଜାତୀୟ ଯୁବ ଚେତନାକୁ ବେଦାନ୍ତ ଦର୍ଶନ ସହ ଯୋଡ଼ି ଯେଉଁ ନୂତନ ଭାରତର ସ୍ୱପ୍ନ ସେ ଦେଖିଥିଲେ, ତାକୁ ବାସ୍ତବତାରେ ରୂପାୟନ କରିବାରେ ଏ ଯୁବ ଗୋଷ୍ଠୀ କେବେ ବି ପଛଘୁଞ୍ଚା ଦେବନାହିଁ। ସଚ୍ଚିଦାନନ୍ଦର ତତ୍ତ୍ୱରେ ଲୀନ ହୋଇ ଯେଉଁ ଯୁବକ ଦିନେ ଅନୁଭବ କରିଥିଲେ ପରମ ସତ୍ତାର ଅନ୍ତର୍ନିହିତ ଶକ୍ତି, ତାହା ହିଁ ହେଉ ସମାଜିକ ଆଦର୍ଶର କେନ୍ଦ୍ରବିନ୍ଦୁ। ଯେଉଁ ବ୍ୟକ୍ତିତ୍ୱ କେବେ ମଳିନ ପଡ଼ିନି କି କେବେ ପଡ଼ିବ ନାହିଁ; ସେହି କାଳଜୟୀ, ଜାଜ୍ୱଲ୍ୟମାନ ଓ ମୂର୍ତ୍ତିମନ୍ତ ବ୍ୟକ୍ତିର ପ୍ରତିଛବି ପାଲଟି ଯାଉ ଯୁବ ପ୍ରତିଭାଙ୍କ ପ୍ରେରଣାର ଉତ୍ସ, ଯାହାଙ୍କ ଗୁରୁ ଭକ୍ତି, ନିର୍ଭୀକତା, ବାଗ୍ମିତା ଓ ପରିଶେଷରେ ଦାର୍ଶନିକ ଚିନ୍ତାଧାରା କେବଳ ଭାରତୀୟଙ୍କ ମାନସ ପଟରେ ନୁହେଁ, ବରଂ ବିଦେଶ ଭୂମିରେ ଯୁଗ ଯୁଗ ଧରି ଉଜ୍ଜୀବିତ ହୋଇ ରହିବ। ବୟସର ଅପରାହ୍ନକୁ ସ୍ପର୍ଶ କରିବାର ବହୁ ପୂର୍ବରୁ ଯିଏ ସବୁଦିନ ପାଇଁ ଯୁବକ ହୋଇ ନିଜେ ଇତିହାସ ରଚନା କରିଗଲେ, ସେଭଳି ଯୁବ ବ୍ୟକ୍ତିତ୍ୱଙ୍କୁ ଶ୍ରାଦ୍ଧ ଦିବସରେ ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ❒

**ଅଧ୍ୟାପକ, ଦର୍ଶନ ବିଭାଗ, ଭଦ୍ରକ**
**ମୋ: ୮୮୯୫୩୪୧୦୩୩**



ଡାକ୍ତର ଅଂଶୁମାନ କର


# ଘୋଷଯାତ୍ରା: ସନାତନ ଧର୍ମର ମହାସଙ୍ଗମ

ପ୍ରତ୍ୟେକ ହିନ୍ଦୁଙ୍କ ହୃଦୟରେ ପ୍ରଭୁ ଜଗନ୍ନାଥଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ସେ ଓଡ଼ିଶାର ପୁରୀସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରିୟ ଦେବତା ଏବଂ ତାଙ୍କର ଦିବ୍ୟ ଉପସ୍ଥିତି ସାରା ବିଶ୍ୱରେ ଅନୁଭୂତ ହୁଏ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ପ୍ରଭୁ ଜଗନ୍ନାଥ ସୀମା ଅତିକ୍ରମ କରନ୍ତି ଏବଂ ସମଗ୍ର ବ୍ରହ୍ମାଣ୍ଡର ଅଟନ୍ତି ?

ପ୍ରଭୁ ଜଗନ୍ନାଥ, ଯାହାଙ୍କ ନାମର ଅର୍ଥ 'ବ୍ରହ୍ମାଣ୍ଡର ପ୍ରଭୁ', ଅନ୍ତର୍ଭୁକ୍ତି ଏବଂ ସାର୍ବଜନୀନ ପ୍ରେମର ସାରକୁ ମୂର୍ତ୍ତିମନ୍ତ କରନ୍ତି। ସେ କୌଣସି ଏକ ସମ୍ପ୍ରଦାୟ କିମ୍ବା ଅଞ୍ଚଳରେ ସୀମିତ ନୁହନ୍ତି। ତାଙ୍କର ରଥ ଉତ୍ସବ, ରଥଯାତ୍ରା ବିଭିନ୍ନ ପୃଷ୍ଠଭୂମିରୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରେ, ଯାହା ଏକତା ଏବଂ ସମନ୍ୱୟର ପ୍ରତୀକ। ବଳରାମ ଦାସ ଏହି ଚେତନାକୁ ବୁଝିପାରି ଭାବ ସମୁଦ୍ରରେ ଲେଖିଛନ୍ତି- 'କାହୁଁ ଭିଆଇଲୁ କ୍ଷେତ୍ର ତୋହର/ ଚଉଦ ଭୁବନ ମଧ୍ୟୁ ବାହାର/ ନାଥ ତୋ କ୍ଷେତ୍ରେ ସାନବଡ଼ ନାହିଁ/ ବ୍ରାହ୍ମଣ ଚଣ୍ଡାଳ ଯେପରି ଦୁଇ।'

ଏହି ସମନ୍ୱୟତାର ଶ୍ରେଷ୍ଠ ପର୍ବ ହେଲା ମହାପ୍ରଭୁଙ୍କ ଘୋଷଯାତ୍ରା। ସେଥିଲାଗି ତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତ ଭକ୍ତଙ୍କ ହାତ ରଥର ରଜ୍ଜୁ ଧରିଲେ ଯାଇ ମହାପ୍ରଭୁଙ୍କ ରଥ ଗଡ଼ିଥାଏ। ପ୍ରଭୁ ଜଗନ୍ନାଥ ସନାତନ ଧର୍ମର ସେଇ ପରଂବ୍ରହ୍ମ, ଯିଏ ସମୟ ଅନୁସାରେ ବିଭିନ୍ନ ରୂପ ଧାରଣ କରି ସଂସାରରେ ଧର୍ମ ସ୍ଥାପନାର୍ଥେ ଆସିଥାନ୍ତି। ବେଦାନ୍ତସାର ଗୁପ୍ତଗୀତାରେ କୁହାଗଲା- 'ସର୍ବଦା ନୀଳାଦ୍ରିରେ ସ୍ଥିତି/ ଏଥୁ ସକଳ ଜାତ ହୋନ୍ତି/ ସମସ୍ତ ଅବତାର ମାନ/ ଜାତ ହୋଇଣ ପଶେ ପୁଣ/ ବେଦାନ୍ତ ସାର ବ୍ରହ୍ମ ଏହି/ ବେଦ ହିଁ ବର୍ଣ୍ଣି ନ ପାରଇ।'

ସନାତନ ଧର୍ମର ବିଶାଳତା ଭିତରେ ପ୍ରଭୁ ଜଗନ୍ନାଥଙ୍କ ଶିକ୍ଷା ଆମକୁ ମନେ ପକାଇ ଦିଏ ଯେ ଦିବ୍ୟତା ଭୂଗୋଳ କିମ୍ବା ସଂସ୍କୃତି କିମ୍ବା ସଭ୍ୟତା ମଧ୍ୟରେ ସୀମିତ ନୁହେଁ। ତାଙ୍କର କରୁଣାପୂର୍ଣ୍ଣ ଦୃଷ୍ଟି ଏବଂ ହିତକର ହସ ସମସ୍ତ ପ୍ରାଣୀଙ୍କ ପାଇଁ ସେମାନଙ୍କର ବିଶ୍ୱାସ କିମ୍ବା ଉତ୍ପତ୍ତି ନିର୍ବିଶେଷରେ। ସେ ଆମକୁ ଶିକ୍ଷା ଦିଅନ୍ତି ଯେ ଆଧ୍ୟାତ୍ମିକତାର ପଥ ସମସ୍ତଙ୍କ ପାଇଁ ଖୋଲା ଏବଂ ତାଙ୍କର ଆଶୀର୍ବାଦ ସାର୍ବଜନୀନ। ବର୍ଷକୁ ଅନେକ ପର୍ବ



ପର୍ବାଣିରେ ଚଳନ୍ତି ବିଗ୍ରହମାନଙ୍କୁ ପ୍ରତିନିଧି ଭାବେ ପଠାଇ ସ୍ନାନ ଓ ଗୁଣ୍ଡିଚାରେ ସ୍ୱୟଂ ଲୀଳା କରି ପ୍ରଭୁ ନିଜର ପତିତପାବନ ବାନାକୁ ଉଡ଼େଇଛନ୍ତି। ତେଣୁ କବିସମ୍ରାଟ ଭଞ୍ଜ ଲେଖିଲେ- 'ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର/ ପତିତପାବନ ଅର୍ଥେ ପ୍ରାସାଦୁ ବାହାର।'

ବାର ବର୍ଷରେ ଥରେ ଆହ୍ଲାବାଦର ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ହେଉଥିବା ମହାକୁମ୍ଭ ମେଳା ଯଦି ସନାତନ ଧର୍ମର ଶ୍ରେଷ୍ଠ ପର୍ବ, ତେବେ କଳି ଯୁଗରେ ଆଷାଢ଼ ମାସରେ ପୁରୀରେ ପ୍ରଭୁଙ୍କ ଏହି ଘୋଷଯାତ୍ରା ସେଇ ସନାତନ ଧର୍ମର ବାର୍ଷିକ ମହାସଙ୍ଗମ। ଶୈବ-ଶାକ୍ତ-ବୈଷ୍ଣବ ପରମ୍ପରାର ସମାହାର ରଥଯାତ୍ରା। ଏହା କହିବା ପଛରେ ଏକ ଗୂଢ଼ ଚିନ୍ତନ ଅଛି: ଅଣସର ସମୟର ଗୁପ୍ତ ନୀତି, ଫଳ ପଣା ଭୋଗ ଆଦି ଶୈବ ପୂଜା ପଦ୍ଧତିରେ ମଧ୍ୟ ନିତ୍ୟ ଅନୁକରଣୀୟ, ଆଡ଼ପ ମଣ୍ଡପେ ବିଜେ କରିଥିବା ବେଳେ ପ୍ରଭୁଙ୍କ ଦିବ୍ୟ ରାହାସ ହେଉଛି ବୈଷ୍ଣବ ଧର୍ମର ସର୍ବୋତ୍ତମ ଚିନ୍ତନ, ଅଶରୀରୀମାନଙ୍କୁ ଅଧର ପଣା ଲାଗି ଓ ସୁବର୍ଣ୍ଣ ଭୂଷିତ ମାୟାଯୁକ୍ତ ସ୍ୱରୂପ ଶାକ୍ତ ପୂଜାର ଏକ ପ୍ରଧାନ ଅଙ୍ଗ। ଏହିପରି ଅନେକ ବ୍ୟାଖ୍ୟାନ ଦ୍ୱାରା ଜଗନ୍ନାଥ ଯେ ସନାତନ ଧର୍ମର ମହାସଙ୍ଗମ, ତାକୁ ଆଲୋଚନା କରାଯାଇ ପାରିବ। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଭିତରେ ସର୍ବ ସମ୍ପ୍ରଦାୟର ସମାହାର ଦେଖି ଶଙ୍କରାଚାର୍ଯ୍ୟ ଜଗନ୍ନାଥଙ୍କୁ କହିଲେ- 'ପ୍ରଣବ ଯନ୍ତ୍ର ରୂପାୟ ସତ୍ୟ ସଂକେତ ବିଗ୍ରହ।'

ଯେତେବେଳେ ଆମେ ପ୍ରଭୁ ଜଗନ୍ନାଥଙ୍କ ମହିମା କଥା କହୁ, ସେତେବେଳେ ରଥଯାତ୍ରା ପର୍ବରେ 'ଆତ୍ମାନଂ ରଥୀ' ଭାବେ ଚିନ୍ତା କରି ମହାପ୍ରଭୁଙ୍କ ଏହି ଦିବ୍ୟ ଲୀଳାକୁ ନିଜ ଭିତରେ ଅନୁଭବ କରି ପାରିବା। ଆସନ୍ତୁ, ଆମେ ତାଙ୍କ ଏକତା ଏବଂ ପ୍ରେମର ବାର୍ତ୍ତାକୁ ଗ୍ରହଣ କରିବା। ଆସନ୍ତୁ, ଆମେ ମନେ ରଖିବା ଯେ ସେ ପ୍ରତ୍ୟେକ ଓଡ଼ିଆଙ୍କ ନିଜର ହେଲେ ମଧ୍ୟ ସେ ସମସ୍ତ ସୃଷ୍ଟିର ମାର୍ଗଦର୍ଶନ ଏବଂ ସୁରକ୍ଷା କରୁଥିବା ବ୍ରହ୍ମାଣ୍ଡର ମଧ୍ୟ; ସେ ହିଁ ସନାତନ ଧର୍ମର ପ୍ରଣବ ସ୍ୱରୂପ ଓ ତାଙ୍କର ଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରା ସନାତନର ମହାସଙ୍ଗମ। ❒

**ଅନନ୍ୟ ନିକେତନ, ଏନ୍-୧/୧୮୩**
**ଆଇଆରସି ଭିଲେଜ, ଭୁବନେଶ୍ୱର**
**ମୋ: ୯୭୭୮୦୩୦୪୯୪**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

### ଖଣ୍ଡପଡ଼ାବାସୀ ଓ କଣ୍ଟିଲୋ କାରିଗରଙ୍କ ଦୁଃଖ

# ପ୍ଲାନେଟୋରିୟମ୍, ୱ୍ୱାର୍କ ସେଡ୍ ନିର୍ମାଣରେ ବିଳମ୍ବ

**ଖଣ୍ଡପଡ଼ା,୩।୭/ଏନ୍ଏନ୍ଏସ୍:** ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଖଣ୍ଡପଡ଼ା ଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ସହ କଣ୍ଟିଲୋ ଠାରେ କଂସାପିତ୍ତଳ କାରିଗରମାନଙ୍କ କଲ୍ୟାଣ ନିମନ୍ତେ ଏକ ୱ୍ୱାର୍ଡ ସେଡ ନିର୍ମାଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଖାଲିସେତିକି ନୁହେଁ ଉକ୍ତ ୨ଟି ନୂତନ ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାର ଅନୁଦାନ ଅର୍ଥ ମଞ୍ଜୁର କରିଥିଲେ ହେଁ ଅଦ୍ୟାବଧି ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଅପରପକ୍ଷେ ପଠାଣି ସାମନ୍ତ ପ୍ଲାନେଟୋରିୟମ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ଏବେ ବି ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇନଥିବା ଜଣାପଡିଛି। ତେବେ ସରକାରଙ୍କ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର ସତ୍ତ୍ୱେ ମଧ ପ୍ରଶାସନିକ ଉଦାସୀନତା ଯୋଗୁଁ ପ୍ଲାନେଟୋରିୟମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ଆବଶ୍ୟକୀୟ ସରକାରୀ ଜାଗା ଅଭାବରୁ କଣ୍ଟିଲୋ ଠାରେ କଂସାପିତ୍ତଳ କାରିଗରମାନଙ୍କ ନିମନ୍ତେ ୱ୍ୱାର୍କସେଡ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିବା ଜଣାପଡିଛି। ଉକ୍ତ ୨ଟି ନୂତନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଖଣ୍ଡପଡ଼ା ଅଞ୍ଚଳର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଅପରପକ୍ଷେ ଖଣ୍ଡପଡ଼ା ସହରର ୧୩ ନଂ ୱ୍ୱାର୍ଡ ସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟଟିର ରକ୍ଷଣାବେକ୍ଷଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

# କୁରାଳ କଲେଜରେ ୭୬ ତମ ବନମହୋତ୍ସବ



**ଓଡଗାଁ,୩।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳସ୍ଥିତ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ତତ୍ତ୍ୱାବଧାନରେ ବୁଧବାର ୭୬ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଓଡଗାଁ ବନବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ସୁଷମା ମଞ୍ଜରୀ ପାଣିଗ୍ରାହୀ, ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀ ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀ ଯୋଗଦେଇ ଆମ୍ବ, ପଣସ, ବଉଳ ଓ ପେସ୍ତାବାଦାମ ଚାରାରୋପଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉକ୍ତ ଉତ୍ସବରେ ଓଡ଼ଗାଁ ବନପାଳ ସରିତା ବରାଳ,ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଦୀପ୍ତିମୟୀ ରାଉତ, ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ,ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ, ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ସାମ୍ବାଦିକ ଗଣେଶ୍ୱର ସାହୁ ଯୋଗଦେଇ ବନମହୋତ୍ସବର ମହତ୍ୱ ପ୍ରତିପାଦନ କରିବା ସହିତ ଚାରାରୋପଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରକୃତିବନ୍ଧୁ ଶ୍ରୀଚୌଧୁରୀ ପଞ୍ଚ ମହାଭୂତଙ୍କ ପୂଜନ ସହିତ ଏହାର ସୁରକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ବୃକ୍ଷଦେବାୟ ନମଃ ମନ୍ତ୍ର ଉଚ୍ଚାରଣ ପୂର୍ବକ ଭକ୍ତିଭାବରେ ସମସ୍ତ ଚାରାଗୁଡିକୁ ରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀ ସ୍ଲୋଗାନ ଦେଇ ସମସ୍ତ ବୃକ୍ଷପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ବିଜୟାନନ୍ଦ ଶତପଥୀ, ଅବନୀକାନ୍ତ ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ସୁଶାନ୍ତ ବିଶୋଇଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମା' ମଙ୍ଗଳାଙ୍କ ଚତୁର୍ଥ ପ୍ରତିଷ୍ଠା ଉତ୍ସବ



**ମାହାଙ୍ଗା,୩।୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଲେଶ୍ୱରପୁର ପରିଡାପାଟଣା ଗ୍ରାମରେ ପ୍ରତିଷ୍ଠିତ ମା' ମଙ୍ଗଳାଙ୍କ ଚତୁର୍ଥ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଗୋବିନ୍ଦ ମହାନ୍ତି, କର୍ତ୍ତୀ ଭାବେ ନିର୍ମଳା ମହାନ୍ତି ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ବରିଷ୍ଠ ପଣ୍ଡିତ ଜୟନ୍ତ କୁମାର ଦାଶ, ଚିନ୍ମୟ କୁମାର ଦାଶ ଓ ସ୍ମୃତିରଞ୍ଜନ ଦାଶ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଠାକୁରାଣୀଙ୍କ ଉପଚାର ପୂଜା ଓ ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଥିବାବେଳେ ଭଜନ ଓ କୀର୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାସ୍କର ବଳ, ଉମେଶ ଚନ୍ଦ୍ର ସାହୁ, ଭାସ୍କର ପରିଡା, ପ୍ରଫୁଲ୍ଲ ସାହୁ, ଦେବେନ୍ଦ୍ର ମହାନ୍ତି, ଜନ୍ମେଜୟ ବଳ, ପୁନାନନ୍ଦ ସ୍ୱାଇଁ, ସୂର୍ଯ୍ୟକାନ୍ତ ବାରିକ, ଆଲୋକ ବାରିକ, ବଂଶୀଧର ସ୍ୱାଇଁ, ଅକ୍ଷୟ ସାହୁ, ଗୋବିନ୍ଦ ପରିଡା, ନିରଞ୍ଜନ ନାୟକ, ଉତ୍ସବ ପରିଡା, ବିଜୟ ପରିଡା, ହରେକୃଷ୍ଣ ସାହୁ, ଲକ୍ଷ୍ମୀଧର ଖୁଣ୍ଟିଆ, ଅଲେଖ ରାଉତ, ବଟକୃଷ୍ଣ ନାୟକ, ହେମନ୍ତ ପରିଡା, ଲକ୍ଷ୍ମଣ ନାୟକ, ଜୟଦେବ ପରିଡା, ବିଜୟ ସାହୁ, ନରେଶ ସାହୁ, ଶ୍ୟାମସୁନ୍ଦର ବାରିକ, କୈଳାସ ବାରିକ, ଧନେଶ୍ୱର ସ୍ୱାଇଁ, ଅନିରୁଦ୍ଧ ବାରିକ, ପ୍ରଫୁଲ୍ଲ ଖୁଣ୍ଟିଆ, ହରେକୃଷ୍ଣ ସାମଲ, ଜଗବନ୍ଧୁ ନାୟକ, ସଂଗ୍ରାମ ପାଣି, ରାଜକିଶୋର ପରିଡା, ନରୋତ୍ତମ ନାୟକ, ବନମାଳି ସ୍ୱାଇଁ, ବୁନୁ ସ୍ୱାଇଁ, ବାଂଛାନିଧି ସ୍ୱାଇଁ, ଅନନ୍ତ ପରିଡା,ଅରୁଣ ବାରିକଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବାଲିପାଟଣା,୩।୭/ଏନ୍ଏନ୍ଏସ୍:** ବାଲିପାଟଣା ବ୍ଲକ୍ ସ୍ଥିତ ଆଠାନ୍ତର କ୍ଲଷ୍ଟରର ଶ୍ରୀ ବୁଦ୍ଧନଥା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ଦାତବ୍ୟ ଚକ୍ଷୁ ଏବଂ ଇସିଜିର ପରୀକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଠାନ୍ତର କ୍ଲଷ୍ଟରର ୫୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା ଏବଂ ୧୪ଜଣଙ୍କୁ ଲିଙ୍ଗିପୁର ସ୍ଥିତ ଆଇ ହାର୍ଟ ଭିଜନ ମେଡିକାଲ୍‌କୁ ପଠାଯାଇଥିଲା। କାର୍ଯ୍ୟକ୍ରକୁ ବାଲିପାଟଣା ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ ଡକ୍ଟର, ପ୍ରଭାତ କୁମାର୍ ରଥ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ସୁଷମା ରାଣୀ ମହାପାତ୍ର, ଆଇ ହାର୍ଟ ଭିଜନ ମେଡିକାଲ୍ ମେନେଜର, ଜାହିର ଉଦ୍ଦିନ୍ ଶାହ ଉଦ୍ଘାଟନ କରିଥିଲେ। ହସ୍ପିଟାଲରୁ ଆସିଥିବା ଡାକ୍ତର ଗୋବିନ୍ଦ ନାୟକ, ଡାକ୍ତର ମଧୁସ୍ମିତା ରାଉତ୍ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ଏଥିରେ ତାଙ୍କୁ ରାଜେଶ୍ ବାରୋହି, ଲତା ଖଟୋଇ, ରୁବିନ ବଡୁ ସହଯୋଗ କରିଥିଲେ।

## ପୁରୀ ଦଳାଚକଟା ଘଟଣାରେ ମୃତକଙ୍କ ପରିବାରକୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

**ବାଲିଅନ୍ତା,୩।୭/ଏନ୍ଏନ୍ଏସ୍:** ପୁରୀ ଗୁଣ୍ଡିଚାମନ୍ଦିର ନିକଟ ଶରଧାବାଲିରେ ଦଳାଚକଟା ଘଟଣାରେ ମୃତ୍ୟୁବରଣ କରିଥିବା ଅଠାନ୍ତର ଗ୍ରାମର ପ୍ରଭାତୀ ଦାସଙ୍କ ପରିବାରକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭେଟିଛନ୍ତି। ଶ୍ରୀମତୀ ପରିଡ଼ା ଅଠାନ୍ତରକୁ ଯାଇ ସ୍ୱର୍ଗତ ପ୍ରଭାତୀଙ୍କ ଶ୍ୱଶୁର ସୁଶିଳଚନ୍ଦ୍ର ଦାସ, ଶାଶୂ ଦେବହୁତୀ ଦାସ, ସ୍ୱାମୀ ବିଶ୍ୱଜିତ ଦାସ, ଭାଇ ସୁନ୍ଦରପ୍ରଭାତ ଦାସ ଓ ସୁନ୍ଦରପବିତ୍ର ଦାସଙ୍କ ସହ ଆଲୋଚନା କରିବା ସହିତ ଏଭଳି ଦୁଃଖଦ ତଥା ଅପ୍ରତ୍ୟାଶିତ ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ଡଃ.ଅରବିନ୍ଦ ଢାଲୀ, ବିଜେପି ନେତା ବସନ୍ତ ନାୟକ, ସୁନ୍ଦରପ୍ରବୀଣ ଦାସ, ବିମଳ ଦାସ, ଲିଙ୍ଗରାଜ ମହାନ୍ତି, ଦିଲୀପ ସାମନ୍ତରାୟ, କ୍ଷୀରୋଦ ପଟ୍ଟନାୟକ, ସାମ୍ବାଦିକ ପ୍ରତାପକେଶରୀ ପାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ରାଇମ୍‌ବ୍ରାଞ୍ଚ୍ ଅଧିକାରୀଙ୍କ ପରଲୋକ



**ବାଲିଅନ୍ତା,୩।୭/ଏନ୍ଏନ୍ଏସ୍:** ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ମନ୍ଦାରିଆପାଟଣା ଅଞ୍ଚଳର କ୍ରାଇମ ବ୍ରାଞ୍ଚ ଅବସରପ୍ରାପ୍ତ ଅଧିକାରୀ ବଦ୍ରିକାନାଥ ମହାପାତ୍ରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ଶେଷ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଖବର ପାଇ ସମାଜସେବୀ ଗଣେଶଚନ୍ଦ୍ର ସାହୁ, ଦ୍ୱାରିକାନାଥ ମହାପାତ୍ର, ପ୍ରଦୀପକୁମାର ବେହେରା, ଜିଲାପରିଷଦ ସଭ୍ୟ ମହେଶ୍ୱର ଦାସ, ଜଗନ୍ନାଥପୁର ଗ୍ରାମ୍ୟ କମିଟି ସଭାପତି ସନାତନ ପରିଜା, ମୁରବି ଯୁଧିଷ୍ଠିର ପରିଜା, ଅଜୟକୁମାର ମହାପାତ୍ର, ସରପଞ୍ଚ ବିଶ୍ୱଜିତ ଭୋଇ ପ୍ରମୁଖ ତାଙ୍କ ମନ୍ଦାରିଆ ପଞ୍ଚବଟୀସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ହୋଇଥିଲା। ପୁତ୍ର ଆଶିଷ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଘଟଣାରେ ମନ୍ଦାରିଆପାଟଣା, ଜଗନ୍ନାଥପୁର, ଜୟରଶାସନ, ପଞ୍ଚବଟୀ ଓ ବ୍ରାହ୍ମଣସାଇଲୋ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି।

## ପଥର ଦ୍ୱାରା ଆବଦ୍ଧ ଡ୍ରେନ୍, ପ୍ରତିକାର ଦାବି



**କଣ୍ଟିଲୋ,୩।୭/ଏନ୍ଏନ୍ଏସ୍:** ମାଳବନ୍ଧଠାରୁ ସଂଯୋଗ ହୋଇଥିବା ଡ୍ରେନକୁ କୌଣସି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ପଥର ଦ୍ୱାରା ଆବଦ୍ଧ କରି ଦେଇ ଥିବାରୁ ବାସ କରୁଥିବା ଲୋକ ମାନଙ୍କର ମଇଳା ଦୂଷିତ ପାଣି ବୋହି ନଯାଇ ଜମାଟ ବାନ୍ଧି ରହୁଥିବାରୁ ପୂତିମୟ ଦୁର୍ଗନ୍ଧ ହେଉଛି। ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋଙ୍କ ପଶ୍ଚିମ ପାର୍ଶ୍ୱ ପାବଚ୍ଛ ପାଖରେ ମାଳବନ୍ଧ ତଥା ଲିଫ୍ଟକୁ ଲାଗି ବିକାଶ ପ୍ରକଳ୍ପ ଦ୍ୱାରା ନୂତନ ଭାବେ ନିର୍ମାଣ ହୋଇଥିବା ଦୋକାନ ଉଦ୍ଦେଶ୍ୟ ଗୃହଗୁଡ଼ିକର ପଛ ପାଖରେ ବାସ କରୁଥିବା ହାଟମୁଣ୍ଡ ପାଟଣା ବାସିନ୍ଦାମାନଙ୍କର ମଇଳା ଓ ଦୂଷିତ ପାଣି ପଶ୍ଚିମ ଦିଗରୁ ପୂର୍ବ ଦିଗକୁ ବୋହିଯାଇ ଗୋବିନ୍ଦ ମହାରଣାଙ୍କ ଘର ପାଖରେ ଯାଇଥିବା ଡ୍ରେନରେ ମିଶେ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବାହାରୁ ପ୍ରତିଦିନ ଆସୁଥିବା ହଜାର ହଜାର ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଏହାର ପ୍ରତିକାର ପାଇଁ ପଞ୍ଚାୟତ କିମ୍ବା ବ୍ଲକ କିମ୍ବା ଠିକା ସଂସ୍ଥାଙ୍କ ନିକଟରେ ସ୍ଥାନୀୟ ଅଧିବାସୀଙ୍କ ସହିତ ପର୍ଯ୍ୟଟକମାନେ ଦାବି କରିଛନ୍ତି।

## ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ



**ସାଲେପୁର,୩।୭/ଏନ୍ଏନ୍ଏସ୍:** ମଧୁସୂଦନ ବଜାର କମିଟି ଓ ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ମଧୁବଜାର ପାଗା ଛକ ଠାରେ ସର୍ବସାଧାରଣଙ୍କ ତୃଷା ନିବାରଣ ପାଇଁ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉନ୍ମୋଚନ କରାଯାଇଛି। ମଧୁବାଜର କମିଟିର ସମ୍ପାଦକ ସୁନାକର ବରାଳଙ୍କ ପୌରୋହିତ୍ୟରେ ରୋଟାରୀ କ୍ଲବର ପୂର୍ବତନ ସଭାପତି ଡ଼ ଶୁବାଶିନୀ ଲେଙ୍କା ଫିତା କାଟି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବର ବର୍ତ୍ତମାନର ସଭାପତି ସୁଜାତା ପ୍ରିୟଦର୍ଶିନୀ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ପରିଜା, ରୋଟରୀୟନ୍ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ, ଇଂ ଶୁନେଶ୍ୱର ସ୍ୱାଇଁ, ଶଶିଶେଖର ସାମଲ, ଶୁଜିତାବ ଶତପଥୀ, ଅତୋଷି କରମାକର, ଇଂ ପ୍ରଶାନ୍ତ ମହାନ୍ତି,ସଞ୍ଜିବ ଶତପଥୀ, ପରମାନନ୍ଦ ମୁଦୁଲି, ଏବଂ ବଜାରର ପ୍ରମୁଖ ଉଦ୍ୟୋକ୍ତା ଉପସଭାତି ମାୟାଧର ଦଲାଲ, ଘନଶ୍ୟାମ ବେହେରା, ସୁରେନ୍ଦ୍ର ସ୍ୱାଇଁ, ଭାଗ୍ୟଧର ଷଣ୍ଡ, ଜିବନାନନ୍ଦ ବେହେରା, କାହ୍ନୁ ଗାହାଣ, ରମେଶ ଘଡ଼େଇ, ମୃତ୍ୟୁଜୟ ଦଲାଲ, ସେକ୍ ଅଫ୍‌ସର୍, ବାବୁଲି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଓଡ଼ଗାଁ,୩।୭/ଏନ୍ଏନ୍ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବେରୁଆଁବାରୀ ଗ୍ରାମପଞ୍ଚାୟତ ବିଦ୍ୟାପୀଠର ଖେଳଶିକ୍ଷକ ଭିକାରୀ ଚରଣ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନାସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଲୋକନାଥ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିମଳ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲାର ଅଗ୍ରୀଣ ଶିକ୍ଷା ଅନୁଷ୍ଠାନ ଇଉନାଇଟେଡ ପ୍ରତିଷ୍ଠାତା ପଦିପ୍ତ କୁମାର ପୁଷ୍ଟି, ସି.ଆର.ସିସି ପ୍ରମୋଦ କୁମାର ଖଣ୍ଡୁଆଳ, ବେରୁଆଁବାରୀ ସରପଞ୍ଚ ସୁଶାନ୍ତ କୁମାର ସାହୁ, ସମିତିସଭ୍ୟ କେଦାର ସେଠୀ, ସମାଜସେବୀ ଭବାନୀ ପ୍ରସାଦ ଦେଓ ଓ ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ଦଳ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜନିଜର ଅନୁଭୁତି ବଖାଣିବା ସହ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ସାହୁଙ୍କ ଗୁଣଗାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଆଞ୍ଚଳିକ ବିକାଶ ପରିଷଦର ସଭାପତି ନାରାୟଣ ବେହେରା ଯୋଗଦେଇ ନିଜର ସଂଘର୍ଷମୟ ଶିକ୍ଷକତା ଜିବନୀ ଉପରେ ବଖାଣିବା ସହିତ ନିଷ୍ଠାର ସହିତ ଯେକୌଣସି କାର୍ଯ୍ୟକରିବ ସଫଳତା ନିଶ୍ଚୟ ପାଇବ ବୋଲି କହିଥିଲେ। ଏହି ବିଦ୍ୟାପୀଠ ପ୍ରଥମେ ଗ୍ରାମବାସୀଙ୍କ ସହଯୋଗରେ ଚାଳଘରୁ ଆରମ୍ଭ ହେଇଥିବା ବେଳେ ଆଜି ବିଦ୍ୟାପିଠ ଡିଜିଟାଲ ହୋଇ ପକ୍କାଘରେ ଚେୟାର ଟେବୁଲରେ ବସି ପିଲାମାନେ ପାଠପଢିବା ଅତି ଖୁସିର ବିଷୟ ବୋଲି କହିଥିଲେ ଏବଂ ଚାଳଘର କଥା ମନେପଡୁଥିବା କହି ଭାବ ବିହୋଳ ହୋଇପଡ଼ିଥିଲେ। ତତ୍‌ପରେ ଅବସର ଗ୍ରହଣ କରିଥିବା ଖେଳଶିକ୍ଷକ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ବିଦ୍ୟାପୀଠରୁ ପାଠ ପଢ଼ିଥିବା ପୂର୍ବତନ ଛାତ୍ରଛାତ୍ରୀମାନେ ମଧ ଯୋଗଦେଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିବା ସହିତ ବାଜା ବାଣ ଫୁଟାଇ ଶିକ୍ଷକଙ୍କୁ ନିଜ ଘରେ ଛାଡ଼ିଥିଲେ।

# ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଓଡ଼ଗାଁ,୩।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ କୋମଣ୍ଡ ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋମଣ୍ଡରେ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ଚନ୍ଦ୍ର ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କୋମଣ୍ଡ ସରପଞ୍ଚ ଦିପୀକା ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ସାହୁ, ମୁଖ୍ୟବକ୍ତା ଅତିରିକ୍ତ ମଣ୍ଡଳଶିକ୍ଷା ଧିକାରୀ ରଘୁନାଥ ମଲିକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ବଟକୃଷ୍ଣ ପଣ୍ଡା, ଶେଷଦେବ ସାହୁ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦର ସଭାପତି ରାମେଶ୍ୱର ପଣ୍ଡା, ସଚ୍ଚିଦାନନ୍ଦ ଦାସ, ସୁକାନ୍ତ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସିମାଞ୍ଚଳ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ, ପୂର୍ବତନ ପରିଚାଳନା କମିଟି ଅଧକ୍ଷ ପବିତ୍ର ମୋହନ ପ୍ରଧାନ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ମାଗେତା ବେହେରା ଏବଂ ଚନ୍ଦ୍ରମଣି ନାୟକଙ୍କ ବିଷୟରେ ପ୍ରଶଂସା ଗାନକରିବା ସହିତ ଶିକ୍ଷକ ଦ୍ୱୟଙ୍କ ଭବିଷ୍ୟତ ନିରାମୟ ଜୀବନ ପାଇଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସମ୍ବର୍ଦ୍ଧନା ସଭାପରେ ବିଦ୍ୟାଳୟର ଶିକ୍ଷକ ବିଦ୍ୟାଧର ସାହୁ, ଶ୍ରୀଧର ସାହୁ, କୃଷ୍ଣଚନ୍ଦ୍ର ଆଲଟିଆ, ବିଶ୍ୱଜିତ୍ ଦ୍ୱିବେଦୀ, ଉର୍ମିଳା ମୁର୍ମୁ, ପୁଷ୍ପଲତା ବେହେରା, ଅଭିଭାବକ ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ଶିକ୍ଷକ ଦୁହିଁଙ୍କୁ ସମ୍ମାନର ସହିତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ। ଶୋଭାଯାତ୍ରାରେ ଗ୍ରାମର ଦ୍ୱାରେଦ୍ୱାରେ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଶିକ୍ଷକ ଦୁହିଁଙ୍କର ପଦବନ୍ଦନା କରୁଥିବା ଦେଖିବାକୁ ମିଳିଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର, ଶିକ୍ଷକ ରଞ୍ଜନ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ପଦ୍ମଭୂଷଣ କାଳିନ୍ଦୀ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ



**ବାଲିପାଟଣା,୩।୭/ଏନ୍ଏନ୍ଏସ୍:** ସବୁଜଯୁଗର କବି ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଆଜି ତାଙ୍କର ଜନ୍ମ ମାଟି ବାଲିପାଟଣାଠାରେ ପାଳିତ ହୋଇଛି। ସାହିତ୍ୟ ଏକାଡେମୀ ଓ ସମୟର ପ୍ରାଚୀ ଧାରାର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଲେଖକ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର, ଅଭିନେତା ତଥା ଲେଖକ ଉପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ କାଳିନ୍ଦୀ ପାଣିଗ୍ରାହୀଙ୍କ ଅନବଦ୍ୟ ସୃଷ୍ଟିରେ ଗ୍ରାମ୍ୟ ଜୀବନର ସରଳ ମଣିଷର ଜୀବନାଦର୍ଶ ବର୍ଣ୍ଣନା ହେବା ସହିତ କବିତାରେ ପ୍ରେମ ଓ ବିପ୍ଳବର ଧାରା ପ୍ରବାହିତ ହୋଇଛି ବୋଲି କହିଥିଲେ। ଆଜିକାଲି ଲୋକଙ୍କର ପଠନ ଅଭ୍ୟାସ ଓ ପ୍ରତିଭା ପୂଜା ପ୍ରତି ଆଗ୍ରହ ନଥିବାରୁ ଭଲ ସୃଷ୍ଟି ଆଶା କରାଯାଉନାହିଁ। ମୁଖ୍ୟ ବକ୍ତା ଅଧାପକ ଶରତ ଚନ୍ଦ୍ର ରଥ ଆଜିକାଲିର ଫେସ୍ ବୁକ୍‌ର କବିତା ଭିତରେ କବିତ୍ୱ ନଥାଏ ଏବଂ ସମୟ ନଚାହିଁଲେ ଜଣେ କବି ହେବା ସମ୍ଭବ ନୁହେଁ ବୋଲି କହିଥିଲେ। ସେ ସମୟରେ ସାମ୍ୟବାଦ ସମାଜ ପାଇଁ ସ୍ୱର ଉତ୍ତୋଳନ କରିବା କାଳିନ୍ଦୀ ପାଣିଗ୍ରାହୀ ଦୃଢ ମନୋବଳର ପ୍ରମାଣ ଦିଏ। ପ୍ରାଚୀ ଧାରା ର ସମ୍ପାଦକ ଭଗବାନ ସାହୁ, କାଳନ୍ଦୀଙ୍କ ଯୋଗୁଁ ଏ ମାଟି ପବିତ୍ର ହୋଇଛି ବୋଲି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ମନୋରଞ୍ଜନ ରାୟ, କ୍ଷଣପ୍ରଭା ମହାନ୍ତି, ଅଭିମନ୍ୟୁ ନାୟକ ଓ ଦିଲ୍ଲୀପ କୁମାର ଓଝାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ କବି ବିପିନ ମହାନ୍ତି ସ୍ୱାଗତ ଭାଷଣ ଦେବାପରେ ସାହିତ୍ୟ ଏକାଡେମୀର ଉପସଚିବ ସଞ୍ଜୟ କୁମାର ଛୁଆଳ ସିଂ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧରେ ଅଧାପକ ଭବାନୀ ଶଙ୍କର ଦାଶ, ଅଧାପକ ମୂରଲୀଧର ସାହୁ, ପ୍ରଶାନ୍ତ ରାୟ, ମାଗୁଣି ସେଠୀ, ସୁଜାତା ରଥଙ୍କ ସମେତ ଶତାଧିକ ସାହିତ୍ୟପ୍ରେମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗୀତିକାର କ୍ଷୀରୋଦଚନ୍ଦ୍ର ପୋଥାଳଙ୍କ ୮୭ତମ ଜନ୍ମୋତ୍ସବ



**କୁଆଁପାଳ,୩।୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତର ଗୋପାଳପୁରସ୍ଥିତ ପଲ୍ଲୀ ସାଂସ୍କୃତିକ ସାମ୍ମୁଖ୍ୟ ପରିସରରେ ମାହାଙ୍ଗା ସାହିତ୍ୟ ସମାଜ ଓ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ମିଳିତ ଆନୁକୂଲ୍ୟରେ ଗୀତିକାର, ସାରସ୍ୱତ ସାଧକ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ୮୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ପ୍ରାବନ୍ଧିକ ତଥା ମହିମାଧର୍ମର ଗବେଷକ ଡ. ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଭୂଷଣ ଡ. ଗୌତମ ମହାରଣା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପାଲା ଗାୟକ ରଜନୀକାନ୍ତ ପୃଷ୍ଟି, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ସୁରେନ୍ଦ୍ରନାଥ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଅଧାପକ ଡ.ବିଜୟ କୁମାର ରାଉତ, ପ୍ରାକ୍ତନ ଅଧାପକ ଫକୀର ଚରଣ ନାୟକ, ସାହିତ୍ୟିକ ତଥା ସଂଗଠକ ଗୌତମ ଚରଣ ଜେନା ଯୋଗଦେଇ କ୍ଷୀରୋଦ ପୋଥାଳଙ୍କ ସାମଗ୍ରିକ କୃତୀ ସଂପର୍କରେ ଆଲୋକପାତ କରିବା ସହ ଶୈଶବରୁ ପିତୃମାତୃହୀନ ହୋଇ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇଥିଲେ ମଧ ଈଶ୍ୱରଙ୍କ କୃପା ଓ ମା' ସରସ୍ୱତୀଙ୍କ କରୁଣା ବଳରେ ଓଡ଼ିଆ ଭାଷା ସାହିତ୍ୟକୁ ଯେଉଁ ଅବଦାନ ଦେଇଛନ୍ତି ବାସ୍ତବିକ୍ ତାହା ଆଲୋଚନାଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ କ୍ଷୀରୋଦ ପୋଥାଳ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ଅକ୍ଷୟ ଷଡଙ୍ଗୀ, ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ ପୋଥାଳଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ଅର୍ପଣ କରିଥିଲେ। କବି ବିଜୟ କୁଅଁର ସ୍ୱରଚିତ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ଦିବାକର ପାଣ୍ଡେ, ତାବଲାଗୁରୁ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ କ୍ଷୀରୋଦ ପୋଥାଳଙ୍କ ରଚିତ କୋଠଭୋଗଖିଆ ଜଣାଣ ଗାନ କରିଥିଲେ। ପରିଚାଳନାରେ ଜୟପ୍ରକାଶ ନାରାୟଣ ସାହୁ, ନରହରି ସେଠୀ, ଜିତେନ୍ଦ୍ର କୁମାର ବିଶ୍ୱାଳ, ସେକ୍ ଅଲିମୁଦ୍ଦିନ୍, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲାବେଳେ ପୂର୍ବତନ ସରପଞ୍ଚ ସୁବାଷ ଚନ୍ଦ୍ର ମହାନ୍ତି, ସ୍ତମ୍ଭକାର ବିବେକାନନ୍ଦ ଦାସ, ଶଶଧର ପ୍ରଧାନ, ବିବେକାନନ୍ଦ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସମାଜସେବୀ କଲ୍ଲୋଳଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ମାହାଙ୍ଗା ଓ ଆଖପାଖ ଅଞ୍ଚଳର ବହୁ ସାହିତ୍ୟିକ, କବି, ଲେଖକ ଯୋଗଦେଇଥିଲେ।

ନିତିଦିନ NITIDIN

## ଅଧ୍ୟାପକଙ୍କ ମାତୃ ବିୟୋଗରେ ଶୋକ

**ଚାରିଛକ,୩।୭/ଏନ୍‌ଏନ୍‌ଏସ୍:** ଚାରିଛକ ଥାନା ଅନ୍ତର୍ଗତ ସାନହୁଲି ଗ୍ରାମର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ମାଆ ଶାନ୍ତଲତା ଦାଶ(୭୫)ଙ୍କ ଆଜି ଦେହାନ୍ତ ଘଟିଛି। ଶ୍ରୀମତୀ ଦାଶଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକମାନେ ତାଙ୍କୁ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଶ୍ରୀମତୀ ଦାଶ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗ ଖବର ଶୁଣି ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

# ସମ୍ପୂର୍ଣ୍ଣା ଏଣ୍ଟରଟେନ୍‌ମେଣ୍ଟ୍ ଓ ମିଡିଆ ଉଦ୍‌ଘାଟିତ



**ବାଲିଅନ୍ତା,୩।୭/ଏନ୍‌ଏନ୍‌ଏସ୍:** ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ତ୍ରିନାଥ ବଜାର ସ୍ଥିତ ସଂପୂର୍ଣ୍ଣା ମଲ ପରିସରରେ ସଂପୂର୍ଣ୍ଣା ମିଡ଼ିଆ ଏଣ୍ଟରଟେନମେଣ୍ଟ ଆଣ୍ଡ ପବ୍ଲିକେସନର ଉନ୍ମୋଚନ ଉତ୍ସବ, ସଂପୂର୍ଣ୍ଣା ମଲ ପକ୍ଷରୁ ଲକି ଡ୍ର କୁପନ୍ ଉଠାଣ ସହ ବିଜେତାଙ୍କୁ ପୁରସ୍କାର ବଣ୍ଟନ ଏବଂ ସାମାଜିକ ସଂଗଠନ ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେବା ସମ୍ମାନ ପ୍ରଦାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଂଯୋଜକ ଇଂ. ସେବକ ଶ୍ରୀକାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମିଳିତ ଜାତିସଙ୍ଘ ସଦସ୍ୟ ଭାରତ ଡ଼କ୍ଟର ଦ୍ୱୀପାୟନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ଜାଭା ଟେକ୍ନୋଆର୍ଟ ଶିକ୍ଷାବିତ୍ ରଶ୍ମିକାନ୍ତ ଦାସ, ବିଶିଷ୍ଟ ସମାଜସେବୀ ସନାତନ ପରିଜା, ପାଲାକାର ଯୁଧିଷ୍ଠିର ପରିଜା, ମୁଖ୍ୟ ଉପଦେଷ୍ଟା ସଂପୂର୍ଣ୍ଣା ଗ୍ରୁପ ବଲ୍ଲଭ ଚରଣ ରାଉତ, ଉପଦେଷ୍ଟା ସଂପୂର୍ଣ୍ଣା ମଲ ବିଦ୍ୟୁତ ରଞ୍ଜନ ମହାନ୍ତି, ଶିକ୍ଷାବିତ୍ ପ୍ରାଧ୍ୟାପକ ଡକ୍ଟର କଲିମୁଲ୍ଲା, ସମାଜସେବୀ ଶିଶିର ଚନ୍ଦ୍ର ଦାସ, ସୁରେଶ ବିଶ୍ୱାଳ, ଇଂ.ବସନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସଂପୂର୍ଣ୍ଣା ଗ୍ରୁପର ପ୍ରତିଷ୍ଠାତା ସମ୍ପାଦକ ଯୁବ ସମାଜସେବୀ ସନ୍ତୋଷ କୁମାର ରାଉତ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ସାମ୍ବାଦିକ ଶଶି ଭୂଷଣ ଚଇନି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଦିପବର ମହାପାତ୍ର, ସୋନାଲି ପୁହାଣ, ପଦ୍ମିନୀ ରାଉତ, ସୁଭେନ୍ଦୁ ବାରିକ, ଶିବପ୍ରସାଦ ଦାସ, ସଞ୍ଜୟ ସାମନ୍ତରାୟ, ବବିନା ରାଉତ ପ୍ରମୁଖ ପରିଚାଳନାରେ କରିଥିଲେ। ଅନୁଷ୍ଠାନର ମ୍ୟାନେଜର ଶୁଭେନ୍ଦୁ ଶେଖର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନକଲେ ବ୍ୟବସାୟୀ

**ବଲଙ୍ଗା,୩।୭/ଏନ୍‌ଏନ୍‌ଏସ୍:** ଅସହାୟ ଓ ଅପରିଚିତ ବୃଦ୍ଧାଙ୍କ ମୃତ୍ୟୁବରଣକୁ ନେଇ ବଲଙ୍ଗା ବଜାର ବ୍ୟବସାୟୀମାନେ ଦୁଃଖ ପ୍ରକାଶ କରିଥିଲେ। ବଲଙ୍ଗା ବଜାରର ବ୍ୟବସାୟୀ ପ୍ରଫୁଲ୍ଲ କୁମାର ସାହୁ ବୃଦ୍ଧାଙ୍କ ଶେଷକୃତ୍ୟ ସଂପନ୍ନ ସହିତ ଶୁଦ୍ଧିକ୍ରିୟା କାର୍ଯ୍ୟ ସମ୍ପନ୍ନ କରିଛନ୍ତି ଓ ମୁହଁରେ ମୁଖାଗ୍ନି ଦେଇ ଅନ୍ୟ ବ୍ୟବସାୟୀଙ୍କ ସହଯୋଗରେ ବୃଦ୍ଧାଙ୍କ ଶେଷ କାର୍ଯ୍ୟ ସମ୍ପୂର୍ଣ୍ଣ କରାଇଥିଲେ। ସୂଚନା ମୁତାବକ ଅସହାୟ ଶୁକ ପ୍ରଧାନ ବଲଙ୍ଗା ବଜାରରେ ଦୀର୍ଘଦିନ ହେବ ରହିଆସୁଥିଲେ। ତାଙ୍କର ନିଜର ବୋଲି କେହି ନଥିବାବେଳେ ବଲଙ୍ଗା ବଜାରର କେତେଜଣ ବ୍ୟବସାୟୀମାନଙ୍କର କାମ କରି ନିଜର ପେଟ ପୋଷିବା ସହ ଦୋକାନ ବାରଣ୍ଡାରେ ଶୋଇ ଦିନ କାଟିଥାନ୍ତି। ଶୁକ ଏହିଭଳି କାମ କରି ନିଜର ଜୀବନ ବଞ୍ଚିବାଟା ମୁସ୍କିଲ ହୋଇଥାଏ କେତେବେଳେ ଖାଇବାକୁ ପାଏ ତ କେତେବେଳେ ଉପାସ ରହି ଦିନ କାଟିବାକୁ ପଡ଼ିଥାଏ। ଦେହ ଖରାପ ହେବା ସମୟରେ ବଲଙ୍ଗା ଗ୍ରାମର ପ୍ରଫୁଲ୍ଲ କୁମାର ସାହୁ ତାଙ୍କୁ ଭୁବନେଶ୍ୱର ମେଡିକାଲ ଯିବା କଥା କହିବାରୁ ସେ ଭୟରେ ଲୁଚି ଯାଇଥିଲେ। କାଳେ ତାଙ୍କୁ ନେଇ ଭୁବନେଶ୍ୱରରେ ଛାଡ଼ିଦେବେ ସେଥିଲାଗି ସେ ମନା କରୁଥିବା ବେଳେ ଏହିଠାରେ ଶେଷରେ ମୃତ୍ୟୁବରଣ କରିଥିଲେ। ନବକିଶୋର ମଲିକ, ରମେଶ ପ୍ରଧାନ, ପ୍ରକାଶ ସାହୁ, ସାନ୍ତନୁ କୁମାର ସତପଥି, ସଞ୍ଜିବ କୁମାର ସାହୁ ପ୍ରମୁଖ ଉପର ବଜାର ବ୍ୟବସାୟୀମାନଙ୍କ ସହଯୋଗରେ ହିନ୍ଦୁ ରୀତିନୀତି ଅନୁସାରେ ଦସାହା କାର୍ଯ୍ୟ ସହ ସମସ୍ତ କାର୍ଯ୍ୟ କରିଯାଇଥିଲା।

## ଗ୍ରାମ ମୁରବୀ ବ୍ରଜକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି



**କଣ୍ଟାପଡ଼ା,୩।୭/ଏନ୍‌ଏନ୍‌ଏସ୍:** ଗ୍ରାମ ମୁରବୀ ବ୍ରଜକିଶୋର ନନ୍ଦଙ୍କ ଦ୍ୱାଦଶାହ ତିଥିରେ ତାଙ୍କ ସୁନ୍ଦର ଗ୍ରାମସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁଅ ବିଜୟ କୁମାର ଦାସ, ନାତି ତତ୍ତ୍ୱଦର୍ଶନ ଦାଶ, ଶଙ୍କୁ ଶରତ ଚନ୍ଦ୍ର ଦାଶ, ବନ୍ଧୁ ଶିକ୍ଷାବିତ ପ୍ରଧାନଶିକ୍ଷକ ଅଜୟ କୁମାର ପତି, ପଣ୍ଡିତ ସୀତାକାନ୍ତ ଦାଶ, କଣ୍ଟାପଡ଼ା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମଲାଭ ମହାନ୍ତି, ସମ୍ପାଦକ ଫନି ଭୂଷଣ ମହାନ୍ତିଙ୍କ ସମେତ ପ୍ରାକ୍ତନ ସରପଞ୍ଚ ଦ୍ୱାରିକାନାଥ ଦାଶ, ହୃଦରଂଜନ ଦାଶ, ଧୀରେନ୍ଦ୍ର ନନ୍ଦ, କେଦାରନାଥ ମିଶ୍ର, ଯୁବ ସମାଜସେବୀ ରଶ୍ମିରଞ୍ଜନ ମହାନ୍ତି, ଗ୍ରାମର ଅନ୍ୟ ମୁରବୀମାନେ ସମବେତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ବାଗ୍‌ଦେବୀ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବାଲିପାଟଣା,୩।୭/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ବେସରକାରୀ ଶିକ୍ଷାନୁଷ୍ଠାନ ବାଗଦେବୀ ବିଦ୍ୟା ମନ୍ଦିରର ୩୩ତମ ପ୍ରତିଷ୍ଠା ଉତ୍ସବ ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପବିତ୍ରା ଦାସ ଙ୍କ ଅଧ୍ୟକ୍ଷତା ରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ପରିଚାଳନା ପରିଷଦ ସଭାପତି ଦିଲ୍ଲୀପ କୁମାର ଓଝା ଓ ସମ୍ପାଦକ ଅଭିମନ୍ୟୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନେ ବିଦ୍ୟା ଅଧ୍ୟୟନ ସହିତ ସମାଜକୁ ଦିଗଦର୍ଶନ ଦେବାପାଇଁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।ଏହି ଅବସର ରେ ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରିଥିଲେ ଓ ସବୁଜ ପୃଥିବୀ ଗଠନ ପାଇଁ ରାସ୍ତାପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଓଡ଼ିଆ ପାଳିଲେ ପୁଣେରେ ରଥଯାତ୍ରା



**ଅସ୍ତରଙ୍ଗ,୩।୭/ଏନ୍‌ଏନ୍‌ଏସ୍:** ଓଡ଼ିଆମାନେ ଏକାଠି ହୋଇ ମହାରାଷ୍ଟ୍ରର ପୁଣେ ସ୍ଥିତ ଜଗନ୍ନାଥ ମନ୍ଦିରରେ ପାଳିଛନ୍ତି ରଥଯାତ୍ରା। ଭାଇଭଉଣୀଙ୍କୁ ରଥରେ ଟାଣି ମାଉସୀ ମା' ଖଡ଼କୀ ମନ୍ଦିରକୁ ନେଇଥିଲେ। ହଜାର ହଜାର ଓଡ଼ିଆ ଭକ୍ତ ଏକାଠି ହୋଇ ରଥ ଟାଣିଥିଲେ। ପରେ ଜଗନ୍ନାଥ ସେବା ସମିତି ଆନୁକୂଲ୍ୟରେ ଓଡ଼ିଆ ଦଳ ତରଫରୁ ମନ୍ଦିର ପରିସରରେ ଓଡ଼ିଆ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ, ନୃତ୍ୟ, ଡ୍ରମିଂ, ଜପ, ଭଜନ, ଓଡ଼ିଶୀ, କଥକ, ଭାରତନାଟ୍ୟମ୍, ସମ୍ବଲପୁରୀ ନୃତ୍ୟ ପରି ଅନେକ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ସଂଗୀତ ନୃତ୍ୟରେ ଅନେକ ନୃତ୍ୟ ରୂପରେ ନିଜକୁ ଉତ୍ସାହିତ କରିଥିଲେ। ଜଗନ୍ନାଥ ସେବା ସମିତି ହେଉଛି ପୁଣେରେ ୧୦ବର୍ଷରୁ ଅଧିକ ସମୟ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି।

## ବାଣପୁର-ବାଲୁଗାଁ ରୋଟାରୀ କ୍ଲବ୍‌ର ବିଭିନ୍ନ କାର୍ଯ୍ୟକ୍ରମ

**ବାଣପୁର,୩।୭/ଏନ୍‌ଏନ୍‌ଏସ୍:** ଜାତୀୟ ଚିକିତ୍ସକ ଦିବସ ଓ ହିସାବବିତ୍ (ଚାର୍ଟାର୍ଡ ଆକାଉଣ୍ଟାଣ୍ଟ) ଦିବସ ଉପଲକ୍ଷେ ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ଡାକ୍ତର ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମାନଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ସ୍ଥାନୀୟ ଲୋକ ପ୍ରିୟ ଡାକ୍ତର ଯୋଗୀନ୍ଦ୍ର ସେନାପତି ଏବଂ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ଡାକ୍ତର ଅଧୀରାଜ ସାହୁ, ଡାକ୍ତର ରମାକାନ୍ତ ନାୟକ, ଓ ଡାକ୍ତର ପ୍ରଭାକର ବେହେରାଙ୍କ ସହିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମନୋରଞ୍ଜନ ବାରିକ ଓ ସତୀଶ କୁମାର ସୁବୁଦ୍ଧିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ଏବଂ ବାଣପୁର ଜେଲ ନିକଟସ୍ଥ ଲଡୁକିଶୋର ବୃଦ୍ଧାଶ୍ରମର ଅନ୍ତେବାସୀ ମାନଙ୍କୁ ଭୋଜନରେ ଆପ୍ୟାୟିତ କରାଯିବା ସହିତ ରାସନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ହିମାଂଶୁ କୁମାର ପାତ୍ର, ଉପସଭାପତି ଡ.ସୁନୀଲ କୁମାର ପଟ୍ଟନାୟକ, ୨୦୨୫-୨୬ ବର୍ଷର ସଭାପତି ଡ.ଚିନ୍ତାମଣୀ ମିଶ୍ର, ପ୍ରାକ୍ତନ ସଭାପତି ବିଜୟ କୁମାର ନନ୍ଦ, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ଶ୍ୟାମ ସୁନ୍ଦର ପୃଷ୍ଟି, ରବିନାରାୟଣ ପାଲଙ୍କ ସମେତ ସଭ୍ୟ ମନୋରଞ୍ଜନ ବାରିକ, ସତୀଶ କୁମାର ସୁବୁଦ୍ଧି, ଅଶୋକ କୁମାର ନାୟକ, କ୍ୟାପ୍ଟେନ୍ ଭବାନୀ ପ୍ରସାଦ ହୋତା ପ୍ରମୁଖ ଯୋଗଦାନ କରିଥିଲେ।

## ପୂର୍ବତନ ସାମରିକ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସାଲେପୁର,୩।୭/ଏନ୍‌ଏନ୍‌ଏସ୍:** ସାଲେପୁର ଇଲେକ୍ଟ୍ରିକାଲ ଡିଭିଜନର ବରିଷ୍ଠ କର୍ମଚାରୀ ତଥା ପୂର୍ବତନ ସାମରିକ ଅଧିକାରୀ କବି ଡ଼ଃ ଚିତ୍ତରଞ୍ଜନ ପଣ୍ଡାଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ସାଲେପୁର ବିଦ୍ୟୁତ ଡିଭିଜନ ସ୍ଥିତ ସଭାକକ୍ଷରେ ଏଜିମ୍ ନରେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଲେପୁର ସବଡିଭିଜନର ଏସଡିଓ ରବୀନ୍ଦ୍ର କୁମାର ଦିକ୍ଷୀତ ଯୋଗଦେଇ ଶ୍ରୀଯୁକ୍ତ ପଣ୍ଡାଙ୍କର ବହୁ ମୁଖି ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ସଭାପତି ତାଙ୍କର ଅଭିଭାଷଣରେ ଡ଼ଃ ପଣ୍ଡା ଜଣେ କର୍ତ୍ତବ୍ୟ ପରାୟଣ ଓ ସମୟାନୁବର୍ତ୍ତିତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ବ୍ୟାଖ୍ୟା କରିଥିଲେ। ଡିଭିଜନର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ପଣ୍ଡାଙ୍କର ଅବସର ପରବର୍ତ୍ତୀ ସମୟ ନିରୋଗ ଏବଂ ସମାଜ ସେବାରେ ଅତିବାହିତ ହେବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଉକ୍ତ ସଭାରେ ସିଏସଏମ ଶୁଭେନ୍ଦୁ କୁମାର ପଟ୍ଟନାୟକ ଓ ସିଆରଇ ଅଜୟ କୁମାର ସୁତାର ଉପସ୍ଥିତ ଥିବାବେଳେ ବରିଷ୍ଠ କର୍ମଚାରୀ ରାଜେନ୍ଦ୍ର ନାରାୟଣ ଶତପଥୀ, ଜ୍ଞାନ ରଞ୍ଜନ ସ୍ୱାଇଁ ଓ ରଶ୍ମିରଞ୍ଜନ ମହାନ୍ତି ଇତ୍ୟାଦି ସଭା କାର୍ଯ୍ୟ ପରିଚାଳନାରେ ସାହାଯ୍ୟ କରିଥିବା ବେଳେ ପ୍ରଶାନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କୁ ନିଆରା ବିଦାୟ ସମ୍ବର୍ଦ୍ଧନା

**ସାଲେପୁର,୩।୭/ଏନ୍‌ଏନ୍‌ଏସ୍:** ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ଅବସରରେ ସମସ୍ତଙ୍କ ଆଖିରେ ଖୁସିର ଲୁହ ଦେଖିବାକୁ ମିଳିଥିଲା। ଏଭଳି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଦେଖିବାକୁ ମିଳିଥିଲା କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ମଧ୍ୟକଛ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରରେ। ପ୍ରଧାନଶିକ୍ଷୟିତ୍ରୀ ସରୋଜିନ ଦେବୀଙ୍କୁ ବିଦାୟ ଦେଇ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାକ ଓ ଅଞ୍ଚଳର ଜନସାଧାରଣଙ୍କ ମନରେ ଖୁସିର ଅଶ୍ରୁ ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସୁସଜିତ କରିବା ସହ ବେକରେ ଫୁଲ ହାର ପକାଇ ଖୋଲା କାରରେ ଗାଁ ଦାଣ୍ଡରେ ଡିଜେ ବଜାଇ ପରିଭ୍ରମଣ କରାଇଥିଲେ। ଏ ଦୃଶ୍ୟ କୌଣସି ନେତାମନ୍ତ୍ରୀଙ୍କ ଠାରୁ କମ ନ ଥିଲା। ଛାତ୍ରଛାତ୍ରୀ ଅଭିଭାକ ଶିକ୍ଷକଶିକ୍ଷୟିତ୍ରୀମାନେ ଏକ ଦେବୀ ପ୍ରତିମା ଭଳି ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟଦେଇ ଖୁସିରେ ଯେତିକି ଆତ୍ମବିଭୋର ହୋଇଥିଲେ ସେତିକି ଆଖିରୁ ଲୁହ ଝରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଏହି ସମୟରେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହା ମୋର ଅବସର ବୋଲି ଭାବୁନି ସମସ୍ତଙ୍କ ସ୍ନେହଶ୍ରଦ୍ଧା ଓ ଭଲପାଇବାକୁ ଆଜି ଦେଖି ମୁଁ ନିଜକୁ ଧନ୍ୟ ମନେକରୁଛି ବୋଲି କହିଥିଲେ।

## ଜାତୀୟ ହ୍ୟୁମ୍ୟାନ୍ ରାଇଟ୍ସ ଶାଖା ତରଫରୁ ଖାଦ୍ୟ ଓ ପାନୀୟଜଳ ବଣ୍ଟନ

**ଚାରିଛକ,୩।୭/ଏନ୍‌ଏନ୍‌ଏସ୍:** ପୁରୀର ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଜାତୀୟ ହ୍ୟୁମ୍ୟାନ୍ ରାଇଟ୍ସ ଓଡିଶା ଶାଖା ତରଫରୁ ପୁରୀକୁ ଆସିଥିବା ଭକ୍ତମାନଙ୍କୁ ସୁଷମଖାଦ୍ୟ ଓ ପାନୀୟ ଜଳ ବଂଟନ କରାଯାଇଛି । ଏହି ବଣ୍ଟନ କାର୍ଯ୍ୟକ୍ରମରେ ଜାତୀୟ ହିୟୁମ୍ୟାନ ରାଇଟ୍ସ ଚେୟାରମ୍ୟାନ ଅଫ ଓଡିଶା ଡ. ସ୍ୱର୍ଣ୍ଣମୟୀ ରାଉତ, ରାଜ୍ୟ ଉପଦେଷ୍ଟା ସୌଦାମିନୀ ଦାସ, ରାଜ୍ୟ ସଭାପତି ବାସୁଦେବ ସେଠୀ, ରାଜ୍ୟ ଉପ-ସଭାପତି ସନ୍ତୋଷୀ ଝାଲ୍ଲୀ, ରାଜ୍ୟ ସଂପାଦକ ନୃସିଂହ ଚରଣ ମାନସିଂ, ସହ-ସଂପାଦକ ପ୍ରଦୀପ୍ତ ନାୟକ, ପୁରୀ ଜିଲ୍ଲା ସଭାପତି ଜୟଶ୍ରୀ ପାତ୍ର, ମହିଳା ସଭାନେତ୍ରୀ ବୀଣା ଷଡଙ୍ଗୀ,ସଦସ୍ୟା ଝିଲ୍ଲି ଦାସ, ରୀତା ତ୍ରିପାଠୀ, ସରୋଜିନୀ ସ୍ୱାଇଁ, ରଶ୍ମିତା ବେହେରା, ପୁଷ୍ପିତା ସାହୁ, ସଦସ୍ୟ ଦ୍ୱିପକ କୁମାର ସାହୁ, ସୁଦର୍ଶନ ପ୍ରଧାନ, ଗୋପୀନାଥ ପାତ୍ର, ବାଲେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ୍ ବେହେରା, ଯାଜପୁର ଜିଲ୍ଲା ସଭାପତି ଆଶିଷ ରାଉତ, କାଉନସିଲର ଟି. ବିଜୟ ରାଓ ପ୍ରମୁଖ ଉପସ୍ଥିତ ରହି ପୁରୀକୁ ଆସିଥିବା ଶ୍ରୀ ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କୁ ସୁଜି ହାଲୁଆ, ଦହିସର୍ବତ, ଲେମ୍ବୁସର୍ବତ, ପିଇବା ପାଣି ବଣ୍ଟନ କରିବା ସହ ପ୍ରାଥମିକ ସ୍ୱାସ୍ଥ୍ୟସେବା, ପାଣି ଛିଞ୍ଚନ, ମାସ୍କ, ସାନିଟାଇଜର ଓ ସଫେଇ କାର୍ଯ୍ୟକ୍ରମ କରିବା ସହିତ ଶ୍ରଦ୍ଧାଳୁମାନଙ୍କୁ ସେବା ଯୋଗାଇଥିଲେ।


**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 03.07.2025 I, Joshnarani Sahu, D/o- Domarsing Sahu, resident VTC-Khairbhadi, P.O-Gambhariguda, P.S.-Chandahandi, Dist- Nabarangpur, PIN-764077, Odisha have changed my name from Anjali Sahoo to **Joshnarani Sahu**. Henceforth I shall be known as **Joshnarani Sahu** for all purpose.

(Joshnarani Sahu)

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 03.07.2025 I, Sutapa Pati, D/o Chitta Ranjan Pati, W/o Swapan Kumar Patra, resident At-House No.KH/6, Kalinga Housing, Jagda, VTC-Raurkela (M), P.O.-Rourkela-14, Dist.-Sundergarh, PIN-769014, Odisha have changed my daughter's name from PRIANA PATRA to **PRIANA PATI PATRA**. Henceforth she will be known as **PRIANA PATI PATRA** for all purpose.

(Sutapa Pati)

**AFFIDAVIT**

By virtue of an affidavit sworn before Notary Public, Barbil, Keonjhar, dated 24.12.2024, I, Niranjan Nayak, Address - At-Gangadharpur, Po- Saraswati, Ps- Bansada, Dist- Bhadrak, Odisha, Pin-756171, declare that I have changed the name of my son from Rajkishore Nayak to Rajat Nayak. Henceforth, he shall be known as Rajat Nayak for all purposes.

Niranjan Nayak

**AFFIDAVIT**

By virtue of an affidavit sworn before Notary Public, Balliguda, on dated.16.06.2025, I, Benarsing Behera aged about 70 year, Son of Late Narahari Behera of Village/Po- Kutikia, P.S- Balliguda, Dist- Kandhamal, That I have changed the my name from "BENARSING BEHERA" to "BENAR SINGH BEHERA" and henceforth he will be known as **"BENARSINGH BEHERA"** for all Government and Private purpose.

**AFFIDAVIT**

By virtue of an affidavit sworn before Notary Public, Balliguda, on dated.17.04.2025, I, Riringa Shuka Majhi aged about 71 year Son of Late Bedenga Sukamajhi of Village- Nilimajhiguda, P. O. Gugurumaha , P.S- Kotagarh, Dist- Kandhamal, that I have changed the my name from "RIRINGA SHUKA MAJHI " to "SANINGA SUKAMAJHI" and henceforth he will be known as **"SANINGA SUKAMAJHI"** for all Government and Private purpose.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 03.07.2025 I, Narayan Denga, S/o Purnachandra Denga, resident At-Podapada, VTC-Podapada, P.O-Aragul, P.S.-Jatni, Dist.-Khordha, PIN-752050, Odisha have changed my son's name from Biswajet Denga to **Biswajit Denga**. Henceforth he will be known as **Biswajit Denga** for all purpose.

(Narayan Denga)

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

... Sr. DEE (G)/ Santragachi, ଦକ୍ଷିଣପୂର୍ବ ରେଳପଥ, ... www.ireps.gov.in ... ଟେଣ୍ଡର ନୋଟିସ୍ ନଂ: ELECT-CHG-25-26-60B-10. ... ୧,୪୬,୯୧,୨୪୯.୫୫ /- ... ୨,୨୩,୫୦୦.୦୦ /- ... ୨୪.୦୭.୨୦୨୫ ... www.ireps.gov.in ... www.ireps.gov.in ...

(PR-355)

**ALFA TRANSFORMERS LIMITED**

Regd. Office: Plot No. 3337, Mancheswar Industrial Estate, Bhubaneswar, 751010, Odisha, India. Tel No: 0674-2580484, E-mail: info@alfa.in/cs@alfa.in, Website: www.alfa.in, CIN: L31102OR1982PLC001151

**NOTICE OF 43RD ANNUAL GENERAL MEETING AND REMOTE E-VOTING**

NOTICE IS HEREBY GIVEN THAT THE 43RD ANNUAL GENERAL MEETING (AGM) OF THE MEMBERS OF ALFA TRANSFORMERS LIMITED WILL BE HELD ON WEDNESDAY, THE 30TH DAY OF JULY 2025, AT 12.30 P.M.(IST) AT THE PIPUL RESTAURANT AND BANQUETS AT 148, MANCHESWAR INDUSTRIAL ESTATE, BHUBANESWAR-751010, ODISHA INDIA.

Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2025 have been sent in electronic mode on July 02, 2025 to the members whose e-mail IDs are registered with the Company or Depository Participant(s).

Members are hereby informed that the notice of the 43rd Annual General Meeting and 43rd Annual Report of the company are available on the website of the company www.alfa.in. The Notice & Annual Report are also available for inspection at the registered office of the company on all working days during business hours of the Company.

Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting system from a place other than the venue of the Annual General Meeting ('remote e-voting'), provided by National Securities Depository Limited (NSDL) and the business may be transacted through such voting. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2024-25.

All members are hereby informed that:

1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: July 02, 2025;
3. The remote e-voting shall commence on Saturday, July 26, 2025 at 10.00 a.m. (IST) and end on Tuesday, July 29, 2025 at 5.00 p.m. (IST);
4. The remote e-voting shall not be allowed beyond Tuesday, July 29, 2025 5.00 p.m. (IST);
5. The cut-off date for determining the eligibility to vote through remote e-voting or at the AGM will be July 23, 2025;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at www.evoting.nsdl.com. However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. July 23, 2025 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. MCS Share Transfer Agent Limited.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting ore-voting at the AGM by following the below process for obtaining the e-voting credentials:

a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: mcssta@rediffmail.com or to the Company E-mail Id: cs@alfa.in.

b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to mcssta@rediffmail.com or to the Company E-mail Id: cs@alfa.in.

11. In case you have any queries or issues regarding e-voting, you may refer the Frequently Asked Questions ("FAQs") and e-voting manual available at www.evoting.nsdl.com, under help section or write an email to www.evoting.nsdl.com or may call on toll free no.: 1800 1020 990 and 1800 22 44 30.

Place : Bhubaneswar
Date: July 01, 2025

By Order of the Board of Directors
For Alfa Transformers Limited
Sd/-
Mr. Rajesh Kumar Sundarray
Company Secretary & Compliance Officer

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007
CAD-960

**TENDER ALERT**

**1)Tender Call Notice No. 1/25-26:** Barbed wire fencing around the base of the towers in forest patches of 220kV PGCIL - Turumunga D/C line as per the stage-I condition of Ministry of Enviroment. Forest & Climate change Department under EHT (Const.) Circle, Jajpur Road.

**2)Tender Call Notice No. MRM-01/2025-26:** Supply of different power cables for commissioning of Battery & Charger at different Telecom Sections under Telecom Circle, Meramundali.

**3)Tender Call Notice No. 04/2025-26:** Engagement of AC Bolero camper or equivalent vehicle for 132/33kV T/L & Grid S/S, Umerkote under EHT (O&M) Circle, Jeypore.

**4)Tender Call Notice No. 03/2025-26:** Engagement of AC Bolero camper or equivalent vehicle for 220/33kV T/L & Grid S/S, Balimela under EHT (O&M) Circle, Jeypore.

For more details please visit OPTCL's website: **www.optcl.co.in.** OIPR-04011/11/0185/2526 FIPR-23/2025-26

/optcl.odisha /optcl_odisha

## ପ୍ରଥମ ପୃଷ୍ଠାରୁ

# ଏସ୍‌ସି, ଏସ୍‌ଟିଙ୍କ ପାଇଁ ...

ଏହି ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ, ଓ ନୂଆପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ ଗଠନ କରି ୨୦୦ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରିଛନ୍ତି। ଏଥିରୁ, ଦକ୍ଷିଣ ଓଡ଼ିଶା, ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶର ଗତି ଦ୍ରୁତତର ହେବ ଏବଂ ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁଦାୟିତ୍ୱ ରହିବ।

ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ମୁନା ଖାନ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପା ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ରାୟଗଡ଼ା ବିଧାୟକ କଦ୍ରକ ଅପଲସ୍ୱାମୀ, ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ମଞ୍ଚାସୀନ ଥିଲେ।

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଆଜି ନବମୀ ସନ୍ଧ୍ୟା ...

ଯିବେ। ଅନ୍ୟପଟେ ଗହଳି ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଶେଡ୍ ବ୍ୟବସ୍ଥା ସହ ଅଗ୍ନିଶମ ବିଭାଗ ପକ୍ଷରୁ ଜଳସିଞ୍ଚନର ବ୍ୟବସ୍ଥା କରାଯାଇଛି। ଆଜି ଉଭୟ ଜିଲ୍ଲାପାଳ ଓ ଏସ୍ପି ଏନେଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସେଭଳି ମହାପ୍ରଭୁଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବ ତଥା ଆସନ୍ତାକାଲି ନବମୀ ସନ୍ଧ୍ୟା ଦର୍ଶନ ସରିବା ପରେ ରାତିରେ ସେନାପଟା ଲାଗି ଓ ବାହୁଟକଣ୍ଠି, କୁସୁମୀ ଲାଗି ପରି ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ପରେ ମହାପ୍ରଭୁଙ୍କ ଜନ୍ମବେଦୀ ତଳେ କୋଠ ସୁଆଁସିଆଙ୍କ ଦ୍ୱାରା ଚାରମାଳ ବନ୍ଧାଯିବ।

# ସରେଣ୍ଡର୍ ପରେ ଗିରଫ ...

ପଡ଼ିଛନ୍ତି। ସଂଘ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରିବାକୁ ଅଡ଼ି ବସିଥିଲା। ସେଇ କାରଣରୁ ଜଗନ୍ନାଥଙ୍କୁ ଗତକାଲି ଅର୍ଥାତ୍ ବୁଧବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପାର୍ଟି ଅଫିସ ଡକାଇ ପ୍ରାୟ ଦୁଇ ଘଣ୍ଟା ବିସ୍ତୃତ ଆଲୋଚନା କରିଥିଲେ। ପରେ ଜଗନ୍ନାଥ କହିଥିଲେ, ସଭାପତି ମୋତେ ଡାକିଥିଲେ, ଘଟଣା ସମ୍ପର୍କରେ ସବୁ କଥା ସେ ଜଣାଇଛନ୍ତି। ଏହି ଭେଟଘାଟର ପ୍ରାୟ ଚବିଶ ଘଣ୍ଟା ଭିତରେ ଜଗନ୍ନାଥ 'ସରେଣ୍ଡର୍' କରିବାକୁ ବାଧ୍ୟ ହୋଇଛନ୍ତି। ପୁଲିସ ବି ତାଙ୍କୁ ଗିରଫ କରି ହାଜତକୁ ପଠାଇ ଦେଇଛି। ଉଲ୍ଲେଖନୀୟ ଯେ ଗତ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଉକ୍ତ ହିଂସା ଘଟଣାରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିଲା। ମାତ୍ର ଏତଲାରେ ମୁଖ୍ୟ ଅଭିଯୁକ୍ତ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନାଁ ଥିଲେ ହେଁ ପୁଲିସ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ମାତ୍ର ସେ ଦଳରୁ ଇସ୍ତଫା ଦେଇଥିବା ନେଇ ସବୁ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଥିଲା। ଅନ୍ୟପକ୍ଷରେ ହିଂସାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ୫ଜଣଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ରାଜ୍ୟ ସଭାପତି ମନମୋହନ ସାମଲ ନିଲମ୍ବନ କରିଥିଲେ। ସେମାନେ ଥିଲେ କର୍ପୋରେଟର୍ ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ର।

# ଭିଜିଲାନ୍ସ ଜାଲରେ ସହକାରୀ ...

ଜମା ବାବଦକୁ ୨୦ ଲକ୍ଷ ଟଙ୍କା ଠାବ କରାଯାଇଛି। ସେହିଭଳି ସେ କେଉଁଠି କେତେ ନିବେଶ କରିଛନ୍ତି, ସେ ନେଇ ଯାଞ୍ଚ ଚାଲିଛି। ତାଙ୍କର ଗୋଟିଏ କାର୍ (ସ୍ୱିଫ୍‌ଟ ଡିଜାୟାର୍) ଓ ଦୁଇଟି ଦୁଇଚକିଆ ଗାଡ଼ି ରହିଛି।

ଭିଜିଲାନ୍ସ ପକ୍ଷରୁ ୫ ଜଣ ଡିଏସ୍‌ପି, ୮ ଇନ୍ସପେକ୍ଟର, ୨ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଛନ୍ତି।

# ସୁରକ୍ଷିତ ବିଦ୍ୟୁତ୍ ଭିତ୍ତିଭୂମି ...

ନିଗମର ତଥ୍ୟ ପରିଚାଳନା, କାର୍ଯ୍ୟାବଳୀର ସୁରକ୍ଷା ଭିତ୍ତିଭୂମି ସୁଦୃଢ଼ ଓ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ଅପଗ୍ରେଡ୍ କରିବା ପାଇଁ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। କ୍ଲାଉଡ୍ କମ୍ପ୍ୟୁଟିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଉଚ୍ଚମାନର ବୈଷୟିକ ଜ୍ଞାନକୌଶଳ ଜରିଆରେ ଏହାର ସୁରକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୈଷୟିକ ସୁରକ୍ଷା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଠାରୁ ପରାମର୍ଶ ଗ୍ରହଣ କରାଯାଉଛି।ଏନେଇ ରେଲ୍ ଟେଲ୍ (RailTel) ନାମକ ସଂସ୍ଥା ଗୁରୁବାର ଏକ ଉପସ୍ଥାପନା ପ୍ରଦର୍ଶିତ କରିଥିଲେ। ଏହି ଉପସ୍ଥାପନା ପ୍ରଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ, ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ, ରେଲ୍‌ଟେଲ୍‌ର ରେଳ ଅଧିକାରୀମାନେ ଯୋଗଦେଇଥିଲେ।

# ୬ ଯାଏ ପ୍ରବଳ ଓ ପ୍ରବଳରୁ ...

ବେଗରେ ଝଟକା ପବନ ବହିବା ସହିତ ବଜ୍ରପାତ ଓ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୫ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ ଓ ବଜ୍ରପାତ ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଟକା ପବନ ଓ ବଜ୍ରପାତ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୫ ତାରିଖ ସକାଳ ସାଢ଼େ ୮ଟାରୁ ୬ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୬ ତାରିଖ ସକାଳ ସାଢ଼େ ୮ଟାରୁ ୭ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ୬ରେ ଖୋଲିବ ହୀରାକୁଦ ...

ଖୋଲାଯିବ, ତାହା ସେହିଦିନ ନିଷ୍ପତ୍ତି ହେବ। ଗୁରୁବାର ଅପରାହ୍ଣ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୩.୦୨ ଘନଫୁଟ୍ ରହିଛି। ଉପର ମୁଣ୍ଡରେ ୩୦ ମିଲିମିଟର ବର୍ଷା ହୋଇଛି। ଏହି ବର୍ଷାଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରିବ ବୋଲି ଆଶା କରୁଛୁ। ଆସନ୍ତାକାଲି ଜଳଭଣ୍ଡାରର ଜଳସ୍ତର ୬୦୫ ଘନଫୁଟ୍‌ରେ ପହଞ୍ଚିଯିବ ବୋଲି ଆଶଙ୍କା କରାଯାଉଛି। ଆସନ୍ତାକାଲି ଓ ଶନିବାର ବର୍ଷା ହେବ ବୋଲି ଆଇଏମ୍‌ଡି ମଧ୍ୟ ଆକଳନ କରିଛି। ଯଦି ବର୍ଷା ହୁଏ, ଜଳଭଣ୍ଡାରର ଜଳପତ୍ତନ ଆହୁରି ବଢ଼ିବ। ଜଳଭଣ୍ଡାରକୁ କେତେ ଜଳ ପ୍ରବେଶ କରୁଛି ଓ ଉପରମୁଣ୍ଡରେ କେତେ ବର୍ଷା ହୋଇଛି, ତାକୁ ଦୃଷ୍ଟିରେ ରଖି କେତୋଟି ଗେଟ୍ ଖୋଲାଯିବ, ସେ ନେଇ ରବିବାର ନିଷ୍ପତ୍ତି ନିଆଯିବ।

ସେ ଆହୁରି କହିଛନ୍ତି ଯେ ଆସନ୍ତା ରବିବାର ହୀରାକୁଦ ଡ୍ୟାମ୍‌ର ଗେଟ୍ ଖୋଲାଯିବାକୁ ଥିବାରୁ ଯେଉଁ ୧୩ ଜିଲ୍ଲା ପ୍ରଭାବିତ ହେବେ, ସେହି ଜିଲ୍ଲାଗୁଡ଼ିକୁ ଖବର ପହଞ୍ଚାଇ ଦିଆଯିବ। ଡ୍ୟାମ୍‌ର ତଳମୁଣ୍ଡରେ ରହୁଥିବା ଲୋକଙ୍କୁ ସତର୍କ କରିବା ପାଇଁ ଆସନ୍ତାକାଲି ଓ ତା' ପରଦିନ ମାଇକ୍‌ରେ ପ୍ରଚାର କରାଯିବ। ଏସ୍‌ଓପି ଅନୁସାରେ ଗେଟ୍ ଖୋଲାଯିବାର ୪୮ ଘଣ୍ଟା ପୂର୍ବରୁ ସମସ୍ତଙ୍କୁ ସୂଚନା ଦିଆଯିବାର ବ୍ୟବସ୍ଥା ରହିଛି।

# ସ୍କୁଲ୍‌ରେ ତାଲାପକାଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

**ସାଲେପୁର,୩।୭/ଏନ୍ଏନ୍ଏସ୍:** ସ୍କୁଲ୍‌ରେ ଶିକ୍ଷକ ଅଭାବ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସ୍କୁଲରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ସେ ସବୁର ବାସ୍ତବରେ ସଠିକ କାର୍ଯ୍ୟକାରୀ ହୋଇପାରୁନାହିଁ। ସରକାରଙ୍କ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇ ପଡିଛି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି କଟକ ଜିଲ୍ଲା ସାଲେପୁର ବ୍ଲକ୍ ଯଦୁମଣି ସରକାରୀ ଉ:ପ୍ରା ବିଦ୍ୟାଳୟ ଭିମରାଜପୁରରୁ। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସ୍କୁଲରେ ୬ଜଣ ଶିକ୍ଷକପଦବୀରୁ ଜଣକୁ ବଦଳି ପରେ ୫ଜଣ ଶିକ୍ଷକ ଥିଲେ। ୫ଜଣରୁ ଅନ୍ୟ ଜଣେ ଜଣକୁ ବଦଳି ପରେ ଆଉ ୪ଜଣ ଶିକ୍ଷକରେ ଚାଲିଛି ଶିକ୍ଷାଦାନ। ଏନେଇ



ଶିକ୍ଷାଦାନରେ ଘୋର ଅସୁଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ। ସ୍କୁଲର ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନର୍ବାର ଅବସ୍ଥାପିତ କରିବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ସମୂହ ଧାରଣାରେ ବସିଥିଲେ। ଯଦି ଶିକ୍ଷକ ପଦବୀ ପୂରଣ ନହୁଏ ସମସ୍ତ ଛାତ୍ରଛାତ୍ରୀ ସମୂହ ଟିସି ନେଇ ଅନ୍ୟ ସ୍କୁଲ କୁ ପଳାଇ ବେ ବୋଲି ଚେତାବନୀ ଦେଇଛନ୍ତି। ଏପଟେ ପ୍ରଧାନ ଶିକ୍ଷକ ବିଇଓଙ୍କୁ ଏ ବାବଦରେ ସେ ଫୋନ୍‌ରେ ଜଣାଇଛନ୍ତି। ଅପରପକ୍ଷରେ ବିଇଓଙ୍କୁ ପଚାରିବାରୁ ଛାତ୍ରଛାତ୍ରୀ ମାନଙ୍କ ଅନୁପାତରେ ଠିକ ସଂଖ୍ୟକ ଶିକ୍ଷକ ଅଛନ୍ତି, ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ଅସୁବିଧା ନ ହେବା ପାଇଁ ଅନ୍ୟ ବିଦ୍ୟାଳୟମାନଙ୍କୁ ଶିକ୍ଷକଙ୍କ ବଦଳି କରାଯାଉ ଥିବା ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ ଲଖେହିରା ଲାବଣ୍ୟବତୀ ବେହେରା ପ୍ରକାଶ କରିଛନ୍ତି।

# ବୋଲେରୋ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଓ ଝିଅ ଗୁରୁତର

**ସାଲେପୁର,୩।୭/ଏନ୍ଏନ୍ଏସ୍:** ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ବାଇକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବା ଫଳରେ ସ୍ୱାମୀଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ ପରିବାର ସହ ଫେରୁଥିବା ବାରିଗୋଳ ଗ୍ରାମର ରାଜକିଶୋର ସାମଲ, ତାଙ୍କ ସ୍ତ୍ରୀ ଓ ପାଞ୍ଚବର୍ଷର ଝିଅ ଏକ ବିବାହ ଭୋଜିରେ ଯୋଗଦେଇ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ କଟକ-ସାଲେପୁର ମୁଖ୍ୟ ରାସ୍ତାର ନାଦୋଳ ବଜାର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ଉକ୍ତ ବାଇକ୍‌କୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ରାଜକିଶୋରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଓ ପାଞ୍ଚ ବର୍ଷର ଝିଅ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଗଡ଼ଖୋର୍ଦ୍ଧା ରାମ ନାଟକ ଉଦ୍‌ଯାପିତ

**ଖୋର୍ଦ୍ଧା,୩।୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗଡଖୋର୍ଦ୍ଧା ଠାରେ ଶ୍ରୀ ଶ୍ରୀ ରଘୁନାଥ ଦେବ ପରିଚାଳନା ସମିତି ପକ୍ଷରୁ ଚାଲିଥିବା ରାମନାଟକ ଉଦଯାପିତ ହୋଇଛି। ଅତିଥିଭାବେ ଛାତ୍ରନେତା ତଥା ଯୁବନେତା ସୁନୀଲ ପ୍ରଧାନ, ରଞ୍ଜନ ମାର୍ଥା, ରଘୁନାଥ ପାତ୍ର, ଆଲୋକ ମଲ୍ଲ ପ୍ରମୁଖ ଦେଇ ମଞ୍ଚ ଉଦଘାଟନ କରିଥିଲେ। କଳାକାରଙ୍କ ଦ୍ୱାରା ପର୍ଶୁରାମ ଭେଟ, ସୀତା ବିବାହ ଓ ରାମ ବନବାସ ଏବଂ ଲଙ୍କାଦହନ ନାଟକ ମଞ୍ଚସ୍ଥ କରାଯାଇଥିବା ବେଳେ ଶେଷଦିନ ମର୍ଯ୍ୟାଦାପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଓ ମାତା ସୀତା, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନଙ୍କ ସମେତ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ନଗର ପରିକ୍ରମା ବେଳେ ଅଯୋଧା ଶିରୋମଣିଙ୍କ ଦର୍ଶନ ପାଇଁ ରାସ୍ତାର ଦୁଇପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିବାବେଳେ ରାମମୟ ହୋଇଥିଲା



ପଥ। ପ୍ରତିସ୍ଥାନରେ ପୁଷ୍ପବର୍ଷା ସାଙ୍ଗକୁ ଜୟ ଶ୍ରୀ ରାମ ନାରା ଶୁଣିବାକୁ ମିଳିଥିଲା। ସାଂସ୍କୃତିକ ମଞ୍ଚକୁ ରାଜେନ୍ଦ୍ର ସ୍ୱାଇଁ, ମନୋଜ ମହାପାତ୍ର, ପ୍ରଭୁଦତ ଖୁଁଟିଆ ପ୍ରମୁଖ ପରିଚାଳନା କରିଥିବାବେଳେ ସୌଭାଗ୍ୟ ରାଉତରାୟ, ବିଶ୍ୱଜିତ ମାର୍ଥା, ଅନୀଲ ସ୍ୱାଇଁ, ରାହୁଲ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା

# ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନରେ ଅନିୟମିତତା ଅଭିଯୋଗ




**ଖୋର୍ଦ୍ଧା,୩।୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ବିଭାଗରେ କାର୍ଯ୍ୟରତ କିରାଣିଙ୍କ ଖାମଖିଆଲିଆ ଏବଂ ଅର୍ଥ ଲାଳସା ମନୋବୃତ୍ତି ଯୋଗୁଁ ବହୁ ବ୍ୟକ୍ତି ନିର୍ଭୁଲ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରକି ଜନ୍ମ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତି ଖୋଲାଖୋଲି ଅର୍ଥ ଦାବି କରୁଥିବା ନେଇ ମଧ୍ୟ ଅଭିଯୋଗରୁ ଜଣାପଡ଼ିଛି। ବହୁ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଲୋକେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପାଇଁ ହାତଗୁଞ୍ଜା ନଦେଲେ ତାଙ୍କୁ ପ୍ରମାଣପତ୍ର ସହଜରେ ପ୍ରଦାନ କରାଯାଉ ନାହିଁ, ଯିଏ ହାତଗୁଞ୍ଜା ନ ଦେଉଛି ତାକୁ ତ୍ରୁଟିଯୁକ୍ତ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଦୃଷ୍ଟି ଆକର୍ଷଣ କଲେ ସେହି ବ୍ୟକ୍ତି ଜଣଙ୍କ ନାଲି ଆଖି ଦେଖାଇବା ସହିତ, ଦୁର୍ବ୍ୟବହାର କରିବାକୁ ପଛାଉନାହାନ୍ତି। ଯାହାକି ନିକଟରେ ଦେଖିବାକୁ ମିଳିଛି।

ଜଟଣୀ ଅଞ୍ଚଳର ଜନୈକ ବ୍ୟକ୍ତି ନିଜ ପୁଅର ଜନ୍ମ ପ୍ରମାଣପତ୍ରର ତ୍ରୁଟି ସଂଶୋଧନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣ ପତ୍ର ବିଭାଗକୁ ଧାଇଁ, ଧାଇଁ ଶେଷରେ ନିରାଶ ହୋଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଫେରି ଯାଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଜଣଙ୍କ ପୂର୍ବରୁ ହଳଦିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ସମୟରେ ଜନ୍ମ, ମୃତ୍ୟୁ ପ୍ରମାଣପତ୍ର କରିବାକୁ ନେଇ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ି ଜେଲ୍ ଯାଇଥିଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କୁ ହାତକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ବିଭାଗରେ ଅବସ୍ଥାପିତ ହେବାରେ ସଫଳ ହୋଇଥିବା ନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରିନାହିଁ। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବା ସହିତ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଇ ଅନ୍ୟତ୍ର ବଦଳି ନିମନ୍ତେ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏହା ଜନଅସନ୍ତୋଷରେ ପରିଣତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

# ମହାପ୍ରଭୁଙ୍କ ପର୍ଶୁରାମ ଅବତାର

**ଦଶପଲ୍ଲା,୩।୭/ଏନ୍ଏନ୍ଏସ୍:** ଗୁରୁବାର ଆଡ଼ପ ମଣ୍ଡପରେ ମହାପ୍ରଭୁ ପତିତପାବନଙ୍କ ପର୍ଶୁରାମ ଅବତାର ଦେଖିବାକୁ ମିଳିଛି। ଏହା ଶ୍ରୀ ବିଷ୍ଣୁଙ୍କ ଷଷ୍ଠ ଅବତାର। ବିଶେଷ ଭାବେ ଆଜିର ଦିନରେ ଭଗବାନ ପର୍ଶୁରାମଙ୍କ ଜନ୍ମଦିନ ହୋଇଥିବାରୁ ଆଜିର ଦିନକୁ ପର୍ଶୁରାଷ୍ଟମୀ କୁହାଯାଏ। ପୌରାଣିକ କଥାବସ୍ତୁ ଅନୁଯାୟୀ ତ୍ରେତୟା ଯୁଗରେ ମହାରାଜା ସହସ୍ରାର୍ଜୁନ ଅତୀବ ବଳିୟାନ ଥିଲେ ଏବଂ ସେ ଜଣେ ଅତ୍ୟାଚାରୀ ରାଜା ଥିଲେ।



ଏପରିକି ପର୍ଶୁରାମଙ୍କ ପିତା ଭୃଗୁ ବଂଶୀୟ ଋଷି ଯମଦଗ୍ନୀଙ୍କୁ ସହସ୍ରାଅର୍ଜୁନ ହତ୍ୟା କରିଥିଲେ। ଏଥିରେ ରାଗାନ୍ୱିତ ହୋଇ ପର୍ଶୁରାମ ସହସ୍ରାର୍ଜୁନଙ୍କୁ ବଦ୍ଧ କରିବା ସହ ୨୧ଥର ପୃଥିବୀ ଜୟକରି କ୍ଷତ୍ରୀୟମାନଙ୍କୁ ନିପାତ କରି ପୃଥିବୀରେ ଶାନ୍ତି ଫେରାଇ ଆଣିଥିଲେ। ଶେଷରେ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ବୈଷ୍ଣବା ଧନୁ ସମର୍ପଣ କରି ପ୍ରଭୁ ପର୍ଶୁରାମ ତପସ୍ୟା କରିବାକୁ ଚାଲିଯାଇଥିଲେ। ଭଗବାନ ପର୍ଶୁରାମ ହେଉଛନ୍ତି ଅନ୍ୟାୟ ଉପରେ ନ୍ୟାୟର ବିଜୟର ପ୍ରତୀକ ଏବଂ ସେ ଚିରଞ୍ଜିବୀ। ଏଣୁ ଆଜିର ପର୍ଶୁରାଷ୍ଟମୀରେ ଭକ୍ତଜନ ମହାପ୍ରଭୁଙ୍କ ପର୍ଶୁରାମ ଅବତାର ଦେଖି ଧନ୍ୟ ହୋଇଥାନ୍ତି। ମହାପ୍ରଭୁଙ୍କ ଏହି ପର୍ଶୁରାମ ଅବତାର ଦେଖିବାକୁ ଆଡ଼ପ ମଣ୍ଡପରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନକଲେ ଶିଶୁ ଯତ୍ନ ଅନ୍ତେବାସୀ

**ପୁରୀ,୩।୭/ଏନ୍ଏନ୍ଏସ୍:** ଉତ୍କଳ ବାଳାଶ୍ରମ ଓ ନୀଳାଚଳ ସେବା ପ୍ରତିଷ୍ଠାନ ଶିଶୁ ଯତ୍ନ ଅନୁଷ୍ଠାନର ମୋଟ ୮୦ଜଣ ଶିଶୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମାତା ଦେବୀ ସୁଭଦ୍ରାଙ୍କୁ ଆଡ଼ପମଣ୍ଡପରେ ଦର୍ଶନ କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତେବାସୀମାନେ ଆଜି ଦିନ ୧୧ ଘଣ୍ଟା ସମୟରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ। ନବ ନିଯୁକ୍ତ ଜିଲ୍ଲାପାଳ ଚଞ୍ଚଳ ରଣାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଦର୍ଶନ ପରେ ସମସ୍ତ ଦର୍ଶନାର୍ଥୀଙ୍କୁ ଜିଲ୍ଲାପାଳ ମହାପ୍ରସାଦ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଥଯାତ୍ରା ପରିଚାଳନା ମୁଖ୍ୟ ତଥା ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ପ୍ରଶାସନର ଏହି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

# ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ




**ପୁରୀ,୩।୭/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବନ ମହୋତ୍ସବ ଉପଲକ୍ଷେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପେଣ୍ଠକଟା ପରିସରରେ ଚାରାରୋପଣ କରାଯାଇଛି। ଆଜିର ଏହି କାର୍ଯକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ। କାର୍ଯକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପକୁଳପତି ଦତ୍ତାତ୍ରେୟ ମୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଚାରାରୋପଣ କାର୍ଯକ୍ରମରେ ଜିଲ୍ଲା ନ୍ୟାୟଳୟର ବିଚାରପତିଗଣ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ କରିବା ସହ ପ୍ରକୃତିର ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

# ନିଗମାନନ୍ଦ ଠାକୁରଙ୍କ ୪୨ତମ ବାର୍ଷିକ ଉତ୍ସବ

**ଚାରିଛକ,୩।୭/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଚାରିଛକସ୍ଥିତ ସାରସ୍ୱତ ନିଗମାନନ୍ଦ ଠାକୁରଙ୍କ ୪୨ତମ ବାର୍ଷିକ ଉତ୍ସବ ସଂଘର ସଭାପତି ଲକ୍ଷ୍ମୀଧର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଧୁମଧାମରେ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳୁ ପ୍ରଥମାର୍ଦ୍ଧେ ପୂଜା କରାଯାଇ ଦ୍ୱିତୀୟାର୍ଦ୍ଧେ ଭଜନ, କୀର୍ତ୍ତନ ସହିତ ଠାକୁର ନିତି ବାଣୀ ବିଷୟରେ ବିଭିନ୍ନ ସଂଘରୁ ଆସିଥିବା ଗୁରୁଭାଇ ମାନେ କହିଥିଲେ। ଏହି ୪୨ତମ ବାର୍ଷିକ ଉତ୍ସବରେ ବସନ୍ତ ଭାଇ ସଭାପତିତ୍ୱ କରିଥିବା ବେଳେ ଚାରିଛକ ସମେତ ନିମାପଡ଼ା, ଯୋଗେଶ୍ୱରପୁର, ନୟାହାଟ, ବାହାରଣା, ନିଆଳି, ଗୋପ ସଂଘରୁ ଗୁରୁଭାଇ ଓ ମାଆମାନେ ଯୋଗଦେଇଥିଲେ।

# ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ରଥଯାତ୍ରା ସଂଖ୍ୟା ଉନ୍ମୋଚିତ

**ଫୁଲନଖରା,୩।୭/ଏନ୍ଏନ୍ଏସ୍:** ଦୀର୍ଘ ୨୪ ବର୍ଷ ହେଲା ନିୟମିତ ପ୍ରକାଶିତ ହୋଇ ଆସୁଥିବା ଅଗ୍ରଣୀ ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ରଥଯାତ୍ରା ସଂଖ୍ୟା ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠ ପରିସରରେ ପରମ୍ପରା ମୁତାବକ ଏକକ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। କଟକ ଜିଲ୍ଲା ଶିକ୍ଷାଧିକାରୀ ଡଃ ସନ୍ତୋଷ କୁମାର ରାଉତ ଏକକ ଅତିଥି ଭାବେ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିବା ସହିତ ପ୍ରତି ପରିବାରରେ ଆଧାତ୍ମିକ ପତ୍ରିକାଟିଏ ପହଞ୍ଚିଲେ ପରିବାରରେ ସଂସ୍କାର ବୃଦ୍ଧି ପାଇବ ବୋଲି ମତ ଦେଇଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସଦର ଥାନାଞ୍ଚଳ ଶାନ୍ତି କମିଟିର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, କଟକ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଡାକ୍ତର ଅରବିନ୍ଦ ନନ୍ଦ, ସାମ୍ବାଦିକ ପ୍ରତାପ କେଶରୀ ପାତ୍ର, ଅଜୟ କୁମାର ଦାଶ, କାନନ ବିହାରୀ ନାୟକ, ଗଜେନ୍ଦ୍ର ଦାସ ସତ୍ୟରଞ୍ଜନ ଦାସ ମହାପାତ୍ର,



ଆଦିତ୍ୟ ଛୋଟରାୟ, ରାଜକିଶୋର ବେହେରା, ଅଜୟକୁମାର ପାତ୍ର, ବିଭୁତି ତରାଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପତ୍ରିକା ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ବେଦ ପାଠ କରିଥିବା ବେଳେ ପରିଚାଳନା ସମ୍ପାଦକ ଇଂ ବିପ୍ଳବ ଦାସ ଅତିଥି ପରିଚୟ ଏବଂ ପ୍ରସାର ଅଧିକାରୀ ସୁଶ୍ରୀ ଆରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଇତିହାସ

- ୧୭୬୦-ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କରିଥିଲେ।
- ୧୭୬୦-ଗଣ୍ଡକ ନଦୀ କୂଳରେ ମୀର ଜାଫର୍‌ଙ୍କ ପୁଅ ମିରାନ୍ ବଜ୍ରାଘାତରେ ମୃତ୍ୟୁବରଣ କରିଥିଲେ।
- ୧୭୮୯-ଇଷ୍ଟ ଇଣ୍ଡିଆ କମ୍ପାନୀ, ପେଶୱା ଓ ନିଜାମଙ୍କ ସହିତ ଟିପୁ ସୁଲତାନଙ୍କ ବିରୁଦ୍ଧରେ ସନ୍ଧି କରିଥିଲେ।
- ୧୮୭୯-ସଂଗ୍ରାମୀ ବାସୁଦେବ ବଳବନ୍ତ ଫଡ଼କେ ଗିରଫ ହୋଇଥିଲେ।
- ୧୯୨୮-ଲଣ୍ଡନ ଠାରେ ପ୍ରଥମ ରଙ୍ଗିନ ଟିଭି କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଥିଲା।
- ୨୦୦୧-ପାକିସ୍ତାନର ନାଗରିକ (ବନ୍ଦୀ)ମାନଙ୍କୁ ଭାରତ ମୁକ୍ତ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – କ୍ୟାରିୟର୍‌ରେ ପ୍ରମୋଶନ ଯୋଗ ରହିଛି। ଜରୁରୀ ଯାତ୍ରା ସକାରାତ୍ମକ ପରିଣାମ ଦେବ। ବ୍ୟାପାରରେ ଲାଭର ସଂକେତ ରହିଛି। ଆମଦାନୀ ଖୁବ୍ ହେବ। ସନ୍ତାନ ସୁଖ ପ୍ରାପ୍ତି ହେବ।

**ବୃଷ** – କାମ ପ୍ରତି ସମର୍ପିତ ରହିବେ। କାରୋବାରୀଙ୍କ ପାଇଁ ଦିନଟି ଲାଭକାରୀ। ସୃଜନଶୀଳ ଲୋକମାନେ ଲାଭ ଉଠାଇବେ। ଧନ ଲାଭ ଯୋଗ ଅଛି। ଶିକ୍ଷାର ଖୁବ୍ ଭଲ ପରିଣାମ ପାଇବେ।

**ମିଥୁନ** – ନୂଆ ଦାୟିତ୍ୱ ସହିତ ପ୍ରମୋଶନ ହେବ। ପ୍ରପର୍ଟି ଡିଲରଙ୍କ ପାଇଁ ଦିନଟି ଉତ୍ତମ। ଧନ ଆଗମନର ଯୋଗ ରହିଛି। ପାଠପଢ଼ାରେ ମନ ଲାଗିବ। ବୟସ୍କଙ୍କ ପରାମର୍ଶ ଲାଭକାରୀ ହେବ।

**କର୍କଟ** – କାମରେ ପରିଶ୍ରମର ଫଳ ପାଇବେ। ବ୍ୟାପାର ବୃଦ୍ଧି ହେବ। ନିବେଶରୁ ଲାଭର ସମ୍ଭାବନା ରହିଛି। ନୂଆ କାମ ଆରମ୍ଭ କରିପାରନ୍ତି। ଜୀବନସାଥି ସହିତ ବୁଲିବା ଯୋଜନା କରିବେ।

**ସିଂହ** – ଅଫିସ୍‌ରେ ନେତୃତ୍ୱର ଅବସର ପାଇବେ। ଅନ୍ୟ ରାଜ୍ୟରେ ନୂଆ ବ୍ୟାପାର ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବ। ପରିବାରର ସହଯୋଗ ପାଇବେ। ବିବାଦ ନକଲେ ଭଲ।

**କନ୍ୟା** – ବ୍ୟାପାରରୁ ଲାଭ ପାଇବେ। ମଲ୍ଟିନ୍ୟାସନାଲ୍ କମ୍ପାନୀରୁ ଅଫର୍ ଆସିପାରେ। ଚିନ୍ତାକରି ଖର୍ଚ୍ଚ କରନ୍ତୁ। ମିତ୍ରଙ୍କ ନିବେଶ ପରାମର୍ଶ ଲାଭ ଦେବ। ଶିକ୍ଷକଙ୍କ ସହଯୋଗ ପାଇବେ। ବିବାଦ ଠାରୁ ଦୂରରେ ରହିବେ।

**ତୁଳା** – ଅଫିସ୍‌ରେ ପ୍ରଶଂସା ପାଇବେ। ବିରୋଧୀଙ୍କ ସହିତ ମୁକାବିଲା ହୋଇପାରେ। ଏଥିରୁ ଲାଭ ମିଳିବ। ବରିଷ୍ଠମାନଙ୍କର ପରାମର୍ଶ ନେଇପାରନ୍ତି। ପିଲାଙ୍କ ସହିତ ଭ୍ରମଣ ଯୋଗ ରହିଛି। ପ୍ରେମଭାବ ରହିବ।

**ବିଛା** – କାମର ଚାପ ରହିବ। ଯୋଜନାଗୁଡ଼ିକୁ ଧୈର୍ଯ୍ୟର ସହିତ ସମ୍ମୁଖୀନ ହେବେ। ସଫିଂ ଉପରେ ଖର୍ଚ୍ଚ କରିବେ। ବଜେଟ୍ ଉପରେ ଧ୍ୟାନ ରହିବ। ରିସର୍ଚ୍ଚ ଆଧାରିତ କାମ ହେବ। ବୟସ୍କମାନଙ୍କ ସେବା କରିବେ।

**ଧନୁ** – ପ୍ରମୋଶନ ଯୋଗ ରହିଛି। ଦାୟିତ୍ୱ ମିଳିପାରେ। ବାଦବିବାଦ ନକଲେ ଭଲ। ଗ୍ରାହକମାନଙ୍କ ସହିତ ତାଳମେଳ ରହିବ। ଅଟକିଥିବା ଧନ ଫେରିପାଇବେ। ପ୍ରତିଯୋଗୀ ପରୀକ୍ଷାରେ ସଫଳ ହେବେ।

**ମକର** – ପେସାଗତ ନିର୍ଣ୍ଣୟ ଚିନ୍ତା କରି ନିଅନ୍ତୁ। ନୂଆ ପ୍ରପର୍ଟି କିଣିବା ସମ୍ଭବ। ନିବେଶ ଶୀଘ୍ର ନକଲେ ଭଲ। ଶିକ୍ଷାରେ ସ୍ଥାୟିତ୍ୱର ଆବଶ୍ୟକତା ରହିଛି। କାହାର ସ୍ୱାସ୍ଥ୍ୟହାନି ହୋଇପାରେ।

**କୁମ୍ଭ** – ସହଯୋଗୀଙ୍କ ପାଇଁ ଆର୍ଥିକ ସହାୟତା କରିବେ। ନୂଆ ବ୍ୟାପାରିକ ଆଇଡିଆ ଉପରେ ବିଚାର କରିପାରନ୍ତି। ସଞ୍ଚୟ ଉପରେ ଧ୍ୟାନ ଦେବେ। ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ହେବ।

**ମୀନ** – ବିବିଧ କାର୍ଯ୍ୟର ସମ୍ମୁଖୀନ ହେବେ। ବ୍ୟାପାର ପାଇଁ ଲାଇସେନ୍ସ ଆବଶ୍ୟକ ପଡ଼ିବ। ଅର୍ଥ ସହିତ ଜଡ଼ିତ ମାମଲାରୁ ଲାଭ ପାଇବେ। ପରିଶ୍ରମ ଅଧିକ କରିବାକୁ ହେବ। ପରିଣାମ ସକାରାତ୍ମକ ରହିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍।
ମୃଗାଣାଂ ଚ ମୃଗେନ୍ଦ୍ରୋହଂ ବୈନତେୟଶ୍ଚ ପକ୍ଷିଣାମ୍। (୧୦/୩୦)
ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍।
ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ। (୧୦/୩୧)
ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ।
ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍। (୧୦/୩୨)

ଦ୍ୱୈତ୍ୟିତମାନଙ୍କ ମଧ୍ୟରେ ମୁଁ ପ୍ରହ୍ଲାଦ, ଗ୍ରାସକାରୀମାନଙ୍କ ମଧ୍ୟରେ ମୁଁ କାଳ, ପଶୁମାନଙ୍କ ମଧ୍ୟରେ ମୁଁ ସିଂହ ଏବଂ ପକ୍ଷୀମାନଙ୍କ ମଧ୍ୟରେ ମୁଁ ଗରୁଡ଼। ବେଗମାନଙ୍କ ମଧ୍ୟରେ ଆମ୍ଭେ ପବନ, ଶାସ୍ତ୍ରଧାରୀ ବୀରମାନଙ୍କ ମଧ୍ୟରେ ଆମ୍ଭେ ଦଶରଥଙ୍କ ପୁତ୍ର ରାମଚନ୍ଦ୍ର, ମାଛମାନଙ୍କ ମଧ୍ୟରେ ଆମ୍ଭେ ମଗର ନାମକ ଜଳଜୀବ ଏବଂ ନଦୀମାନଙ୍କ ମଧ୍ୟରେ ଆମ୍ଭେ ଗଙ୍ଗା ଅଟୁ।


ହେ ଅର୍ଜୁନ! ସୃଷ୍ଟ ପଦାର୍ଥମାନଙ୍କ ଭିତରେ ମୁଁ ସୃଷ୍ଟି, ବିନାଶ ଓ ସ୍ଥିତି ଆମ୍ଭ ଦ୍ୱାରା ସଂଘଟିତ ହୁଏ ଅର୍ଥାତ ଆମ୍ଭେ ସେସବୁର କର୍ତ୍ତା, ବିଦ୍ୟାମାନଙ୍କ ଭିତରେ ମୁଁ ବ୍ରହ୍ମବିଦ୍ୟା, ବିବାଦମାନ ତାର୍କିକ ପୁରୁଷମାନଙ୍କ ମଧ୍ୟରେ ମୁଁ ବାଦ ନାମକ ତର୍କ। ଗୁରୁ ଓ ଶିଷ୍ୟମାନଙ୍କ ଭିତରେ ବା ସାଧୁମାନଙ୍କ ମଧ୍ୟରେ ଯେଉଁ ବାଦ ହୁଏ ମୁଁ ସେହି ବାଦ ଅଟେ।

# ସ୍ୱାମୀ ବିବେକାନନ୍ଦ ସ୍ମୃତି ଦିବସ




ସ୍ୱାମୀ ବିବେକାନନ୍ଦ ଏପରି ଏକ ନାମ ଯାହାଙ୍କ ପାଇଁ କୌଣସି ପରିଚୟର ଆବଶ୍ୟକତା ନାହିଁ। ସେ ଥିଲେ ଜଣେ ମହାନ ସନ୍ଥ ଓ ଦେଶଭକ୍ତ। ୧୨ ଜାନୁଆରୀ, ୧୮୬୩ରେ କୋଲକାତା ଠାରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ସେ ଥିଲେ ଜଣେ ଜିଜ୍ଞାସୁ, ବୁଦ୍ଧିମାନ ଓ ଉର୍ଜାବାନ ବ୍ୟକ୍ତି ଯାହାଙ୍କର ଓଜସ୍ୱୀ ବାଣୀ ସଦୈବ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗେଇ ଆସୁଛି। ଯୁବକମାନଙ୍କୁ ଆତ୍ମବିଶ୍ୱାସ, ଆତ୍ମ-ସୁଧାର ଓ ଆତ୍ମ-ସାକ୍ଷାତକାର ପାଇଁ ସେ ପ୍ରେରିତ କରିଥିଲେ। ଏକ ଜୀବନ, ଭଗବାନ ଓ ଅସ୍ତିତ୍ୱ ସମ୍ପର୍କରେ ଅନେକ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଉତ୍ସୁକ ସ୍ୱାମୀ ବିବେକାନନ୍ଦଙ୍କର ସାକ୍ଷାତ ହୋଇଥିଲା ଦୂରଦର୍ଶୀ ସନ୍ଥ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହିତ। ତାଙ୍କର ମାର୍ଗଦର୍ଶନ ଦ୍ୱାରା ସେ ଭଗବାନଙ୍କ ବିଷୟରେ ଓ ମାନବ ସେବାର ମହତ୍ତ୍ୱ ସମ୍ପର୍କରେ ଜାଣିଲେ। ପରବର୍ତ୍ତୀ ସମୟରେ ୧୮୯୭ରେ ସେ ସ୍ଥାପନା କରିଥିଲେ ରାମକୃଷ୍ଣ ମିଶନ ଯାହାର ଉଦ୍ଦେଶ୍ୟ ଥିଲା ସମାଜସେବା ଓ ଆଧ୍ୟାତ୍ମିକତାର ପ୍ରସାର। ଏହି ମିଶନ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟରତ ରହିଛି। ମାନବତାର ସେବା, ଆତ୍ମ-ସାକ୍ଷାତକାର, ଭାରତୀୟ ସଂସ୍କୃତି ଓ ପରମ୍ପରାଗୁଡ଼ିକର ମହତ୍ତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ ସ୍ୱାମୀ ବିବେକାନନ୍ଦ। ୧୮୯୩ରେ ଚିକାଗୋ ଠାରେ ଅନୁଷ୍ଠିତ ବିଶ୍ୱ ଧର୍ମସଭାରେ ଭାଗନେଇ ସେ ତାଙ୍କର ଭାଷଣ ମାଧ୍ୟମରେ ଭାରତୀୟ ଦର୍ଶନ ଓ ବେଦାନ୍ତକୁ ଜନସାଧାରଣଙ୍କ ସମ୍ମୁଖରେ ପ୍ରସ୍ତୁତ କରିଥିଲେ। ତାଙ୍କର ରାଷ୍ଟ୍ରବାଦ ଭାରତୀୟ ସଂସ୍କୃତି ଓ ଧର୍ମ ଉପରେ ଆଧାରିତ ଥିଲା ଯାହା ଦେଶବାସୀଙ୍କୁ ଏକଜୁଟ କରିବାର ଏକ ମାଧ୍ୟମ ଥିଲା। ହିନ୍ଦୁ ଧର୍ମର ମହାନତାକୁ ବଜାୟ ରଖିବା ସହିତ ଦୁନିଆକୁ ସେ ସ୍ୱୀକୃତି ଓ ସହିଷ୍ଣୁତାର ସଠିକ୍ ଅର୍ଥ ଶିକ୍ଷା ଦେଇଥିଲେ। ଜଣେ ହିନ୍ଦୁ ସାଧୁ ହେବା ସହିତ ସ୍ୱାମୀ ବିବେକାନନ୍ଦ ଜଣେ ସାହିତ୍ୟାନୁରାଗୀ ବ୍ୟକ୍ତି ଥିଲେ। ୪ ଜୁଲାଇ, ୧୯୦୨ରେ ଏହି ଯୁଗପୁରୁଷଙ୍କର ନିଧନ ହୋଇଥିଲା। ତାଙ୍କର ପୁଣ୍ୟତିଥିକୁ ସ୍ୱାମୀ ବିବେକାନନ୍ଦ ସ୍ମୃତି ଦିବସ ଭାବରେ ଆଜି ପୂରା ଦେଶ ପାଳନ କରୁଛି।

# ଧର୍ମର 'ଆତ୍ମା ପର୍ବତ'



ହିନ୍ଦୁ, ବୌଦ୍ଧ, ଜୈନ ଓ ତିବ୍ବତର ବୋନପା ଧର୍ମଗ୍ରନ୍ଥଗୁଡ଼ିକରେ କୈଳାସ-ମାନସରୋବରର ମନୋହରୀ ବର୍ଣ୍ଣନା ରହିଛି। କୈଳାସକୁ ବହୁତ ଶ୍ରଦ୍ଧାଭାବ ସହିତ ଧର୍ମର 'ଆତ୍ମା ପର୍ବତ' ବୋଲି କୁହାଯାଏ। ସ୍କନ୍ଦ ପୁରାଣରେ କୁହାଯାଇଛି- ହିମାଳୟ ପରି କୌଣସି ପର୍ବତ ନାହିଁ ଯେଉଁଠାରେ କୈଳାସ-ମାନସରୋବର ରହିଛି। ଯେପରି ସକାଳର ସୂର୍ଯ୍ୟ କାକର ବିନ୍ଦୁକୁ ଶୁଖାଇଦିଏ ସେହିପରି ସେଠାରେ ମଣିଷର ପାପଗୁଡ଼ିକ ଶୁଷ୍କ ହୋଇଯାଏ। ପ୍ରକୃତରେ କହିବାକୁ ଗଲେ ପବିତ୍ର ସ୍ଥାନଗୁଡ଼ିକର କୌଣସି ଆରମ୍ଭ ନଥାଏ। ମଣିଷର ସ୍ପନ୍ଦନ ସହିତ ଏଗୁଡ଼ିକ ମିଶିଯାଆନ୍ତି ଓ ପରେ ଐତିହ୍ୟ ସ୍ଥଳ ଭାବରେ ନାମିତ ହୋଇଯାଆନ୍ତି। କୈଳାସ-ମାନସରୋବର ଏହିପରି ଏକ ସ୍ଥାନ ଯେଉଁଠାରେ ଏସିଆନ୍ ସମାଜଗୁଡ଼ିକର ସ୍ମୃତି ସହସ୍ରାବ୍ଦୀ ସମୟରୁ ଉପସ୍ଥିତ ହୋଇ ରହିଛି। ଏହା କେବଳ ଚାରି ଧର୍ମ ଓ ସେଗୁଡ଼ିକ ସହିତ ଜଡ଼ିତ ସଂସ୍କୃତିର ଗନ୍ତବ୍ୟ ସ୍ଥଳ ତାହା ନୁହେଁ ପ୍ରାକୃତିକ-ପରିସ୍ଥିତିକ ଭାବରେ ଉତ୍ତର ଭାରତର ଭାଗ୍ୟବିଧାତା ନଦୀଗୁଡ଼ିକର ମଧ୍ୟ ଉଦ୍‌ଗମସ୍ଥଳ। ସେଠାରେ ରହିଛି ଦୁଇଟି ଶିଖର- କୈଳାସ ଓ ଗୁର୍ଲା ମାନ୍ଧାତା, ଦୁଇଟି ବିଶାଳ ତାଳ-ମାନସରୋବର ଓ ରାକତାଳ, ଚାରିଟି ନଦୀ-ସିନ୍ଧୁ, ସତ୍‌ଲେଜ, କର୍ଣ୍ଣାଲୀ ଓ ସାଙ୍ଗପୋଁ-ବ୍ରହ୍ମପୁତ୍ରର ଉତ୍ପତ୍ତି ସ୍ଥଳ କୁହାଯାଉଥିବା ତିବ୍ବତର ଏହି କ୍ଷେତ୍ରଟି ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ବହୁତ




ଗୁରୁତ୍ୱପୂର୍ଣ୍ଣ। ସେଠାରେ ପହଞ୍ଚୁଥିବା ସବୁ ପ୍ରକାରର ଲୋକମାନେ ଜୀବନର ଉପଲବ୍ଧିକୁ ମାନନ୍ତି। ବିଶେଷ କରି ବୋନପା, ବୌଦ୍ଧ, ହିନ୍ଦୁ ଓ ଜୈନ ଧର୍ମାବଲମ୍ବୀମାନେ କୈଳାସ ପର୍ବତ ସହିତ ପ୍ରକୃତି ଠାରୁ ଅଭିନ୍ନ ରୂପରେ ଅଧିକ ଜଡ଼ିତ ହୋଇ ରହିଛନ୍ତି। ସପ୍ତମ ଶତାବ୍ଦୀରେ ବୌଦ୍ଧ ଧର୍ମ ଆସିବା ପୂର୍ବରୁ ବୋନ (ବୋନପା) ଧର୍ମର ପ୍ରସାର ହୋଇସାରିଥିଲା। କୈଳାସକୁ ଏହି ଧର୍ମର 'ଆତ୍ମା ପର୍ବତ' ବୋଲି କୁହାଯାଏ।

# ବିଦେଶୀଙ୍କ ପାଇଁ ଅନୁମତି ନାହିଁ

ଉତ୍ତରାଖଣ୍ଡ ରାଜ୍ୟକୁ ଦେବଭୂମି ବୋଲି କୁହାଯାଏ। କିନ୍ତୁ ଏହି ଭୂମିର ଏକ ଭାଗ ଏପରି ଅଛି ଯେଉଁଠିକୁ କେବଳ ଭାରତୀୟମାନେ ହିଁ ଯାଇପାରନ୍ତି। ଚକ୍ରାତା ନାମକ ଏହି ସୁନ୍ଦର ସ୍ଥାନଟିକୁ ଦେଖିବା ପାଇଁ ବିଦେଶୀ ପର୍ଯ୍ୟଟକମାନଙ୍କୁ ଅନୁମତି ନାହିଁ। ତେବେ ଏହି ସ୍ଥାନଟିର ସ୍ଥାପନା କରିଥିଲେ ଇଂରେଜମାନେ। କିନ୍ତୁ ଏବେ ସେମାନଙ୍କର ବଂଶଜମାନେ ସେଠାରେ ପାଦ ପକେଇ ପାରିବେ ନାହିଁ। ବ୍ରିଟିଶ ଶାସନ କାଳରେ ୧୮୬୬ରେ ଚକ୍ରାତାର ସ୍ଥାପନା କରାଯାଇଥିଲା। ଗରମ ଦିନେ ସେଠାକୁ ଛୁଟି ବିତେଇବାକୁ ଯାଉଥିବା ଇଂରେଜ ଅଫିସର୍‌ମାନେ ଏହାକୁ ସ୍ୱର୍ଗ ଭାବରେ ମାନୁଥିଲେ। ୧୮୬୯ରେ କଣ୍ଟୋନମେଣ୍ଟ ବୋର୍ଡ଼ ଅନ୍ତର୍ଗତ ଏହାକୁ ସାମିଲ କରିବା ପରଠାରୁ ସୈନ୍ୟ କ୍ଷେତ୍ର ଭାବରେ ଏହାର ପରିଚୟ ରହିଛି। ସାମରିକ ଦୃଷ୍ଟିକୋଣରୁ ଚକ୍ରାତାର ଯଥେଷ୍ଟ ଗୁରୁତ୍ୱ ରହିଛି ଓ ଅନ୍ୟ ହିଲ୍ ଷ୍ଟେସନ ଠାରୁ ଅଲଗା ଭାବରେ ଏହାକୁ ମାନ୍ୟତା ଦିଆଯାଇଛି। ୧୯୬୨ରେ ଭାରତ-ଚୀନ୍ ଯୁଦ୍ଧ ପରେ ଚକ୍ରାତାର ରଣନୀତିକ ମହତ୍ତ୍ୱ ଆହୁରି ବୃଦ୍ଧି ପାଇଥିଲା। ସେଠାରେ ତିବ୍ବତୀ ୟୁନିଟ୍‌କୁ କର୍ତ୍ତବ୍ୟ ସମ୍ପାଦନ ପାଇଁ ପଠାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ବିଦେଶୀ ନାଗରିକଙ୍କ ପାଇଁ ସେଠାରେ ରୋକ ଲଗାଇ ଦିଆଯାଇଛି। ଆଜି ବି ସେଠାରେ ଭାରତୀୟ ସୈନ୍ୟମାନଙ୍କର ଏକ ପ୍ରମୁଖ କ୍ୟାମ୍ପ ରହିଛି ଓ ସୈନ୍ୟ ଗତିବିଧି ଦୃଷ୍ଟିରୁ ଏହାକୁ ସମ୍ବେଦନଶୀଳ ସ୍ଥାନ ଭାବରେ ଗ୍ରହଣ କରାଯାଏ। ତେଣୁ ଯେଉଁ ପର୍ଯ୍ୟଟକମାନେ ଚକ୍ରାତା ବୁଲିବାକୁ ଯାଉଛନ୍ତି ସେମାନେ ଟାଇଗର୍ ହିଲ୍ସ ନିଶ୍ଚିତ ଭାବରେ ଦେଖିବା ଉଚିତ। ୩୧୨ ଫୁଟ୍ ଉଚ୍ଚରେ ଥିବା ଝରଣା ପାଖକୁ ପହଞ୍ଚିବା ପାଇଁ ହେଲେ ଛୋଟ ଟ୍ରାକ୍ ସହିତ ରୋମାଞ୍ଚର ଅନୁଭବ ନେଇପାରିବେ। ଝରଣାର କଳକଳ ନାଦ, ସେଥିରୁ ପ୍ରବାହିତ ପାଣି ଆଖି ଓ କାନକୁ ଶାନ୍ତି ପ୍ରଦାନ କରିଥାଏ। ଚକ୍ରାତାରେ ପ୍ରଦୂଷଣର ମାତ୍ରା ବହୁତ କମ୍। ଘନ ଦେବଦାରୁ ଓ ଅନ୍ୟ ଗଛ ଦ୍ୱାରା ସୃଷ୍ଟି ଜଙ୍ଗଲ ପ୍ରକୃତିପ୍ରେମୀ ଓ ଫଟୋଗ୍ରାଫର୍ସଙ୍କୁ ଆନନ୍ଦ ଦେଇଥାଏ। ପର୍ଯ୍ୟଟକମାନେ ସେଠାରେ ବାର୍ଡ ୱାଚିଂ, ଟ୍ରାକିଂ ଓ କ୍ୟାମ୍ପିଙ୍ଗ୍‌ର ମଜା ନେଇପାରିବେ। ଦେବବନ, ଚକ୍ରାତା ଠାକୁ କିଛି କି.ମି ଦୂରରେ ଅଛି ଯେଉଁଠାରେ ହିମାଳୟର ବର୍ଫିଲା ଶିଖରର ଅଦ୍ଭୁତ ଦୃଶ୍ୟ ଦେଖିପାରିବେ। ଚକ୍ରାତା ଠାରୁ ୪-୫ କି.ମି ଦୂରରେ ଅଛି ଚିରମୀର୍ ଯେଉଁଠାରେ ସୂର୍ଯ୍ୟାସ୍ତର ଦୃଶ୍ୟ ଅତି ସୁନ୍ଦର।



# ମଦ୍ୟପାନରୁ ଆରମ୍ଭ ଏକ ଯୁଦ୍ଧ



ଦୁନିଆରେ ଯେତେ ଯୁଦ୍ଧ ହୋଇଛି ତା' ପଛରେ କୌଣସି ନା କୌଣସି କାରଣ ନିଶ୍ଚିତ ଭାବରେ ରହିଥାଏ। ସେଥିରେ ହଜାର ହଜାର ସଂଖ୍ୟାରେ ଲୋକଙ୍କର ଜୀବନ ଚାଲିଯାଏ। ୧୭୮୮ରେ ଅଷ୍ଟ୍ରିଆ ଓ ତୁର୍କୀ ମଧ୍ୟରେ ଏକ ଅଜବ କାରଣ ପାଇଁ ଯୁଦ୍ଧ ହୋଇଥିଲା ଯେଉଁଥିରେ ଗୋଟିଏ ପକ୍ଷର ୧୦ ହଜାର ସୈନିକ ପ୍ରାଣ ହରାଇଥିଲେ। ଏହି ଯୁଦ୍ଧକୁ ବ୍ୟାଟଲ୍ ଅଫ୍ କ୍ୟାରୋନସିଭ୍‌ସ ବୋଲି କୁହାଯାଏ। ଦୁନିଆର ଲୋକମାନେ ଏହି ଯୁଦ୍ଧକୁ ହ୍ୟାସ୍ୟାସ୍ପଦ ଯୁଦ୍ଧ ବୋଲି ମଧ୍ୟ କହନ୍ତି। ପାଖାପାଖି ଏକ ଲକ୍ଷ ଅଷ୍ଟ୍ରିଆନ୍ ସୈନିକ କ୍ୟାରୋନସିଭ୍‌ସ ସହର ଉପରେ କବ୍‌ଜା କରିବାକୁ ବାହାରିଥିଲେ। ସେ ସମୟରେ ଅଷ୍ଟ୍ରିଆ ଓ ତୁର୍କୀ ମଧ୍ୟରେ ଯୁଦ୍ଧ ଚାଲୁଥିଲା। ୨୧ ସେପ୍ଟେମ୍ବର ରାତିରେ ସେମାନେ ଟିମିସ୍ ନଦୀ ପାଖରେ ପହଞ୍ଚି କ୍ୟାରୋନସିଭ୍‌ସ ସହରକୁ ଚାରିଆଡୁ ଘେରି ଯାଇଥିଲେ। ନଦୀର ଆଖପାଖରେ ଥିବା ତୁର୍କୀ ସେନାଙ୍କୁ ସେମାନେ ଦେଖିପାରି ନଥିଲେ। କିନ୍ତୁ ନଦୀର ବିପରୀତ ପାର୍ଶ୍ୱରେ ରୋମାନୀ ଲୋକଙ୍କର ଏକ ଶିବିର ଦେଖିବାକୁ ମିଳିଥିଲା। ଯେତେବେଳେ ଅଷ୍ଟ୍ରିଆନ୍ ଘୋଡା ସବାରମାନେ ସେଠାରେ ପହଞ୍ଚିଲେ ରୋମାନୀ ଲୋକମାନେ ସେମାନଙ୍କୁ ମଦ୍ୟପାନ ପାଇଁ ନିମନ୍ତ୍ରଣ କଲେ। ଘୋଡା ସବାରମାନେ କ୍ଲାନ୍ତ ହୋଇଯାଇଥିବାରୁ ରୋମାନୀ ଲୋକମାନଙ୍କ ସହିତ ମଦ୍ୟପାନର ମଜା ଉଠାଇବାକୁ ଲାଗିଲେ। ଏହା ମଧ୍ୟରେ ଅଷ୍ଟ୍ରିଆନ୍ ପଦ ସୈନିକ ସେଠାରେ ପହଞ୍ଚି ମଦ୍ୟପାନ କରିବାକୁ ଚାହିଁବାରୁ ଘୋଡା ସବାରମାନେ ମନା କରିଦେଇଥିଲେ। ଏହି କାରଣରୁ କୌଣସି ସୈନିକ ଗୁଳି ଚଳାଇ ଦେଇଥିଲା। ଅନ୍ୟ ପାର୍ଶ୍ୱରେ ଆରାମ କରୁଥିବା ସୈନିକମାନେ ତୁର୍କୀ ଆକ୍ରମଣ କରିଦେଲା ଭାବି ସେମାନେ ମଧ୍ୟ ଗୁଳିଚାଳନା କରିଥିଲେ। ନଦୀର ଏ ପାର୍ଶ୍ୱରେ ଥିବା ସୈନିକମାନେ ମଧ୍ୟ ତୁର୍କୀମାନେ ଆକ୍ରମଣ କଲେ ଭାବି ଆଖିବୁଜି ଗୁଳିଚାଳନା କରିଥିଲେ। ଅଷ୍ଟ୍ରିଆନ୍ ସୈନିକମାନେ ନିଜ ସୈନ୍ୟମାନଙ୍କୁ ତୁର୍କୀ ସୈନ୍ୟ ଭାବି ପରସ୍ପରକୁ ହତ୍ୟା କରିବାକୁ ଲାଗିଲେ ଯେଉଁ କାରଣରୁ ଦଶ ହଜାରରୁ ଅଧିକ ସୈନ୍ୟ ମୃତ୍ୟୁବରଣ କରିଥିଲେ।

# ସମ୍ମାନିତ ହେଲେ ଦୀପିକା



ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ହଲିଉଡ୍‌ରେ ମଧ୍ୟ ଦୀପିକାଙ୍କର ଏକ ଅଲଗା ପରିଚୟ ରହିଛି ଯେଉଁଠାରେ ହଲ୍ ଅଫ୍ ଫେମ୍‌ରେ ଦୀପିକାଙ୍କ ନାମ ସାମିଲ କରାଯାଇଛି। ଏହି ସମ୍ମାନରେ ସମ୍ମାନିତ ହୋଇଥିବା ଏକମାତ୍ର ଭାରତୀୟ ଅଭିନେତ୍ରୀ ଭାବରେ ଦୀପିକା ସାମିଲ ହେବାର ସୌଭାଗ୍ୟ ପାଇଛନ୍ତି। ହଲିଉଡ୍ ଚାମ୍ବର ଅଫ୍ କମର୍ସ ମୋସନ୍ ପିକଚର୍ସ କ୍ୟାଟାଗୋରୀ ୨୦୨୬ର କ୍ଲାସ୍‌ରେ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ଦୀପିକାଙ୍କୁ ସମ୍ମାନିତ କରାଯିବ। ଏମିଲୀ ବ୍ଲଣ୍ଟ, ଟିମୋଥି ଚାଲାମେଟ୍, ରାମୀ ମାଲେକ, ରେଚଲ୍ ମ୍ୟାକ୍‌ଆଡମ୍ସ, ଷ୍ଟେନ୍‌ଲୀ ଟୁକୀ, ଡ଼େମୀ ମୂରେ ଓ ଅନ୍ୟ ପ୍ରସିଦ୍ଧ କଳାକାରଙ୍କ ସହିତ ଦୀପିକା ଏହି କ୍ୟାଟାଗୋରୀକୁ ସେୟାର୍ କରିବେ। ତେବେ ଏଥିରେ ଦୀପିକା ନିଜ ନାମକୁ ସାମିଲ କରି ଇତିହାସ ରଚିଛନ୍ତି। ତେବେ ଅନେକ କ୍ଷେତ୍ରରେ ଦୀପିକା ଦେଶର ନାମକୁ ଗୌରବାନ୍ୱିତ କରିଛନ୍ତି। ୨୦୧୮ରେ ଟାଇମ୍ ଦ୍ୱାରା ଶହେ ଜଣ ପ୍ରତିଭାଶାଳୀ ଲୋକମାନଙ୍କ ମଧ୍ୟରେ ଦୀପିକା ଏକମାତ୍ର ଭାରତୀୟ ଭାବରେ ସ୍ଥାନ ପାଇଥିଲେ ଯାହାଙ୍କୁ ଟାଇମ୍ ୧୦୦ ଇମ୍ପ୍ୟାକ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଗ୍ଲୋବାଲ୍ ଫିଗର ଦୀପିକା କତର ଠାରେ ଫାଇନାଲ୍ ମ୍ୟାଚ୍‌ରେ ବିଶ୍ୱ କପ୍ ଟ୍ରଫିକୁ ଅନୱିଲ୍ କରି ଇତିହାସ ରଚିଥିଲେ। ଅନେକ ହଲିଉଡ୍ ଫିଲ୍ମରେ କାମ କରିଥିବା ଦୀପିକାଙ୍କ ସୂଚୀରେ ରହିଛି ୨୦୧୭ର ଆକ୍ସନ୍ ଫିଲ୍ମ 'ଏକ୍ସଏକ୍ସଏକ୍ସ-ରିଟର୍ଣ୍ଣ ଅଫ୍ ଜେଣ୍ଡର କେଜ୍'। ଏହି ଫିଲ୍ମ ଜରିଆରେ ଦୀପିକା ହଲିଉଡ୍ ଡେବ୍ୟୁ କରିଥିଲେ। ତେବେ ଦୀପିକାଙ୍କ ଫିଲ୍ମଗ୍ରାଫ୍ ବହୁତ ମଜଭୁତ ଓ ବଲିଉଡ୍‌ର ଶୀର୍ଷ ଅଭିନେତ୍ରୀଙ୍କ ମଧ୍ୟରୁ ସେ ଅନ୍ୟତମ। ବ୍ୟାକ୍-ଟୁ ବ୍ୟାକ୍ ଦୀପିକାଙ୍କର ତିନୋଟି ଫିଲ୍ମ ୧୦୦୦-୧୦୦୦ କୋଟି ଆୟ କରିଛି। ନିଜର ଅଭିନୟ ଓ ଶାନ୍‌ଦାର ଷ୍ଟାଇଲ୍ ପାଇଁ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇଥିବା ଦୀପିକା ମା' ହେବା ପରେ ବଡ଼ ପରଦା ଠାରୁ ଦୂରରେ ରହିଛନ୍ତି।

# ବର୍ଷାଦିନର ଡ୍ରାଏଫ୍ରୁଟ୍ସ

**ବର୍ଷାଦିନ ନିଜ ସହିତ ନେଇ ଆସିଥାଏ ଆର୍ଦ୍ରତା, ସଂକ୍ରମଣ ଓ କ୍ଳାନ୍ତି। ଏହି ଋତୁରେ ଆମ ଭିତରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ ଯେଉଁଥିରେ ଭାଇରାଲ୍ ଫିଭର୍, ସର୍ଦ୍ଦି-କାଶ ଓ ସ୍କିନ୍ ସଂକ୍ରମଣ ପରି ସମସ୍ୟା ବୃଦ୍ଧିପାଏ। ଏପରି ସ୍ଥଳେ ଖାଦ୍ୟପେୟ ଉପରେ ଖାସ୍ ଧ୍ୟାନ ଦେବା ଜରୁରୀ ହୋଇଥାଏ। ସେଥିପାଇଁ ଡ୍ରାଏଫ୍ରୁଟ୍ସକୁ ନିଜ ଡାଏଟ୍‌ରେ ସାମିଲ୍ କରିବା ଉଚିତ ଯେଉଁ କାରଣରୁ ଶରୀରକୁ ମଜଭୁତି ମିଳିବ। ଏହା କେବଳ ଏନର୍ଜି ସ୍ତରକୁ ବୃଦ୍ଧି କରାଏ ତାହା ନୁହେଁ ରୋଗ ପ୍ରତିରୋଧକ ପ୍ରଣାଳୀକୁ ମଧ୍ୟ ସପୋର୍ଟ କରେ।**

**ଆଲ୍‌ମଣ୍ଡ**-ବର୍ଷାଦିନ ପାଇଁ ଆଲମଣ୍ଡ ଏକ ସୁପରଫୁଡ୍। ଏଥିରେ ଭିଟାମିନ୍-ଇ, ସୁସ୍ଥ ଫ୍ୟାଟ୍ସ ଓ ଆଣ୍ଟିଅକ୍ସିଡେଣ୍ଟ ଗୁଣ ଇମ୍ୟୁନିଟି ବୃଦ୍ଧି କରାଇ ଥାଆନ୍ତି। ତେଣୁ ପ୍ରତିଦିନ ୫-୭ଟି ଆଲମଣ୍ଡ ଭିଜାଇ ଖାଆନ୍ତୁ। ଏହା ସ୍କିନ୍‌କୁ ମଧ୍ୟ ସୁସ୍ଥ ରଖିବ।



**ଅଖରୋଟ**-ଅଖରୋଟ୍‌କୁ ବ୍ରେନ୍ ଫୁଡ୍ ବୋଲି କୁହାଯାଏ। ଏଥିରେ ଓମେଗା-୩ ଫ୍ୟାଟି ଏସିଡ୍, ଆଣ୍ଟିଅକ୍ସିଡେଣ୍ଟ୍ସ ଓ ଫାଇବର୍ ଭରପୂର ମାତ୍ରାରେ ଥାଏ। ଏଥିରେ ମସ୍ତିଷ୍କର କ୍ଲାନ୍ତି ଦୂର ହୁଏ ଓ ହୃଦୟର ସ୍ୱାସ୍ଥ୍ୟ ମଧ୍ୟ ଠିକ୍ ରହେ। ଶରୀରରେ ସ୍ୱେଲିଂ କମ୍ ହୁଏ, ଜଏଣ୍ଟ ପେନ୍‌ରୁ ମଧ୍ୟ ମୁକ୍ତି ମିଳେ।

**କିସ୍‌ମିସ୍**- ଶରୀରରେ ପାଣିର ଅଭାବକୁ ଦୂର କରିବା ସହିତ ପାଚନ କ୍ରିୟାକୁ ସକ୍ରିୟ ରଖେ କିସ୍‌ମିସ୍। ବର୍ଷାଦିନେ ଗ୍ୟାସ୍, ଅପଚ କିମ୍ବା ଏସିଡିଟି ପରି ପେଟ ସହିତ ଜଡ଼ିତ ସମସ୍ୟା ଦେଖାଦିଏ। ଏପରି ସ୍ଥଳେ ଭିଜାଯାଇଥିବା କିସ୍‌ମିସ୍‌କୁ ଖାଇଲେ ଶରୀରକୁ ଲାଭ ମିଳିବ। ଏଥିରେ ଆୟରନ୍‌ର ଖୁବ୍ ଭଲ ସୋର୍ସ ଥାଏ।

ଏସବୁ ବ୍ୟତୀତ ପିସ୍ତା ଓ ମଖାନା ମଧ୍ୟ ଖାଇବା ଉଚିତ। ତେବେ ଡ୍ରାଏଫ୍ରୁଟ୍ସକୁ ଭିଜେଇ କିମ୍ବା ଅଳ୍ପ ଭାଜି ଖାଇଲେ ପାଚନ ପ୍ରକ୍ରିୟା ସହଜ ହେବ।

# ବିସ୍ଥାପନଙ୍କୁ ଥଇଥାନ ଦାବିରେ ସିଏମ୍‌ସି ସମ୍ମୁଖରେ ବିକ୍ଷୋଭ




**କଟକ,୩।୭/ଏନ୍‌ଏନ୍‌ଏସ୍:** ଜଗତପୁର ଆହାର କେନ୍ଦ୍ର ନିକଟରେ ଥିବା ବସ୍ତି ବାସିନ୍ଦାମାନଙ୍କୁ କୌଣସି ସୂଚନା ନଦେଇ ସିଏମ୍‌ସି ପ୍ରଶାସନ ବେଆଇନ ଭାବରେ ଉଚ୍ଛେଦ କରିଥିବାରୁ ସେମାନେ ପରିବାର ପିଲାଛୁଆଙ୍କୁ ଧରି ବର୍ଷା ଦିନରେ ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। ଏମାନଙ୍କ ମଧ୍ୟରୁ କିଛି ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏଣୁ ଏମାନଙ୍କୁ ତୁରନ୍ତ ଥଇଥାନ କରିବା ଓ ଆବଶ୍ୟକୀୟ କ୍ଷତିପୂରଣ ଯୋଗାଇଦେବା, ସ୍ଥାୟୀ ଜମିପଟ୍ଟା ପ୍ରଦାନ କରିବା, ଯେ ପର୍ଯ୍ୟନ୍ତ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରାନଯାଇଛି ସେହି ସ୍ଥାନରେ ତାଙ୍କର ରହିବାର ସୁଯୋଗ ଦେବା ଆଦି ଦାବି କରି ସିପିଆଇ ପକ୍ଷରୁ ଏକ ବିକ୍ଷୋଭ କଟକ ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁତାରିଫା ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଉଦୟ କେଶରୀ ବର୍ମା, ସିପିଆଇ ଜୋନାଲ୍ କମିଟି ସମ୍ପାଦକ ପରମାନନ୍ଦ ସ୍ୱାଇଁ, ବରିଷ୍ଠ ନେତା ଅମରେନ୍ଦ୍ର ମହାନ୍ତି, ସୁନାକର ବରାଳ, କୁନ୍ତୀ ଭୋଇ, ଉଷାରାଣୀ ସ୍ୱାଇଁ, ବିଦ୍ୟା ପ୍ରସନ୍ନ ମହାପାତ୍ର, ରମେଶ ନାୟକ, ରଥ ଚରଣ ସିଂ, କୈଳାସ ଚନ୍ଦ୍ର ବାରିକ, ଶେଖ ରିଜୁଆନ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବସ୍ତି ବାସିନ୍ଦାଙ୍କର ଏକ ପଟୁଆର ବାହାରି ସହର ପରିକ୍ରମା କରି ସିଏମ୍‌ସି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଶେଷରେ ସିଏମ୍‌ସି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଫିରିଙ୍ଗିବଜାରସ୍ଥିତ ବିବିଆଲମ୍‌ରେ ମହରମ ଉତ୍ସବ



**କଟକ,୩।୭/ଏନ୍‌ଏନ୍‌ଏସ୍:** ଫିରିଙ୍ଗିବଜାରସ୍ଥିତ ବିବିଆଲମ୍‌ଠାରେ ପବିତ୍ର ମହରମ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାର ଫିରିଙ୍ଗିବଜାର ପୂଜା କମିଟି ସମ୍ପାଦକ ତଥା ମହାନଗର ଶାନ୍ତି କମିଟି କୋଷାଧ୍ୟକ୍ଷ ନରେଶ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାନଗର ଶାନ୍ତି କମିଟି ଦେବେନ୍ଦ୍ର ନାଥ ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହରମ ପର୍ବ ହେଉଛି-କଟକ ସହର ଭାଇଚାରାର ଏକ ନିଦର୍ଶନ। କଟକ ସହରର ସବୁ ସମ୍ପ୍ରଦାୟର ଯାନିଯାତ୍ରାରେ ଉଭୟ ସମ୍ପ୍ରଦାୟ ଏକାଠି ହୋଇ ଏହାକୁ ସଫଳ କରାଇଥାନ୍ତି। ଏହି ସଭାରେ ସ୍ଥାନୀୟ ପୂଜା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ସମେତ ବଂଶୀଧର ସିଂହ, ପୂର୍ଣ୍ଣଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ସାହୁ ଓ ଇଶାଖ ଖାନ, କମଲେଶ ସାଗର, ଉପର-ତେଲେଙ୍ଗା ବଜାର ପୂଜା କମିଟି ସଭାପତି ରଞ୍ଜିତକେଶରୀ ଦାସ ଓ ଏକ୍ରାମ ହୁସେନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିବିଆଲମ କମିଟି ପକ୍ଷରୁ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ବାରିପଦା,୩।୭/ଏନ୍‌ଏନ୍‌ଏସ୍:** ରାଇରଙ୍ଗପୁର କଲେଜର ଅଧ୍ୟକ୍ଷ ପଦରୁ ଇଂରାଜୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଷ୍ଟାଫ୍ କ୍ଲବ୍ ଉପସଭାପତି ଅଧ୍ୟାପକ ପିତାମ୍ବର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ବୀରନାରାୟଣ ଚ୍ୟାଉପଟ୍ଟନାୟକ, ବାଣିଜ୍ୟ ବିଭାଗ ମୁଖ୍ୟ ବିଭୂତି ଭୂଷଣ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନ ମୁଖ୍ୟ ହେମନ୍ତ କୁମାର ଗିରି, ଓଡ଼ିଆ ବିଭାଗ ମୁଖ୍ୟ ଜିତେନ୍ଦ୍ର ମହାନ୍ତ, ବାଣିଜ୍ୟ ବିଭାଗ ଅଧ୍ୟାପିକା ମେନକା ମହାକୁଡ଼ ଓ ଓଡ଼ିଆ ଅଧ୍ୟାପିକା ଡଃ. ତନ୍ମୟୀ ରଥ ପ୍ରମୁଖ ବିଦାୟୀ ଅଭିଭାଷଣ ରଖିଥିଲେ। ପରେ ବିଦାୟୀ ଅଧ୍ୟକ୍ଷ ଶ୍ରୀ ଜେନା ଏବଂ ପିଟି ମେଜର୍ ହେମେନ୍ଦ୍ର ରାଉତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯିବା ସହ ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ପ୍ରାଧ୍ୟାପକ ମନୋହର ବାରିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ବିଦାୟୀ ଅଧ୍ୟକ୍ଷ ଶ୍ରୀ ଜେନା ଏକାଧାରରେ ଜଣେ ଶିକ୍ଷାବିତ୍, କ୍ରୀଡ଼ାବିତ୍, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ, କବି, ନାଟ୍ୟକାର, ଉପନ୍ୟାସକାର ଓ ସଂସ୍କୃତି ଗବେଷକ ଭାବେ ବହୁ କାର୍ଯ୍ୟ କରିଛନ୍ତି। ବାରିପଦା ଏବଂ ରାଇରଙ୍ଗପୁରର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ରହି ସକ୍ରିୟ ଭୂମିକା ତୁଲାଇ ଆସୁଛନ୍ତି। ଷ୍ଟାଫ୍ କ୍ଲବ୍ ସମ୍ପାଦକ ରାଜେଶ ରାମ ଧନ୍ୟବାଦ ଦେଇଥିଲେ।

# ଟ୍ରକ୍ ଧକ୍କାରେ ମହିଳା ହୋମଗାର୍ଡଙ୍କ ମୃତ୍ୟୁ

**କଟକ,୩।୭/ଏନ୍‌ଏନ୍‌ଏସ୍:** ଟ୍ରକ୍ ଧକ୍କାରେ ଜଣେ ମହିଳା ହୋମଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ମାଲଗୋଦାମ ଥାନାରେ କାର୍ଯ୍ୟରତ ମନୋରମା ପଣ୍ଡା (୫୬) ବୋଲି ଜଣାପଡ଼ିଛି। ଗୁରୁବାର ଅପରାହ୍ଣରେ ଡ୍ୟୁଟି ସାରି ପରିବା ନେଇ ସାଇକେଲ ଯୋଗେ ଫେରିବା ସମୟରେ ତାଳଦଣ୍ଡା କେନାଲ୍ ଅର୍ବାନ ହାଟ ଯିବା ରାସ୍ତାରେ ଏକ ଟ୍ରକ୍ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ମନୋରମା ତଳେ ପଡ଼ିଯିବା ବେଳେ ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ତେବେ ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେଠାରେ ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ରଖାଯାଇଛି। ଦୁର୍ଘଟଣାସ୍ଥଳରେ ଡିସିପି ଖିଲାରି ଋଷିକେଶ, ଏସିପି ଅରୁଣ ସ୍ୱାଇଁ, ଇନ୍ସପେକ୍ଟର୍ ରଜନୀ ଦାସ ପହଞ୍ଚି ଘଟଣା ସଂକ୍ରାନ୍ତରେ ଅନୁଧ୍ୟାନ କରିଥିଲା ବେଳେ ଟ୍ରକ୍ ଜବତ କରି ଓ ଚାଳକକୁ ଥାନାକୁ ଆଣାଯାଇ ପଚାଉଚରା କରାଯାଉଛି। ଏହି ରାସ୍ତାରେ ଦିନ ବେଳେ ଭାରିଯାନ ପ୍ରବେଶ ଉପରେ କଟକଣା ଥିବା ସତ୍ତ୍ୱେ ଭାରିଯାନ କିଭଳି ପ୍ରବେଶ କଲା ତାହାର ତଦନ୍ତ ଚାଲିଛି। ମନୋରମା ଜଣେ ଭଲ କର୍ମଚାରୀ ଥିଲେ। ତାଙ୍କର ଦୁଇ ପୁଅ ଅଛନ୍ତି। ସେ ତିନିଘରିଆ ଅଞ୍ଚଳରେ ପରିବାର ସହ ରହୁଥିଲେ। ଆବଶ୍ୟକୀୟ କ୍ଷତିପୂରଣ ପାଇଁ ସମସ୍ତ ସହଯୋଗ ଦିଆଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରି ଯୁବକ ଗିରଫ

**ସୋର,୩।୭/ଏନ୍‌ଏନ୍‌ଏସ୍:** ସୋର ଥାନା ଟେଣ୍ଟେଇ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ଅଭିଯୋଗରେ ସୋର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ବାସୁଦେବପୁର ଥାନା ପଡୁଆଁ ଅଞ୍ଚଳର ବିଜୟ ମଲିକ (୨୩) ଟେଣ୍ଟେଇ ଅଞ୍ଚଳର ଜଣେ ଯୁବତୀଙ୍କୁ ନିଜ ପ୍ରେମ ଜାଲରେ ଫସାଇ ତାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଏବଂ ଭିଡିଓ ଉତ୍ତୋଳନ କରିଥିଲେ। ପରେ ଯୁବତୀଙ୍କ ସହିତ ତାଙ୍କର ମନାନ୍ତର ହେବାରୁ ବିଜୟ ଉକ୍ତ ଫଟୋ ଏବଂ ଭିଡିଓକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେଇଥିଲେ। ଯୁବତୀ ଜଣଙ୍କ ଏହା ଜାଣିପାରି ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ବିଜୟଙ୍କୁ ପୁଲିସ ଗତକାଲି ରାତିରେ ଗିରଫ କରିଥିବା ଜଣାପଡ଼ିଛି।

## କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ସମାରୋହ

# ‘ଏକାଧାରାରେ କବି, ଗାଳ୍ପିକ, ଔପନ୍ୟାସିକ’

**କଟକ,୩।୭/ଏନ୍‌ଏନ୍‌ଏସ୍:** କାଳନ୍ଦୀଚରଣ ସବୁଜ ଚେତନାର ବାର୍ତ୍ତାବହ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଦର୍ଶାଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ପଦ୍ମଭୂଷଣ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ସମାରୋହରରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ସାରଳା ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ବିଚାରପତି ଡ.ମଦନମୋହନ ଦାସ ଉଦ୍‌ଘାଟନ କରିଥିଲାବେଳେ ପ୍ରାକ୍ତନ ମୁଖ୍ୟଶାସନ ସଚିବ ସହଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଡ. ଚିନ୍ମୟୀ ମହାପାତ୍ର ମୁଖ୍ୟବକ୍ତା ଓ ସାହିତ୍ୟିକ ଡ. ସତ୍ୟନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାଳନ୍ଦୀଚରଣ ଏକାଧାରାରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ନାଟ୍ୟକାର, ଗୀତିକାର, ଅନୁବାଦକ ଓ ପାଠ୍ୟପୁସ୍ତକର ଲେଖକ ଥିଲେ। ମାଟିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା ତାଙ୍କର କାଳଜୟୀ ଉପନ୍ୟାସ ବୋଲି ଅତିଥିମାନେ ଆଲୋଚନା କରିଥିଲେ। ପ୍ରଫେସର ଡ.ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସଞ୍ଜିତ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ନିର୍ମଳଚନ୍ଦ୍ର ପହି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଟକ,୩।୭/ଏନ୍‌ଏନ୍‌ଏସ୍:** ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ତରଫରୁ ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଦେବାଶିଷ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି ଶ୍ରୀ ମହାପାତ୍ରଙ୍କର ପଦାର୍ଥ ବିଜ୍ଞାନ ପାଠ୍ୟକ୍ରମରେ ପାରଦର୍ଶିତା, କାର୍ଯ୍ୟନିପୁଣତା ଓ ଅଧ୍ୟୟନ ବିଷୟରେ କହିଥିଲେ। ଶିକ୍ଷକ ସଂଘର ସଂପାଦକ ଡ. ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡ. ଦୈତ୍ୟାରୀ ଶୁକ୍ଳ ମାନପତ୍ର ପାଠ କରିଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଡ. ଦେବଯାନୀ ଦାଶ, ଡ. ଯୋଗଶଙ୍କର ମହାପ୍ରଶସ୍ତ, ଡ. ବିଜୟ ଭୂଷଣ ଆଚାର୍ଯ୍ୟ, ଶୋଭନ ପଣ୍ଡା, ଡ. ଆଲୋକ ମିଶ୍ର, ଡ. ସୁବ୍ରତ ସାମନ୍ତରାୟ, ଡ. ମୌସୁମୀ ମହାନ୍ତି, ଡ. ସଞ୍ଜିତ୍ ବିଶ୍ୱାସ ପ୍ରମୁଖ ଶ୍ରୀମହାପାତ୍ରଙ୍କର ଗୁଣାବଳୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ସହସମ୍ପାଦକ ଡ. ଦୀପକ କୁମାର ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ମାମଲା

# ଆଗୁଆ ଜାମିନ ମଞ୍ଜୁର କଲେ ହାଇକୋର୍ଟ



**କଟକ,୩।୭/ଏନ୍‌ଏନ୍‌ଏସ୍:** ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ବିଷ୍ଣୁପଦ ସେଠୀ ଓ ତାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି। ବିଷ୍ଣୁପଦଙ୍କ ପକ୍ଷରୁ ଆଗତ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଭି. ନରସିଂହ ତାଙ୍କ ଆବେଦନକୁ ଗୁରୁବାର ମଞ୍ଜୁର କରିଛନ୍ତି। ପରବର୍ତ୍ତି ଶୁଣାଣି ପାଇଁ ଜୁଲାଇ ୮ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ୍ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏଫଆଇଆରରେ ଆଇଏଏସ୍ ବିଷ୍ଣୁପଦଙ୍କ ନାମ ନଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛିଦିନ ପୂର୍ବେ ତାଙ୍କ ଘରେ ଚଢ଼ଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଆବେଦନ ଉପରେ ହାଇକୋର୍ଟ ପ୍ରାଥମିକ ଅବସ୍ଥାରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଜାରି କରିଥିଲେ। ମାତ୍ର ପରବର୍ତ୍ତି ସମୟରେ ହାଇକୋର୍ଟ ବିଷ୍ଣୁପଦଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ପୁଣି ବିଷ୍ଣୁପଦଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।

# ସୂଚନା ଅଧିକାର ଆଇନ ଉଲ୍ଲଙ୍ଘନ କରୁଛି ସିଏମ୍‌ସି

**କଟକ,୩।୭/ଏନ୍‌ଏନ୍‌ଏସ୍:** ସୂଚନା ଅଧିକାର ଅଧିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରୁଛି କଟକ ମହାନଗର ନିଗମ। ସିଏମ୍‌ସିରୁ ମିଳୁଛି ମିଥ୍ୟା, କପୋଳକଳ୍ପିତ, ଭିତ୍ତିହୀନ ତଥ୍ୟ। ବାରମ୍ବାର ମିଥ୍ୟା ତଥ୍ୟ ମିଳୁଥିବାରୁ ସୂଚନାକର୍ମୀଙ୍କ ଆଘାତ ଦେଉଛି ବୋଲି ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ ଆଣିଛନ୍ତି ସମାଜସେବୀ ସୁକାନ୍ତ ସେଠୀ। ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସିଏମ୍‌ସିର କେତେକ ଅଧିକାରୀ ଓ କର୍ମଚାରୀ ବାରମ୍ବାର ମିଥ୍ୟା ତଥ୍ୟ ପ୍ରଦାନ କରି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏହାର ଏକ ଉଦାହରଣ କେତେକ ଅଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବେଆଇନ ଭାବେ ହାତେଇଥିଲେ ମଧ୍ୟ ଏପରି କୌଣସି ହିତାଧିକାରୀ ଆବେଦନ କରିନାହାନ୍ତି କିମ୍ବା ଅଯୋଗ୍ୟଙ୍କୁ ଆବାସ ଯୋଜନା ଯୋଗାଇ ଦିଆଯାଇ ନାହିଁ ବୋଲି ବସ୍ତି ଉନ୍ନୟନ ଅଧିକାରୀ ସୂଚନା ଅଧିକାର ଜରିଆରେ ତଥ୍ୟ ପ୍ରଦାନ କରିଛନ୍ତି। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଶ୍ରୀ ସେଠୀ ଦାବି କରିଛନ୍ତି।

# ବ୍ରାହ୍ମଣ ମହାସଭାର ନୂତନ କର୍ମକର୍ତ୍ତା

**କଟକ,୩।୭/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ ମହାନଦୀ ବିହାର ଗୀତାୟନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୋଦ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆସନ୍ତା ୨ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ ହୋଇଥିଲା। ସଭାପତି ଭାବେ ବୈକୁଣ୍ଠନାଥ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ଇଂ. ମୁରଲୀଧର ହୋତା, ଉପସଭାପତି (ସାଧାରଣ) ସୁବାସ ଚନ୍ଦ୍ର ଶତପଥୀ, ଉପସଭାପତି (ସାଂସ୍କୃତିକ) ନିରଞ୍ଜନ ପାଢ଼ୀ, ଉପସଭାପତି (ଉନ୍ନୟନ ଓ ସମ୍ପ୍ରସାରଣ) ମହେନ୍ଦ୍ରନାଥ ପଣ୍ଡା ଏବଂ ସାଧାରଣ ସମ୍ପାଦକ ନରସିଂହ ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ପୂର୍ବରୁ ଗଠନ ହୋଇଥିବା କମିଟିର ଚେୟାରମ୍ୟାନ ଇଂ. ଯଦୁନାଥ ମହାପାତ୍ର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ଶପଥପାଠ କରାଇଥିଲେ। ପୂର୍ବତନ ସମ୍ପାଦକ ସୁଜିତାଭ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ଜାମିନ

**କଟକ,୩।୭/ଏନ୍‌ଏନ୍‌ଏସ୍:** ଲାଞ୍ଚ ନେବା ଘଟଣାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପୂର୍ବତନ ଉପ ନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀଙ୍କୁ ଗୁରୁବାର ଓଡ଼ିଶା ହାଇକୋର୍ଟ ସର୍ତ୍ତମୂଳକ ଜମେିନ ପ୍ରଦାନ କରିଛନ୍ତି। ରଘୁବଂଶୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ତାଙ୍କୁ ୧୦ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏହା ପରେ ସେ ଅଦାଲତରେ ହାଜର ହେବାକୁ ଆଦେଶରେ କୁହାଯାଇଛି। ସୂଚନାଥାଉକି ଭୁବନେଶ୍ୱରରୁ ଜଣେ ଖଣି ବ୍ୟବସାୟୀଙ୍କ ନିକଟରୁ ୨୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍ (ଆଇଆର୍‌ଏସ୍) ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଗିରଫ କରିଥିଲା। ସେ ୨ କୋଟି ଲାଞ୍ଚ ଦାବି କରିଥିବାବେଳେ ୨୦ ଲକ୍ଷ ଟଙ୍କା ଗ୍ରହଣ କରିବା ସମୟରେ ସିବିଆଇ ହାତରେ ଧରାପଡ଼ିଥିଲେ। ଏହି ମାମଲାରେ ରଘୁବଂଶୀକୁ ରିମାଣ୍ଡରେ ନେବାକୁ ସିବିଆଇକୁ ଅଦାଲତ ୧୪ ଦିନ ପାଇଁ ଅନୁମତି ଦେଇଥିଲେ।

# ଏକ୍ସପ୍ରେସ୍ ଟ୍ରେନ୍ ଶୌଚାଳୟରୁ ଅଜଣା ଶବ ଉଦ୍ଧାର

**କଟକ,୩।୭/ଏନ୍‌ଏନ୍‌ଏସ୍:** କଟକ ରେଳବାଇ ପୁଲିସ (ଜିଆର୍‌ପି) ଆଜି ଏକ ଏକ୍ସପ୍ରେସ୍ ଟେନ୍‌ର ଶୌଚାଳୟରୁ ଅଜଣା ମୃତଦେହ ଉଦ୍ଧାର କରିଛି। ଜିଆରପି ସୂଚନା ମୁତାବକ, ୧୨୫୦୭ ଆରୋନାଇ ଏକ୍ସପ୍ରେସ୍‌ର ଏସ୍-୭ ବଗିର ଗୋଟିଏ ଶୌଚାଳୟରୁ ମୃତଦେହଟି ଝୁଲନ୍ତା ଅବସ୍ଥାରେ ମିଳିଥିଲା। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ଜିଆର୍‌ପି ସୂଚନା ଦେଇଛନ୍ତି। ତାଙ୍କୁ ପ୍ରାୟ ୪୦ ବର୍ଷ ବୟସ ହୋଇଥିବା ଅନୁମାନ କରାଯାଇଛି। ମୃତଦେହ ଉଦ୍ଧାର କରିବା ପରେ ଜିଆର୍‌ପି ପୋଷ୍ଟମର୍ଟମ୍ ପାଇଁ କଟକ ବଡ଼ ମେଡିକାଲକୁ ପଠାଇ ତଦନ୍ତ ଆରମ୍ଭ କରିଛି। ସେ ଶୌଚାଳୟରେ ଫାଶିଦେଇ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି।

# ମହଲ୍ଲା ନୌଯାଓ୍ୱାନ କମିଟି ପକ୍ଷରୁ ସହାୟତା




**କଟକ,୩।୭/ଏନ୍‌ଏନ୍‌ଏସ୍:** ପେନସନ ଲେନ୍ ମହଲ୍ଲା ନୌଯାଓ୍ୱାନ କମିଟି ସଂପାଦକ ସେକ ଗୁଲାମମୋଇଦ୍ଦିନଙ୍କ ଆହ୍ୱାନ କ୍ରମେ ଏକ ଜରୁରୀ ବୈଠକ ସ୍ଥାନୀୟ ପେନ୍‌ସନ୍ ଲେନ୍‌ଠାରେ ଗୁରୁବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ କିପରି ଆମ କମିଟି ଗରିବ ଅସହାୟମାନଙ୍କୁ ସାହାଯ୍ୟ କରିବା ସହିତ ବିଭିନ୍ନ ଜନହିତକର କାର୍ଯ୍ୟ କରିବ ସେଥିପାଇଁ କମିଟି କାମ କରିବା ବୋଲି ଶ୍ରୀ ମୋଇଦ୍ଦିନ କହିଥିଲେ। ଏହି ଅବସରରେ ପେନ୍‌ସନ୍ ଲେନ୍ ସାହିରେ ବସବାସ କରୁଥିବା ଦୃଷ୍ଟିହୀନ ବି.ରାଜୁଙ୍କୁ କିଛି ଆର୍ଥିକ ସହାୟତା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପେନ୍‌ସନ୍ ଲେନ୍ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଉପ ସଭାପତି ଇମ୍ରାନ ଖାନ, ଯୁଗ୍ମ ସଂପାଦକ ଅବଦୁଲ ସାହିଦ, କୋଷାଧକ୍ଷ ସେକ ଖାଲିଦ ରହେମାନ, ସେକ ଜାବିର, ମୌଷର ଅଲି, ସେକ ସଲାମତ ଅଲ୍ଲୀ, ମହମ୍ମଦ ସାଫିଆ, ସେକ ଜାବିର ବକ୍ସ, ଉସ୍ମାନ ଖାନ, ସେକ ନସିମ, ସେକ ରମଯାନୀ ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ସହରରେ ଜଳବନ୍ଦୀ ସମସ୍ୟା

# ବିରକ୍ତି ପ୍ରକାଶ କଲେ ହାଇକୋର୍ଟ, ଜବାବ ଦାଖଲ ନିର୍ଦ୍ଦେଶ

**କଟକ,୩।୭/ଏନ୍‌ଏନ୍‌ଏସ୍:** କଟକରେ ଦେଖାଦେଉଥିବା ଜଳବନ୍ଦୀ ସମସ୍ୟାକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ଦିଗରେ କ’ଣ ପଦକ୍ଷେପ ନିଆଯାଇପାରିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ସିଏମ୍‌ସି ସିଟି ଇଞ୍ଜିନିୟରଙ୍କୁ ଜଳବନ୍ଦୀର ନିର୍ଦ୍ଦିଷ୍ଟ କାରଣ କ’ଣ, ତା ଉପରେ ଜବାବ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ସମ୍ପର୍କିତ ମାମଲାର ଆଜି ହାଇକୋର୍ଟରେ ଶୁଣାଣି ହୋଇଥିଲା। ଏସ୍‌ସିବି ମେଡିକାଲ, ସତ୍ୟବ୍ରତ ଷ୍ଟାଡିୟମ୍, ରିଂଗ ରୋଡ୍‌ର ଦୁରାବସ୍ଥା ସମ୍ପର୍କରେ ଆଡ୍‌ଭୋକେଟ୍ କମିଟି ହାଇକୋର୍ଟର ତଥ୍ୟ ଉପସ୍ଥାପନ କରିଛି। ତେବେ ବର୍ତ୍ତମାନ ବର୍ଷା କାରଣରୁ କଟକ ସହରରେ ସଙ୍ଗୀନ ଅବସ୍ଥାକୁ ନେଇ କୋର୍ଟ ବିରକ୍ତି ପ୍ରକାଶ କରିଛନ୍ତି। ମାତୃଭବନଠାରୁ ମତଗଜପୁର ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ମୁଖ୍ୟ ନର୍ଦ୍ଦମାରେ ଜଳ ନିଷ୍କାସନ ହୋଇ ପାରୁନଥିବା କାରଣରୁ ଜଳବନ୍ଦୀ ଭଳି ସମସ୍ୟା ଦେଖାଦେଉଛି ବୋଲି ସିଏମ୍‌ସି ପକ୍ଷରୁ ସଫେଇ ଦିଆଯାଇଛି। ତେବେ ଓପିଟିସିଏଲ୍, ସିଏମ୍‌ସି, ୱାଟ୍‌କୋ ଏବଂ ରେଳ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ କରାଇବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।



# ଇତିହାସ ରଚିଲେ ଶୁଭମନ ଗିଲ୍

## ଇଂଲଣ୍ଡରେ ଦ୍ୱିଶତ ହାସଲରେ ପ୍ରଥମ ଭାରତୀୟ କ୍ୟାପ୍ଟେନ୍

**ବର୍ମିଂହାମ୍,୩।୭/ଏଜେନ୍ସି:** ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଦ୍ୱିଶତକ ହାସଲ କରି ଏକ ବଡ଼ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ୧୧୪ ରନ୍‌ରେ ଅପରାଜିତ ଥିବା ଗିଲ୍ ଦ୍ୱିତୀୟ ଦିନ ୨୬୯ ରନ୍ କରି ଆଉଟ୍ ହୋଇଛନ୍ତି। ଇଂଲଣ୍ଡ ମାଟିରେ କୌଣସି ଭାରତୀୟ ଟେଷ୍ଟ କ୍ୟାପ୍ଟେନ୍ ଦ୍ୱିଶତକ ହାସଲ କରିବା ଏହା ଭରତର ଟେଷ୍ଟ ଇତିହାସରେ ପ୍ରଥମ ଘଟଣା। ଗିଲ୍‌ଙ୍କ ପୂର୍ବରୁ କୌଣସି ଭାରତୀୟ ଟେଷ୍ଟ କ୍ୟାପ୍ଟେନ୍ ଇଂଲଣ୍ଡରେ ଦ୍ୱିଶତକ କରିପାରି ନାହାନ୍ତି। ଏହା ପୂର୍ବରୁ ମହମ୍ମଦ ଆଝାରୁଦ୍ଦିନ୍ ୧୯୯୦ ଇଂଲଣ୍ଡରେ ୧୭୯ ରନ୍‌ର ଇନିଂସ୍ ଖେଳିଥିଲେ। ଏବେ ଗିଲ୍ ତାଙ୍କ ରେକର୍ଡ ଧ୍ୱସ୍ତ କରିବା ସହିତ ଆଗକୁ ବଢ଼ିଛନ୍ତି।

ସେହିପରି ଗିଲ୍ ବିଦେଶ ମାଟିରେ ସବୁଠୁ ବଡ଼ ଇନିଂସ୍ ଖେଳିବାରେ ଭାରତୀୟ କ୍ୟାପ୍ଟେନ୍ ହୋଇଛନ୍ତି। ଗିଲ୍‌ଙ୍କ ପୂର୍ବରୁ ବିଦେଶ ମାଟିରେ ଭାରତୀୟ କ୍ୟାପ୍ଟେନ୍ ଭାବେ ସବୁଠୁ ବଡ଼ ଟେଷ୍ଟ ଇନିଂସ୍ ଖେଳିବା ରେକର୍ଡ ବିରାଟ କୋହଲିଙ୍କ ନାମରେ ଥିଲା। କୋହଲି ୨୦୧୬ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ସେଠାରେ ୨୦୦ ରନ୍‌ର ଇନିଂସ୍ ଖେଳିଥିଲେ। ସେତେବେଳେ ସେ ଟିମ୍ ଇଣ୍ଡିଆ କ୍ୟାପ୍ଟେନ୍ ଥିଲେ।

# ରବୀନ୍ଦ୍ର ଜାଡ଼େଜାଙ୍କ କୀର୍ତ୍ତିମାନ



## ୨୦୦୦ ରନ୍ ଓ ୧୦୦ ୱିକେଟ୍‌ରେ ପ୍ରଥମ ଖେଳାଳି

ଭାରତୀୟ ଅଲ୍‌ରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି, ଯାହା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି)ରେ କେହି କରିପାରି ନାହାନ୍ତି। ପ୍ରଥମ ଇନିଂସ୍‌ରେ ୧୩୭ ବଲ୍‌ରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୯ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିବା ଜାଡ଼େଜା ୨୦୦୦ ରନ୍ ପୂରଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍‌ରେ ୪୧ ଟେଷ୍ଟ ଖେଳିଥିବା ଜାଡ଼େଜାଙ୍କ ନାମରେ ୨୦୧୦ ରନ୍ ହୋଇଛି। ଏହା ମଧ୍ୟରେ ୩ ଶତକ ଓ ୧୩ ଅର୍ଦ୍ଧଶତକ ସାମିଲ। ଏହା ବ୍ୟତୀତ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍‌ରେ ସେ ୧୦୦ ୱିକେଟ୍ ମଧ୍ୟ ନେଇଛନ୍ତି। ଡବ୍ଲ୍ୟୁଟିସି ଇତିହାରେ ୨୦୦୦ ରନ୍ କରିବା ଏବଂ ୧୦୦ ୱିକେଟ୍ ନେବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଛନ୍ତି।

# ଶଙ୍କର ଦତ୍ତ ରାୟଙ୍କ ପରଲୋକରେ ଫାଓର ଶୋକ



**କଟକ,୩।୭/ଏନ୍ଏନ୍ଏସ୍:** ପୂର୍ବତନ ଜାତୀୟ ଫୁଟ୍‌ବଲର୍ ଶଙ୍କର ଦତ୍ତ ରାୟଙ୍କର ଗୁରୁବାର ୮୪ ବର୍ଷ ବୟସରେ ପରଲୋକ ଘଟିଛି। ଦାଦା ଭାବେ ଜଣାଶୁଣା ଶଙ୍କର ଦତ୍ତ ରାୟଙ୍କ ପରଲୋକରେ ଫୁଟ୍‌ବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ପଦାଧିକାରୀ ତଥା ସଦସ୍ୟମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଫାଓ ପକ୍ଷରୁ ପକ୍ଷରୁ ପ୍ରାର୍ଥନା କରାଯିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ପ୍ରଦାନ କରାଯାଇଛି। ସ୍ୱର୍ଗତ ଦତ୍ତ ରାୟ ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ସିନିୟର ପୁରୁଷ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ଏବଂ ରାଜ୍ୟରେ ଫୁଟବଲ୍‌ର ବିକାଶରେ ତାଙ୍କର ଅପାର ଅବଦାନ ରହିଥିଲା। ସ୍ୱର୍ଗତ ଦତ୍ତ ରାୟ ଓଡ଼ିଶା ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) କାର୍ଯ୍ୟାଳୟରୁ ଅବସର ନେଇଥିଲେ। ତାଙ୍କର ଦୁଇ ଝିଅ ଅଛନ୍ତି।

## ଦ୍ୱିତୀୟ ଟେଷ୍ଟ: ଗିଲ୍‌ଙ୍କ ରେକର୍ଡ ଦ୍ୱିଶତକ, ଯଶସ୍ୱୀ-ଜାଡ଼େଜାଙ୍କ ଅର୍ଦ୍ଧଶତକ

# ପ୍ରଥମ ଇନିଂସ୍‌ରେ ଭାରତର ୫୮୭ ରନ୍

**ବର୍ମିଂହାମ୍,୩।୭/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ଏଜ୍‌ବାଷ୍ଟନ୍ ଗ୍ରାଉଣ୍ଡରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତ ପ୍ରଥମ ଇନିଂସ୍‌ରେ ବିଶାଳ ୫୮୭ ରନ୍ କରିଛି। ଟିମ୍ ପକ୍ଷରୁ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ୨୬୯ ରନ୍‌ର ଦ୍ୱିଶତକୀୟ ଇନିଂସ୍ ଖେଳିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ୍ ୮୭ ଓ ରବୀନ୍ଦ୍ର ଜାଡ଼େଜା ୮୯ ରନ୍‌ର ଅର୍ଦ୍ଧଶତକ

## ଇଂଲଣ୍ଡ ପ୍ରଥମ ଇନିଂସ୍ ୭୭/୩

କରିଛନ୍ତି। ଜବାବରେ ଇଂଲଣ୍ଡ ପ୍ରଥମ ଦିନର ଖେଳ ଶେଷ ବେଳକୁ ଇନିଂସ୍‌ରେ ୩ ୱିକେଟ୍ ହରାଇ ୭୭ ରନ୍ କରି ୫୧୦ ରନ୍ ପଛରେ ରହିଛି। ଦ୍ୱିତୀୟ ଦିନର ଷ୍ଟମ୍ପ ବେଳକୁ ଜୋ ରୁଟ୍ ୧୮ ଏବଂ ହ୍ୟାରୀ ବ୍ରୁକ୍ ୩୦ ରନ୍‌ରେ ଅପରାଜିତ ରହିଥିଲେ।

ଇଂଲଣ୍ଡର ପ୍ରଥମ ଇନିଂସ୍ ଆରମ୍ଭ ଭଲ ନଥିଲା। ୧୩ ରନ୍‌ର ସ୍କୋର୍‌ରେ ଟିମ୍‌କୁ ଲଗାତାର ଦୁଇଟି ଝଟ୍‌କା ଲାଗିଥିଲା। ତୃତୀୟ ଓଭର୍‌ରେ ଆକାଶ ଦୀପ ପ୍ରଥମ ଟେଷ୍ଟର ଶତକଧାରୀ ବେନ୍ ଡକେଟ୍ ଓ ଓଲି ପୋପ୍‌ଙ୍କୁ ଚତୁର୍ଥ ଓ ପଞ୍ଚମ ବଲ୍‌ରେ ପ୍ୟାଭିଲିୟନ୍ ଫେରାଇଥିଲେ। ଉଭୟ ଖାତା ମଧ୍ୟ ଖୋଲିପାରି ନଥିଲେ। ସ୍କୋର୍‌ରେ ଆଉ ୧୨ ରନ୍ ଯୋଗହେବା ପରେ ଜ୍ୟାକ୍ କ୍ରାଲିଙ୍କୁ କରୁଣ ନାୟର୍‌ଙ୍କ ହାତରେ କ୍ୟାଚ୍ କରାଇ ମହମ୍ମଦ ସିରାଜ୍ ଇଂଲିଶ ଟିମ୍‌କୁ ୩ୟ ଝଟ୍‌କା ଦେଇଥିଲେ। କ୍ରାଲି ୧୯ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍ ଆଉ କୌଣସି ୱିକେଟ୍ ହରାଇବାକୁ ଦେଇନଥିଲେ। ଉଭୟଙ୍କ ମଧ୍ୟରେ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୫୨ ରନ୍‌ର ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ହୋଇଥିଲା।

ଗୁରୁବାର ଦ୍ୱିତୀୟ ଦିନ ୩୧୦/୫ ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆରମ୍ଭ କରିଥିବା ଭାରତ ଆଉ ୨୭୭ ରନ୍ ଯୋଡ଼ିବା ପରେ ଶେଷ ୫ ୱିକେଟ୍ ହରାଇଥିଲା। ଦ୍ୱିତୀୟ ଦିନ ରବୀନ୍ଦ୍ର ଜାଡ଼େଜା ଓ କ୍ୟାପ୍ଟେନ୍ ଶୁଭମନ ଗିଲ୍



ଚମତ୍କାର ବ୍ୟାଟିଂ କରିଥିଲେ। ପୂର୍ବଦିନ ୪୧ ରନ୍‌ରେ ଅପରାଜିତ ଥିବା ଜାଡ଼େଜା ୮୦ ରନ୍‌ରେ ୬ ଚୌକା ସହାୟତାରେ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ଶତକ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜୋଶ୍ ଟଙ୍ଗଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଆଉଟ୍ ବେଳକୁ ଜାଡ଼େଜା ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୯ ରନ୍ କରିଥିଲେ। ଗିଲ୍‌ଙ୍କ ସହ ସେ ୬ଷ୍ଠ ୱିକେଟ୍ ପାଇଁ ୨୦୬ ରନ୍‌ର ପାର୍ଟନରଶିପ୍ କରିଥିଲେ। ସେହିପରି ୧୧୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିବା ଗିଲ୍ ୨୬୩ ବଲ୍‌ରେ ୧୫୦ ରନ୍ ପୂରଣ କରିଥିଲେ। ଏହାପରେ ୩୧୧ ବଲ୍‌ରେ ଦ୍ୱିଶତକ ପୂରଣ କରିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଦ୍ୱିଶତକ ଥିଲା। ସେ ୱାଶିଂଟନ୍ ସୁନ୍ଦରଙ୍କ ସହ ୭ମ ୱିକେଟ୍ ପାଇଁ ୧୪୪ ରନ୍‌ର ପାର୍ଟନରଶିପ୍ କରିଥିଲେ। ସୁନ୍ଦର ୪୨ ରନ୍ କରି ଜୋ ରୁଟ୍‌ଙ୍କ ବଲ୍‌ରେ ବୋଲ୍ଡ ଆଉଟ୍ ହୋଇଥିଲେ। ଏହାପରେ ଗିଲ୍ ୨୬୯ ରନ୍‌ରେ ଜୋଶ୍ ଟଙ୍ଗଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ତାଙ୍କ ୩୮୭ ବଲ୍‌ର ଇନିଂସ୍‌ରେ ୩୦ ଚୌକା ଓ ୩ ଛକା ସାମିଲ ଥିଲା। ଆକାଶ ଦୀପ ୬ ରନ୍ ଓ ମହମ୍ମଦ ସିରାଜ୍ ୮ ରନ୍ କରି ଶେଷରେ ଆଉଟ୍ ହୋଇଥିଲେ। ପ୍ରସିଦ୍ଧ କ୍ରିଷ୍ଣା ୫ ରନ୍‌ରେ ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ୍ ବଶୀର୍ ୩ଟି ୱିକେଟ୍ ନେଇଥିବା ବେଳେ କ୍ରିସ୍ ୱୋକ୍ସ ଓ ଜୋଶ୍ ଟଙ୍ଗଙ୍କୁ ୨-୨ ୱିକେଟ୍ ମିଳିଥିଲା। ବ୍ରାୟଡନ୍ କାର୍ସ ଓ ବେନ୍ ଷ୍ଟୋକ୍ସଙ୍କୁ ୧-୧ ସଫଳତା ମିଳିଥିଲା।

## ହକି ଏସିଆ କପ୍ ଓ ଜୁନିୟର ବିଶ୍ୱକପ୍

# ଭାରତରେ ପାକିସ୍ତାନ ହକି ଦଳର ଅଂଶଗ୍ରହଣକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩।୭/ଏଜେନ୍ସି:** ବିହାରର ରାଜଗିରରେ ହେବାକୁ ଥିବା ଆଗାମୀ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଏବଂ ତାମିଲନାଡୁର ମଦୁରାଇରେ ହେବାକୁ ଥିବା ଏଫ୍ଆଇଏଚ୍ ପୁରୁଷ ଜୁନିଅର ବିଶ୍ୱକପ୍ ପାଇଁ ଭାରତ ସରକାର ପାକିସ୍ତାନ ହକି ଦଳର ଅଂଶଗ୍ରହଣକୁ ମଞ୍ଜୁରୀ ଦେଇଛନ୍ତି। ସୂଚନା ଅନୁସାରେ ବୈଦେଶିକ ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟରୁ ଅନୁମତି ମିଳିଛି ଏବଂ ପାକିସ୍ତାନ ହକି ଖେଳାଳିଙ୍କ ଭିସା ପ୍ରକ୍ରିୟା ଆରମ୍ଭ ହୋଇଛି। ଆୟୋଜକ ହକି ଇଣ୍ଡିଆକୁ ଏହା ମଧ୍ୟ ଜଣାଇ ଦିଆଯାଇଛି।

ଏହି ନିଷ୍ପତ୍ତି ଅଲିମ୍ପିକ୍ ଚାର୍ଟରର ନିୟମ ପାଳନ ସହିତ ରାଜନୀତିଠାରୁ କ୍ରୀଡ଼ାକୁ ଦୂରେଇ ରଖିବା ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶବିଶେଷ। ଯଦି ଭାରତ ଦୁଇଟି ହକି ଇଭେଣ୍ଟ ପାଇଁ ପାକିସ୍ତାନ ଦଳର ଅଂଶଗ୍ରହଣକୁ ଅନୁମତି ଦେଇନଥାନ୍ତା, ତେବେ ଏହା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଠାରୁ ମଞ୍ଜୁରୀ ପାଇଥାନ୍ତା।


ହକି ଏସିଆ କପ୍ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ରାଜଗିରରେ ଖେଳାଯିବ। ସେହିପରି ଜୁନିଅର ବିଶ୍ୱକପ୍ (୨୧ ବର୍ଷରୁ କମ୍)ର ୧୪ଶ ସଂସ୍କରଣ ଚେନ୍ନାଇର ମେୟର ରାଧାକୃଷ୍ଣନ୍ ଷ୍ଟାଡିୟମ ଏବଂ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ୨୪ଟି ଦଳ ଅଂଶଗ୍ରହଣ କରିବେ।

ଖେଳ ମନ୍ତ୍ରଣାଳୟର ଜଣେ ଅଧିକାରୀ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ କହିଛନ୍ତି, ଆମେ ଦ୍ୱିପାକ୍ଷିକ ସିରିଜ୍‌କୁ ବିରୋଧ କରୁଛୁ। କିନ୍ତୁ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଆମେ କୌଣସି ଦଳକୁ ଭାରତ ଆସିବାକୁ ରୋକିପାରିବୁ ନାହିଁ। ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳ ମଧ୍ୟରେ ଏସିଆ କପ୍ ମ୍ୟାଚ୍ ସମ୍ପର୍କରେ ଅଧିକାରୀ ଜଣକ କହିଛନ୍ତି ବିସିସିଆଇ ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ ସରକାରଙ୍କ ସହିତ କଥାବାର୍ତ୍ତା କରିନାହିଁ। ବୋର୍ଡ କଥାବାର୍ତ୍ତା କରିବା ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ।

ଏସିଆ କପ୍ ହକିରେ ପାକିସ୍ତାନ ଦଳର ଅଂଶଗ୍ରହଣକୁ ଭାରତ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଥିବା ବେଳେ ପାକିସ୍ତାନ ହକି ମହାସଂଘ ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ପଠାଇବ କି ନାହିଁ ଏ ସମ୍ପର୍କରେ କୌଣସି ବୟାନ ଦେଇନାହିଁ। ତେବେ ମହାସଂଘ ନିଜକୁ ଟୁର୍ଣ୍ଣାମେଣ୍ଟରୁ ଅଲଗା ମଧ୍ୟ କରିନାହିଁ। ଫଳରେ ଦଳ ଖେଳିବାକୁ ଭାରତ ଆସିପାରେ ବୋଲି ଅନୁମାନ କରାଯାଉଛି।

ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ପରବର୍ତ୍ତୀ ସମୟରେ ସୀମା ଆରପାରିରେ ଆତଙ୍କବାଦୀ ଆଡ୍ଡା ବିରୁଦ୍ଧରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂର ପରେ ପାକିସ୍ତାନର ଅଂଶଗ୍ରହଣ ଅନିଶ୍ଚିତ ଥିଲା।

# ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା: ଓଡ଼ିଶାକୁ ୪ ସ୍ୱର୍ଣ୍ଣ



**ଭୁବନେଶ୍ୱର,୩।୭/ଏନ୍ଏନ୍ଏସ୍:** ଆମେରିକାର ବର୍ମିଂହାମ୍‌ରେ ଚାଲିଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ରେ ଓଡ଼ିଶା ପୁଲିସର ଆଥ୍‌ଲେଟମାନେ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଚାଲିଛନ୍ତି। ଗୁରୁବାର, ଚାରିଜଣ କନ୍‌ଷ୍ଟେବଲ ଟ୍ରାକ୍ ଆଣ୍ଡ ଫିଲ୍ଡ ଏବଂ କରାଟେରେ ସ୍ୱର୍ଣ୍ଣ ପଦକ ଜିତି ବିଶ୍ୱ ସ୍ତରରେ ଅସାଧାରଣ କ୍ରୀଡ଼ା ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି।

କନ୍‌ଷ୍ଟେବଲ ଅଶୋକ ଦଣ୍ଡସେନା ୧୫୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ବିଜେତା ହୋଇଛନ୍ତି। ଏହା ଟୁର୍ଣ୍ଣାମେଣ୍ଟରେ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ୮୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରି ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କନ୍‌ଷ୍ଟେବଲ ସୁସ୍ମିତା ଟିଗା ୧୫୦୦ ମିଟର (ମହିଳା ବର୍ଗ)ରେ ସ୍ୱର୍ଣ୍ଣ ପଦକ ଜିତି ଟୁର୍ଣ୍ଣାମେଣ୍ଟରେ ନିଜର ସଫଳତା ଦୋହରାଇଛନ୍ତି। ପୂର୍ବରୁ ସେ ମହିଳା ୮୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିଲେ।

ସେହିପରି ମାର୍ଶାଲ୍ ଆର୍ଟରେ କନ୍‌ଷ୍ଟେବଲ ଭଗବାନ ରେଡ୍ଡୀ ୬୪ କିଲୋଗ୍ରାମରୁ କମ୍ କରାଟେ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କନ୍‌ଷ୍ଟେବଲ ସୁମନ ଶେଖର ଦାସ ୮୪ କିଲୋଗ୍ରାମରୁ କମ୍ କରାଟେ ବର୍ଗରେ ଶ୍ରେଷ୍ଠ ସମ୍ମାନ ହାସଲ କରିଛନ୍ତି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପୁଲିସ୍ ପ୍ରତିଯୋଗୀଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହା ବ୍ୟତୀତ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ପ୍ରଦର୍ଶନର ପ୍ରଶଂସା କରିଛନ୍ତି।


# କାର୍ ଦୁର୍ଘଟଣାରେ ଫୁଟ୍‌ବଲର୍‌ଙ୍କ ମୃତ୍ୟୁ

**ମାଡ୍ରିଡ୍,୩।୭/ଏଜେନ୍ସି:** ୟୁରୋପୀୟ ଫୁଟ୍‌ବଲ୍ କ୍ଲବ୍ ଲିଭରପୁଲ୍‌ର ୨୮ ବର୍ଷୀୟ ଫରୱାର୍ଡ ଖେଳାଳି ଡିଏଗୋ ଜୋଟାଙ୍କର ଗୁରୁବାର ଏକ କାର୍ ଦୁର୍ଘଟଣାରେ ଦୁଃଖଦ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଡିଏଗୋଙ୍କ ସାନଭାଇ ଆନ୍ଦ୍ରେ ଜୋଟା ମଧ୍ୟ ମୃତ୍ୟୁବରଣ କରିଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨୨ ତାରିଖରେ ଡିଏଗୋଙ୍କ ବିବାହ ରୁଥ୍ କାରଡୋସୋଙ୍କ ସହିତ ହୋଇଥିଲା। ଏହି କାର୍ ଦୁର୍ଘଟଣା ସ୍ପେନ୍‌ର ଜମୋରା ସହରରେ ସ୍ଥାନୀୟ ସମୟ ରାତି ୧୨ଟା ୪୦ ମିନିଟ୍‌ରେ ଘଟିଥିଲା। କାର୍‌ଟି ଅନାଚକ ନିୟନ୍ତ୍ରଣ ହରାଇବା ସହିତ ଏଥିରେ ନିଆଁ ଲାଗିଯାଇଥିଲା। ଫଳରେ ଡିଏଗୋ ଓ ଆନ୍ଦ୍ରେଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଆନ୍ଦ୍ରେ ମଧ୍ୟ ଜଣେ ପେସାଦାର ଫୁଟ୍‌ବଲର୍ ଏବଂ ପର୍ତ୍ତୁଗାଲ୍‌ର ସେକେଣ୍ଡ ଲିଗ୍‌ରେ ପେନାଫେଲ୍‌ର ପ୍ରତିନିଧିତ୍ୱ କରୁଥିଲେ। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ଦୁଇଭାଇ ଏକ ଲାମ୍ବୋର୍ଗିନି କାର୍‌ରେ ଯାତ୍ରା କରୁଥିଲେ ଏବଂ ଓଭରଟେକ୍ କରିବା ସମୟରେ କାର୍‌ର ଟାୟର୍ ଫାଟିଯିବା ପରେ କାର୍‌ରେ ନିଆଁ ଲାଗିଯାଇଥିଲା। ପର୍ତ୍ତୁଗାଲ୍ ଫୁଟ୍‌ବଲ୍ ମହାସଂଘ ଡିଏଗୋ ଓ ଆନ୍ଦ୍ରେଙ୍କ ମୃତ୍ୟୁର ପୁଷ୍ଟି କରିଥିବାବେଳେ ଗଭୀର ଶୋକବ୍ୟକ୍ତି କରିଛି।




## ୱିମ୍ବଲଡନ୍: ଆଗେଇଲେ ରିବାକିନା, ଆନ୍ଦ୍ରିଭା

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ଡି ମିନୌର୍



**ଲଣ୍ଡନ,୩।୭/ଏଜେନ୍ସି:** ସାତ ଥରର ୱିମ୍ବଲଡନ୍ ଚାମ୍ପିଅନ୍ ନୋଭାକ୍ ଜୋକୋଭିଚ୍ କ୍ୟାରିୟର୍‌ର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଆଡ଼କୁ ଆଉ ପାଦେ ବଢ଼ିଛନ୍ତି। ଗୁରୁବାର ଜୋକୋଭିଚ୍ ସ୍ଥାନୀୟ ଖେଳାଳି ଡାନ୍ ଇଭାନ୍ସଙ୍କୁ ୬-୩, ୬-୨, ୬-୦ ସିଧା ସେଟ୍‌ରେ ହରାଇ ଚଳିତ ୱିମ୍ବଲଡନ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍‌ଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନୌର୍, ଗ୍ରୀଗୋର୍ ଦିମିତ୍ରୋଭ୍, ସ୍ପେନ୍‌ର ଜାଉମେ ମୁନାର୍ ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଲ୍‌ଗେରିଆ ଖେଳାଳି ଦିମିତ୍ରୋଭ୍ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର କୋରେଣ୍ଟିନ୍ ମୋଉଟେଟ୍‌ଙ୍କୁ ୭-୫, ୪-୬, ୭-୫, ୭-୫ରେ ହରାଇଛନ୍ତି। ସେହିପରି ୧୧ଶ ସିଡ୍ ଡି ମିନୌର୍ ଆର୍ଥର୍ କାଜାଉକ୍ସଙ୍କୁ ୪-୬, ୬-୨, ୬-୪, ୬-୦ରେ ଏବଂ ମୁନାର୍ ୬-୨, ୬-୩, ୭-୬ (୧୧-୯)ରେ ହଙ୍ଗେରୀର ଫାବିଆନ୍ ମୋରାଜ୍‌ସାନ୍‌ଙ୍କ ମାତ୍ ଦେଇଛନ୍ତି।

ମହିଳା ସିଙ୍ଗଲ୍ସରେ ସପ୍ତମ ସିଡ୍ ମୀରା ଆନ୍ଦ୍ରିଭା, ୧୧ଶ ସିଡ୍ ରିବାକିନା, ଏମ୍ମା ନାଭାରୋ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ନାଭାରୋ ରୁଷର ଭେରୋନିକା କୁଦରମୋଟୋଭାଙ୍କ ବିପକ୍ଷରେ ୬-୧, ୬-୨ର ସହଜ ବିଜୟ ହାସଲ କରିଛନ୍ତି। ସେହିପରି ଆନ୍ଦ୍ରିଭା ଇଟାଲୀର ଲୁସିଆ ବ୍ରୋନ୍‌ଜେଟିଙ୍କୁ ୬-୧, ୭-୬ (୭-୪)ରେ ହରାଇଛନ୍ତି। ରୁଷର ୧୧ଶ ସିଡ୍ ରିବାକିନା ଗ୍ରୀସ୍‌ର ମାରିଆ ସାକାରିଙ୍କୁ ୬-୩, ୬-୧ରେ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଏହା ବ୍ୟତୀତ ବେଲିଣ୍ଡା ବେନ୍‌ସିକ୍, ଡାନିଏଲ୍ କଲିନ୍ସ, ଏକାଟାରିନା ଆଲେକ୍‌ଜାଣ୍ଡ୍ରୋଭା, ଏଲିସାବେଟା କୋକିଆରେଟୋ ମଧ୍ୟ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ବାଲାଜୀ

ଭାରତୀୟ ଟେନିସ୍ ଖେଳାଳି ଏନ୍. ଶ୍ରୀରାମ ବାଲାଜୀ ଓ ତାଙ୍କ ମେକ୍ସିକାନ୍ ଯୋଡ଼ିଦାର ମୁଗୁଏଲ୍ ରେୟସ୍-ଭାରେଲା ଗୁରୁବାର ୱିମ୍ବଲଡନ୍‌ର ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ମେକ୍ସିକାନ୍ ଯୋଡ଼ି ଏକ ଘଣ୍ଟା ୧୧ ମିନିଟ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଆଲେକ୍‌ଜାଣ୍ଡର କୋଭାସେଭିକ୍ ଓ ଲର୍ନର ଟିଆନ୍‌ଙ୍କ ଆମେରିକୀୟ ଯୋଡ଼ିକୁ ୬-୪, ୬-୪ ସିଧା ସେଟ୍‌ରେ ହରାଇ ଦେଇଛି। ପରବର୍ତ୍ତୀ ରାଉଣ୍ଡରେ ବାଲାଜୀ ଓ ରେୟସ୍-ଭାଲେରା ଚତୁର୍ଥ ସିଡ୍ ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲୋସ୍‌ଙ୍କ ସ୍ପାନିସ୍-ଆର୍ଜେଣ୍ଟିନା ଯୋଡ଼ିକୁ ଭେଟିବେ।

ଏହା ପୂର୍ବରୁ ବୁଧବାର ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକୀୟ ଯୋଡ଼ିଦାର ରବର୍ଟ ଗାଲୋୱେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଥିଲେ। ଭାମ୍ବ୍ରି ଓ ଗାଲୋୱେ ମାନୁଏଲ୍ ଗୁଇନାର୍ଡ ଓ ରୋମେନ୍ ଆର୍ନିଓଡୋଙ୍କ ୧୬ଶ ସିଡ୍ ଫ୍ରେଞ୍ଚ-ମୋନାଗାସ୍କ ଯୋଡ଼ିକୁ ସଂଘର୍ଷପୂର୍ଣ୍ଣ ଏକ ଘଣ୍ଟା ୪୯ ମିନିଟ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୭-୬(୮), ୬-୪ରେ ହରାଇଥିଲେ। ସେହିପରି ଅନ୍ୟତମ ଭାରତୀୟ ରିତ୍ୱିକ୍ ଚୌଧୁରୀ ବୋଲିପାଲି ତାଙ୍କ କଲମ୍ବିଆନ୍ ସାଥୀ ନିକୋଲାସ୍ ବାରିଏଣ୍ଟୋସ୍‌ଙ୍କ ସହ ମିଶି ଫ୍ରାନ୍ସର ଆଲେକଜାଣ୍ଡ୍ରେ ମୁଲର୍ ଓ ବେଲ୍‌ଜିୟମ୍‌ର ଡେଭିଡ୍ ଗଫିନ୍‌ଙ୍କୁ ୪-୬, ୬-୪, ୭-୬ (୧୧)ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ଅନୁଭବୀ ଭାରତୀୟ ଖେଳାଳି ରୋହନ ବୋପନ୍ନା ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ବେଲ୍‌ଜିୟମ୍ ଯୋଡ଼ିଦାର ସାଣ୍ଡର୍ ଗିଲ୍‌ଙ୍କ ସହ ଜର୍ମାନୀର କେଭିନ୍ କ୍ରାୱିଟ୍‌ଜ ଏବଂ ଟିମ୍ ପୁଏଟ୍‌ଜଙ୍କ ତୃତୀୟ ସିଡ୍ ଯୋଡ଼ିଠାରୁ ୬-୩, ୬-୪ରେ ପରାଜିତ ହୋଇଥିଲେ।

## ଇତିହାସ ରଚିଲେ ସୋନମେଜ୍



ତୁର୍କୀର ଜେନେପ୍ ସୋନମେଜ୍ ଚଳିତ ୱିମ୍ବଲଡନ୍ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରି ଇତିହାସ ରଚିଛନ୍ତି। ବିଶ୍ୱ ନଂ.୮୮ ଖେଳାଳି ଜେନେପ୍ କୌଣସି ଗ୍ରାଣ୍ଡସ୍ଲାମ୍ ସିଙ୍ଗଲ୍ସର ତୃତୀୟ ରାଉଣ୍ଡରେ ପ୍ରବେଶ କରିବାରେ ଓପନ୍ ଏରାରେ ତୁର୍କୀର ପ୍ରଥମ ଖେଳାଳି ହୋଇଛନ୍ତି। ଇସ୍ତାନ୍‌ବୁଲ୍‌ରେ ଜନ୍ମିତ ୨୩ ବର୍ଷୀୟ ଜେନେପ୍ ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ଚୀନ୍‌ର ଜିନ୍‌ୟୁ ୱାଙ୍ଗଙ୍କୁ ୭-୫, ୭-୫ ସିଧା ସେଟ୍‌ରେ ହରାଇଛନ୍ତି। ୨୦୨୪ରେ ଫ୍ରେଞ୍ଚ ଓପନ୍‌ରେ ଗ୍ରାଣ୍ଡସ୍ଲାମ୍ ଡେବ୍ୟୁ କରିଥିବା ଜେନେପ୍ ୨୦୨୫ ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ଖେଳିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.
ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra